ODIA DAILY EDITION
29.08.2025
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ଅଗଷ୍ଟ-୨୯, ୨୦୨୫
ବର୍ଷ-୩୭, ସଂଖ୍ୟା-୫୩
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

36 Years of publication SINCE 1989

Epaper- www.matrubhasa.com  matrubhasanews@gmail.com  matrubhasanews@yahoo.co.in  facebook.com/matrubhasanews

## ମା' ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ

**ସମ୍ବଲପୁର, ୨୮।୮:** ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଇଙ୍କ ନିକଟରେ ଲାଗି ହେଲା ନବାନ୍ନ। ନୂଆଁଖାଇ ପାଇଁ ସମଲେଶ୍ୱରୀ

### ନୂଆଖାଇ ପାଇଁ ଉତ୍ସବମୁଖର ପଶ୍ଚିମ ଓଡ଼ିଶା



ମନ୍ଦିରକୁ ତିନି ପୂଜକଙ୍କ ଘରୁ ପ୍ରଥମେ ଭୋଗ ଆସିଥିଲା। ତାପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯିବା ସହ ନବାନ୍ନ ଲାଗି ହୋଇଥିଲା। ଏହି ଅବସରରେ ନୂଆ ଚାଉଳ ସହିତ କ୍ଷୀରି, ପିଠା, ସାରୁଶାଗ ଲାଗି ହୋଇଛି। ଏହା ପରେ ଲୋକେ ନିଜ ନିଜ ଘରେ କୁଳ ଦେବଦେବୀଙ୍କୁ ନୂଆଭୋଗ ଲାଗି କରି ନିଜେ ନୂଆ ଖାଇବେ।

ଗଣପର୍ବ ନୂଆଁଖାଇ ପାଇଁ ଉତ୍ସବମୁଖର ହୋଇଛି ପଶ୍ଚିମ ଓଡ଼ିଶାର ପୁରପଲ୍ଲୀ। ଗାଁରୁ ସହର, ସବୁଠି ଚାଲିଛି ପ୍ରସ୍ତୁତି। ଗୁରୁବାର ପୂର୍ବାହ୍ନ ୧୦ଟା ୩୩ରୁ ୧୦ଟା ୫୫ ମଧ୍ୟରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ନିକଟରେ ନବାନ୍ନ ଲାଗି ହୋଇଥିଲା। ଏହାପରେ ମା'ଙ୍କ ଦର୍ଶନ ପାଇଁ ମନ୍ଦିରଦ୍ୱାର ଖୋଲି ଦିଆଯିବ ବୋଲି ମନ୍ଦିରର ମୁଖ୍ୟ ପୂଜକ ଅମ୍ବିକା ରାୟ ସୂଚନା ଦେଇଥିଲେ।

ନୂଆଁଖାଇ ଅବସରରେ ଭୋଗମଣ୍ଡପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ବିଧାୟକ ଜୟନାରାୟଣ ମିଶ୍ର ଏବଂ ସେମାନଙ୍କ ସମର୍ଥକଙ୍କ ସହିତ ୨୯ ଜଣ ଜାତୀୟସ୍ତରର ଗଣମାଧ୍ୟମ ପ୍ରତିନିଧି ନବାନ୍ନ ଗ୍ରହଣ କରିବେ। ସେଥିପାଇଁ ବୁଧବାର ଓ ଗୁରୁବାର ଦୁଇଦିନ ମନ୍ଦିରର ଭୋଗମଣ୍ଡପକୁ ସାଧାରଣ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ ବନ୍ଦ କରାଯାଇଛି। କୌଣସି ଭକ୍ତ ଆଗ୍ରହ ପ୍ରକାଶ କଲେ ସେମାନଙ୍କୁ ଗୋଟିଏ ଦନା କାନିକା ଦିଆଯିବ ବୋଲି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ସୂଚନା ଦେଇଛନ୍ତି।

## ଏବେ ନିର୍ବାଚନ ହେଲେ ୩୦୦+ ସିଟ୍ ଜିତିବ ଏନଡିଏ

**ନୂଆଦିଲ୍ଲୀ, ୨୮।୮:** ବ୍ୟାକ ଟୁ ବ୍ୟାକ ୩ଟି ବିଧାନସଭା ନିର୍ବାଚନ ଜିତିଥିବା ବିଜେପି ନେତୃତ୍ୱାଧୀନ ଏନଡିଏ ଆଜି ଯଦି ଲୋକସଭା ନିର୍ବାଚନ ହେବ, ତା'ହେଲେ ୩୨୪ଟି ଆସନ ଜିତିବ। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେ-ସିଭୋଟର ମୁଡ ଅଫ ନେଶନ ସର୍ଭେ ପରେ ଏପରି ଦାବି କରାଯାଇଛି। ସେହିପରି ୨୦୨୪ ଲୋକସଭା ନିର୍ବାଚନ ୨୩୪ ଆସନ ଜିତିଥିବା କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ମେଣ୍ଟକୁ ବଡ଼ ଝଟକା ଲାଗିପାରେ। ୨୦୨୪ରେ ଏନଡିଏକୁ କଡ଼ା ଟକ୍କର ଦେଇଥିବା ବିରୋଧୀ ମେଣ୍ଟ ଏବେ ନିର୍ବାଚନ ହେଲେ କେବଳ ୨୦୮ଟି ଆସନ ଜିତି ପାରିବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

ଇଣ୍ଡିଆ ଟୁଡେ-ସିଭୋଟର ମୁଡ ଅଫ ନେଶନ ସର୍ଭେ ଚଳିତ ବର୍ଷ ଜୁଲାଇ ୧ରୁ ଅଗଷ୍ଟ ୧୪ ମଧ୍ୟରେ କରାଯାଇଥିଲା। ଦେଶର ସମସ୍ତ ଲୋକସଭା ଆସନରେ ସଂସ୍ଥା ସର୍ଭେ

- ମୁଡ ଅଫ ନେଶନ ସର୍ଭେ
- ୫୪,୭୮୮ ଜଣଙ୍କ ମତାମତ ସଂଗ୍ରହ
- ବିରୋଧୀ ମେଣ୍ଟକୁ କେବଳ ୨୦୮ ସିଟ୍

କରିଥିବା ଦାବି କରିଥିବା ବେଳେ ୫୪,୭୮୮ ଜଣଙ୍କ ମତାମତ ସଂଗ୍ରହ କରିଥିଲା। ଅତିରିକ୍ତ ଭାବେ ସି ଭୋଟରର ନିୟମିତ ଟ୍ରାକର ତଥ୍ୟରୁ ୧,୫୧,୦୩୮ ସାକ୍ଷାତକାରକୁ ମଧ୍ୟ ବିଶ୍ଳେଷଣ କରାଯାଇଥିଲା। ଏହାର ଅର୍ଥ ୨,୦୬,୮୨୬ଟି ମତାମତକୁ



ନେଇ ରିପୋର୍ଟ ପ୍ରକାଶ କରାଯାଇଛି।

୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଏକାକୀ ୨୪୦ଟି ଆସନ ଜିତିଥିଲା। ସରକାର ଗଠନ ପାଇଁ ମ୍ୟାଜିକ ନମ୍ବର ୨୭୨ ହୋଇଥିବା ବେଳେ ବିଜେପି ୩୨ଟି ଆସନ ପଛରେ ରହି ଯାଇଥିଲା। କିନ୍ତୁ ବିଜେପି ସହଯୋଗୀ ଦଳଗୁଡ଼ିକୁ ସାଥୀ କରି ୨୯୩ ଜଣ ସାଂସଦଙ୍କ ସମର୍ଥନରେ ସରକାର ଗଠନ କରିଛି।

ଜବାହରଲାଲ ନେହରୁ ଓ ଇନ୍ଦିରା ଗାନ୍ଧିଙ୍କ ପରେ ନରେନ୍ଦ୍ର ମୋଦି କ୍ରମାଗତ ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବାର ରେକର୍ଡ ମଧ୍ୟ କରିଥିଲେ। ୨୦୨୪ ଲୋକସଭା ନିର୍ବାଚନରେ ବିରୋଧୀ ମେଣ୍ଟ ୨୩୪ଟି ଆସନ ଜିତି ଦମ୍ଭ ଦେଖାଇଥିଲେ ହେଁ ଏହା ପରେ କେବଳ ନିରାଶ ହୋଇଛି। ମହାରାଷ୍ଟ୍ର, ଦିଲ୍ଲୀ ଓ ହରିୟାଣା ବିଧାନସଭା ଭୋଟରେ ବିରୋଧୀଙ୍କୁ ହାରିବାକୁ ପଡ଼ିଛି।

ଏବେ ମୁଡ ଅଫ ନେଶନ ସର୍ଭେରେ ମଧ୍ୟ ଏନଡିଏ ଠାରୁ ବିରୋଧୀ ବହୁ ପଛରେ ରହିବେ ବୋଲି ଆକଳନ କରାଯାଇଛି। ଯଦି ଦଳୱାରୀ ଆକଳନକୁ ବିଚାରକୁ ନେବା, ତା'ହେଲେ ଆଜି ଯଦି ଲୋକସଭା ନିର୍ବାଚନ ହେବ, ତା'ହେଲେ ବିଜେପି ଏକାକୀ ୨୬୦ଟି ଆସନ ଜିତିବ। ତଥାପି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିପାରିବ ନାହିଁ।

ସେହିପରି ଫେବୃଆରୀ ମାସରେ ମୁଡ ଅଫ ନେଶନ ତୁଳନାରେ ବିଜେପି କମ ଆସନ ପାଇବ। ଫେବୃଆରୀ ମାସରେ ହୋଇଥିବା ସର୍ଭେରେ ବିଜେପି ଏକାକୀ ୨୮୧ଟି ଆସନ ଜିତିବ ବୋଲି କୁହାଯାଇଥିଲା।

## ପୁଅର ମୁଥ ମାଡ଼ରେ ବାପା ମୃତ

**କୁଚିଣ୍ଡା, ୨୮।୮(ମାନିସ):** ସମ୍ବଲପୁର ଜିଲ୍ଲାରେ ଘରେ ଘରେ ନୂଆଁଖାଇ ହର୍ଷ ଉଲ୍ଲାସରେ ପାଳନ କରାଯାଉଥିବା ସମୟରେ କୁଚିଣ୍ଡା ଥାନା ଚାରଭାଟି ଗ୍ରାମରେ ଜଣେ ୨୩ ବର୍ଷ ବୟସ୍କ ଯୁବକ ବିବର୍ଦ୍ଧନ ରକ୍ସା, ୭୦ ବର୍ଷ ବୟସ୍କ ପିତା କୃପା ସିନ୍ଧୁ ରକ୍ସାଙ୍କୁ ନିର୍ମମ ଭାବେର ପିଟି ପିଟି ହତ୍ୟା କରିଥିବା ଜଣାପଡିଛି। ଖବର ପାଇ ପୁଲିସ ମୃତଦେହକୁ ଜବତ କରି କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ପାଠାଇଛି। ଅଭିଯୁକ୍ତ ପୁଅଙ୍କୁ କୁଚିଣ୍ଡା ଥାନାରେ ଅଟକ ରଖାଯାଇଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ପରିବାରର ସଦସ୍ୟ ମାନେ ନୂଆଁଖାଇ ପାଳନ କରିବା ପାଇଁ ପ୍ରସ୍ତୁତି କରୁଥିବା ବେଳେ ଚାରଭାଟି ଗ୍ରାମର ବିବର୍ଦ୍ଧନ ରକ୍ସା ମଦ ପିଇ ଘରକୁ ଆସି ବାପା କୃପାସିନ୍ଧୁ ରକ୍ସାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ପୁଅର ଏପରି ଅବସ୍ଥା ଦେଖି କୃପାସିନ୍ଧୁ ଟଙ୍କା ଦେବାକୁ ମନା କରିଥିଲେ। ଏହାକୁ ନେଇ ବାପ ଓ ପୁଅ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିବର୍ଦ୍ଧନ ବାପାଙ୍କୁ ଧକ୍କା ମାରି ତଳେ ପକାଇ ଦେବା ସହ ବେକର ପଛପଟେ ବାରମ୍ବାର ମୁଥ ଓ ବିଧା ମାରିଥିଲା ଫଳରେ ଘଟଣାସ୍ଥଳରେ କୃପାସିନ୍ଧୁ ମୃତ୍ୟୁ ବରଣ କରିଥିଲେ।

| | |
|---|---|
| ସେନ୍‌ସେକ୍ସ | ୮୦,୦୮୦ |
| ନିଫ୍ଟି | ୨୪,୫୦୦ |
| ସୁନା/୧୦ଗ୍ରା | ୧,୦୪,୪୭୫ |
| ରୂପା/କିଗ୍ରା | ୧,୧୭,୦୦୦ |
| ଡଲାର | ୮୭.୫୮ |

### ପାଣିପାଗ

**ସର୍ବାଧିକ**
ଭୁବନେଶ୍ୱର: ୩୨.୮°
କଟକ: ୩୨.୬°

**ସର୍ବନିମ୍ନ**
ଭୁବନେଶ୍ୱର: ୨୪.୧°
କଟକ: ୨୪.୬°

## ଆଜିଠାରୁ ଏସ୍‌ସି-ଏସ୍‌ଟି ଜାତୀୟ ସମ୍ମିଳନୀ

### ଓଡ଼ିଶା ଆସୁଛନ୍ତି ଲୋକସଭା ବାଚସ୍ପତି ଓ ରାଜ୍ୟସଭା ଉପାଧ୍ୟକ୍ଷ

*୧୯୯୪ ପରେ ପ୍ରଥମଥର ଓଡ଼ିଶାରେ କୌଣସି ସଂସଦୀୟ କମିଟିର ବୈଠକ ହେବାକୁ ଯାଉଛି*

**ଭୁବନେଶ୍ୱର, ୨୮।୮:** ଶୁକ୍ରବାର ଓଡ଼ିଶା ଆସୁଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ। ଅନୁସୂଚିତ ଜାତି ଓ ଜନଜାତି ସଂସଦୀୟ କମିଟିର ଜାତୀୟ ସମ୍ମିଳନୀରେ ହେବେ ସାମିଲ। ଅଗଷ୍ଟ ୨୯ ଏବଂ ୩୦ ଦୁଇଦିନ ଲୋକସେବା ଭବନ କନଭେନସନରେ ଏହି ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ। ୧୯୯୪ ପରେ ପ୍ରଥମ ଥର ପାଇଁ ଓଡ଼ିଶାରେ କୌଣସି ସଂସଦୀୟ କମିଟିର ବୈଠକ ହେବାକୁ ଯାଉଛି। ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା କମିଟିର ଜଣେ ଅଧ୍ୟକ୍ଷ, ୫ଜଣ



ସଦସ୍ୟ ଏବଂ ୪ ଜଣ ବିଧାୟକ ଯୋଗଦେବେ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସଂସଦୀୟ କମିଟିର ୩୦ ଜଣ ସଦସ୍ୟ ଯୋଗଦେବେ। ଏହାକୁ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଉଦଘାଟନ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସମେତ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ଯୋଗଦେବେ। ସାରା ଦେଶରୁ ୨୪୦ରୁ ଅଧିକ ଜନ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀର ବିଷୟବସ୍ତୁ ହେଉଛି ଆଦିବାସୀ ବିକାଶରେ ସଂସଦୀୟ କମିଟିର ଭୂମିକା। ଯାହା ସମ୍ପର୍କରେ ଆଲୋଚନା ହେବ। ଉଦଯାପନୀ ସମାରୋହରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ସମେତ ରାଜ୍ୟ ମନ୍ତ୍ରୀମାନେ ଉଦବୋଧନ ଦେବେ। ଏ ନେଇ ଆଜି ବିଧାନସଭା ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ସାମ୍ବିଧାନିକ ସୁରକ୍ଷା ଓ ଆଦିବାସୀ ବିକାଶ ନେଇ ବିଭିନ୍ନ ରାଜ୍ୟ ନେଇଥିବା ପଦକ୍ଷେପକୁ ଏହି ସମ୍ମିଳନୀରେ ଉପସ୍ଥାପନ କରାଯିବ। ୩୧ ବର୍ଷ ପରେ ଏହା ଓଡ଼ିଶାରେ ଆୟୋଜନ କରାଯାଉଛି। ଓଡ଼ିଶାର ହସ୍ତଶିଳ୍ପ, କାରିଗରୀ, ସଂସ୍କୃତି ଓ କଳାକୁ ନେଇ ଏକ ପ୍ରଦର୍ଶନୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ। ଉଦଯାପନୀ ପରେ ପ୍ରତିନିଧିମାନଙ୍କୁ କୋଣାର୍କ ସହ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରାଯିବ।

### ମହାନଦୀ ଜଳ ବିବାଦ ସମାଧାନ ଉଦ୍ୟମ

## ରାୟପୁରରେ ଗୋଲ ଟେବୁଲ୍ ବୈଠକ

**ରାୟପୁର, ୨୮।୮:** ମହାନଦୀ ଜଳ ବିବାଦର ସମାଧାନ ପାଇଁ ରାୟପୁରରେ ଗୋଲ ଟେବୁଲ ବୈଠକ ବସିଛି। ବୈଠକରେ ଅଧ୍ୟକ୍ଷତା କରିଛନ୍ତି ଜଳ ମାନବ ଡକ୍ଟର ରାଜେନ୍ଦ୍ର ସିଂହ। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାୟପୁର ଯାଇ ଏହି

- ବୈଠକରେ ଅଧ୍ୟକ୍ଷତା କଲେ ଜଳ ମାନବ ଡକ୍ଟର ରାଜେନ୍ଦ୍ର ସିଂହ
- ଆଜି ଛତିଶଗଡ଼ ସରକାରଙ୍କ ପଦାଧିକାରୀଙ୍କ ସହ ଆଲୋଚନା

ବୈଠକରେ ସାମିଲ୍ ହୋଇଛନ୍ତି। ଆସନ୍ତାକାଲି ଛତିଶଗଡ ସରକାରଙ୍କ ପଦାଧିକାରୀଙ୍କ ସହିତ ଆଲୋଚନା କରାଯିବ।

ମହାନଦୀ ଉଭୟ ଓଡ଼ିଶା ଏବଂ ଛତିଶଗଡ ପାଇଁ ଗୁରୁତ୍ୱପୂର୍ଣ୍ଣ ଏବଂ ଜୀବନରେଖା। ଓଡ଼ିଶାରେ ସମୁଦ୍ରକୁ ଭେଟିବା ପୂର୍ବରୁ ୯୦୦ କିଲୋମିଟର ବ୍ୟାପିଛି। ଏହି ନଦୀ



ଭାରତର ଜଳବାୟୁକୁ ସନ୍ତୁଳିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବାବେଳେ ଉଭୟ ରାଜ୍ୟର ସଂସ୍କୃତି, ସାହିତ୍ୟ, ଅର୍ଥନୀତି, ପରିବେଶ ଏବଂ ସମୃଦ୍ଧତାକୁ ବଜାୟ ରଖିଛି। ମହାନଦୀ ଅବବାହିକା ଏବେ ସଙ୍କଟର ସମ୍ମୁଖୀନ ହୋଇଛି। ବିଶେଷ କରି ଅଣ ମୌସୁମୀ ସମୟରେ ଜଳ ଉପଲବ୍ଧତା ହ୍ରାସ ପାଇଛି। ବ୍ୟାପକ ଶିଳ୍ପାୟନ ନଦୀର ଇକୋସିଷ୍ଟମକୁ କ୍ଷତି ପହଞ୍ଚାଇବା ସହ ସଙ୍କଟ ବଢ଼ାଇ ଦେଇଛି।

### ଆସନ୍ତା ୩୦ରୁ ଭିତରକନିକାରେ ପକ୍ଷୀ ଗଣନା

**ରାଜନଗର, ୨୮।୮:** ଆସନ୍ତା ୩୦ ତାରିଖରୁ ଭିତରକନିକାରେ ପକ୍ଷୀ ଗଣନା। ଅଗଷ୍ଟ ୩୦ ତାରିଖରୁ ପକ୍ଷୀ ଗଣନା ଆରମ୍ଭ ହୋଇ ସେପ୍ଟେମ୍ବର ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୩ ଦିନ ଧରି ପକ୍ଷୀ ଗଣନା ହେବ। ମଠଆଡିଆ, ଲକ୍ଷ୍ମୀପ୍ରସାଦଡ଼ିଆ, ଦୁର୍ଗାପ୍ରସାଦ ଡିଆ ଓ ବାଲିଡିଆରେ ପକ୍ଷୀ ଗଣନା କରାଯିବ। ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ପକ୍ଷୀ ଥିବା ନେଇ ଆଶାବାଦୀ ଅଛନ୍ତି ରାଜନଗର ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଙ୍କର।

## ଗଛରେ ବାଇକ୍ ପିଟିହୋଇ ୨ ନାବାଳକ ମୃତ

**ବାରିପଦା, ୨୮।୮:** ଭାରସାମ୍ୟ ହରାଇ ଗଛରେ ପିଟିହେଲା ବାଇକ୍। ଚାଲିଗଲା ୨ ନାବାଳକଙ୍କ ଜୀବନ। ଘଟଣାଟି ଘଟିଛି ବାରିପଦାର ରଙ୍ଗାମାଟିଆ ନିକଟରେ। ମୃତକ ଦ୍ୱୟ ହେଉଛନ୍ତି, ରାକେଶ ନାଏକ (୧୩) ଓ ଶୁଭ ନାଏକ (୧୭)। ଉଭୟ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ବାଗିଆବେଡ଼ା ଗାଁର। ରାକେଶ ଓ ଶୁଭଙ୍କ ସମେତ ୪ ଜଣ ଦୁଇଟି ବାଇକ୍‌ରେ ବାରିପଦାର ଲୁଲୁଙ୍ଗ ବୁଲିବାକୁ ଯାଉଥିଲେ। ହେଲେ ବାଟରେ ରଙ୍ଗାମାଟିଆ ନିକଟରେ ଗୋଟିଏ ବାଇକ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଥିଲା। ସେହି ବାଇକରେ ରାକେଶ ଓ ଶୁଭ ବସିଥିଲେ। ଦୁର୍ଘଟଣା ପରେ ରାକେଶ ଓ ଶୁଭଙ୍କୁ ସେମାନଙ୍କର ଅନ୍ୟ ଦୁଇ ସାଙ୍ଗ ବାରିପଦା ମେଡିକାଲ କଲେଜ ଓ ହସ୍‌ପିଟାଲକୁ ନେଇଥିଲେ।

## ଏନକାଉଣ୍ଟରରେ ୪ ମାଓବାଦୀ ମୃତ

**ଭୁବନେଶ୍ୱର, ୨୮।୮:** ଛତିଶଗଡ଼-ମହାରାଷ୍ଟ୍ର ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଥିବାର ସୂଚନା ରହିଛି। ଗଡଚିରୋଲି-ନାରାୟଣପୁର ସୀମାବର୍ତ୍ତୀ ଜଂଗଲରେ ଗୁଳିବିନିମୟ ହୋଇଥିବା ଜଣାଯାଇଛି। ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ମହିଳା ଥିବା କୁହାଯାଉଛି।

ଛତିଶଗଡ଼- ମହାରାଷ୍ଟ୍ର ସୀମାରେ ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୪ ମାଓବାଦୀଙ୍କ ମୃତ୍ୟୁ ହୋଇଥିବାର ସୂଚନା ରହିଛି। ଗଡଚିରୋଲି-ନାରାୟଣପୁର ସୀମାବର୍ତ୍ତୀ ଜଂଗଲରେ ଗୁଳିବିନିମୟ ହୋଇଥିବା ଜଣାଯାଇଛି। ଯବାନଙ୍କ ଗୁଳିରେ ୪ ମାଓବାଦୀ ନିହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ମହିଳା ଥିବା କୁହାଯାଉଛି। ମହାରାଷ୍ଟ୍ରର ସି-୬୦ ଓ ସିଆରପିଏଫ୍ ଯବାନଙ୍କ ମିଳିତ ଅପରେସନରେ ଏଭଳି ସଫଳତା ମିଳିଛି। ଘଟଣା ସ୍ଥଳରୁ ଗୋଟିଏ ଏସଏଲଆର, ୨ଟି ଇନସାସ୍ ଓ ଗୋଟିଏ ୩୦୩ ବନ୍ଧୁକ ଜବତ କରାଯାଇଛି।

କୁପୱାଡ଼ା ଜିଲ୍ଲାରେ ଡ୍ୟୁଟି ସମୟରେ ଜଣେ ସେନା ଯବାନ ଶହୀଦ ହୋଇଛନ୍ତି। ଗୁରୁବାର ଦିନ ସେନା ପକ୍ଷରୁ ଏହି ସୂଚନା

### କୁପୱାଡାରେ ଯବାନ ସହିଦ

ଦିଆଯାଇଛି। ଶ୍ରୀନଗର ସ୍ଥିତ ସେନାର ଚିନାର କୋର ଏକ୍ସରେ ଜଣାଇଛି ଯେ, କୁପୱାଡ଼ା ଜିଲ୍ଲାରେ ଅପରେସନାଲ ଡ୍ୟୁଟି ସମୟରେ ବୀର ହାବିଲଦାର ଇକବାଲ ଅଲିଙ୍କ ସର୍ବୋଚ୍ଚ ବଳିଦାନକୁ ଚିନାର କୋର ସମ୍ମାନ ଜଣାଉଛି। ତାଙ୍କର ସାହସ ଓ ସମର୍ପଣ ଆମକୁ ସର୍ବଦା ପ୍ରେରଣା ଦେବ। ସେନା କହିଛି ଯେ ଚିନାର ଯୋଦ୍ଧା ଯବାନଙ୍କର ସାହସ ଓ ବଳିଦାନକୁ ସଲାମ କରୁଛନ୍ତି।

## ନବୀନ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ

**ଭୁବନେଶ୍ୱର, ୨୮।୮:** ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ(ବିଜେଡି)ର ପରାଜୟ ପରେ ଦଳରେ ବିଶୃଙ୍ଖଳା ଲାଗିରହିଛି। କେତେବେଳେ ପ୍ରତ୍ୟକ୍ଷ ଭାବେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଉପରକୁ ବରିଷ୍ଠ ନେତା ଅଙ୍ଗୁଳି ଉଠାଉଛନ୍ତି ତ ଆଉ କେତେବେଳେ ପରୋକ୍ଷରେ ବାଣ ମାରୁଛନ୍ତି। ବଦ୍ରି ପାତ୍ରଙ୍କ ପରେ ଆଜି ଅର୍ଥାତ୍? ଗୁରୁବାର ବରିଷ୍ଠ ନେତା ଅଶୋକ ପଣ୍ଡା ଟେର୍ଛା ବାଣ ମାରିଛନ୍ତି। ଆଇ ଆମ୍? ଡାଉନ ବଟ୍? ନଟ ଆଉଟ୍? ଏହି କଥାକୁ ନେଇ ଚାଲିଥିବା ଚର୍ଚ୍ଚାରେ ସେ କହିଛନ୍ତି, ମୁଁ ଛି କହିପାରିବିନି; ଯିଏ କହିଛନ୍ତି, ଯାହାଙ୍କ ଉଦ୍ଦେଶ୍ୟରେ କହିଛନ୍ତି ସେ ହିଁ କହିପାରିବେ। ନବୀନ ବାବୁ ଶିଖାଇ ନାହାନ୍ତି ବାଉଣ୍ଡରୀ ବାହାରକୁ ଯିବାକୁ।

୪୧ ପ୍ରତିଶତ ଜନାଦେଶ ପାଇଛୁ, ଆଉଟ ହେବାର ପ୍ରଶ୍ନ ଉଠୁ ନାହିଁ। ନବୀନ ସାଢ଼େ ୪ କୋଟି ଓଡ଼ିଆଙ୍କ ସମ୍ପତ୍ତି, କୌଣସି ବ୍ୟକ୍ତି



- ମୁହଁ ଖୋଲିଲେ ଅଶୋକ ପଣ୍ଡା
- ବିଜେଡିରେ ବଡ଼ ହଲଚଲ

ବିଶେଷଙ୍କର ନୁହନ୍ତି। ଶ୍ରୀରାମଙ୍କ ୧୪ ବର୍ଷ ବନବାସ ବେଳେ ସୀତାଙ୍କ ପାଇଁ ଲକ୍ଷ୍ମଣରେଖା ଟାଣିଥିଲେ ଭାଇ ଲକ୍ଷ୍ମଣ। ସବୁ କ୍ଷେତ୍ରରେ ଶୃଙ୍ଖଳା ଅନୁଶାସନର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଅଶୋକ ପଣ୍ଡା। ସେ କହିଛନ୍ତି ଦଳ ସମସ୍ତଙ୍କୁ ନେଇ ଚାଲିବ, ନିର୍ଦ୍ଦିଷ୍ଟ ବର୍ଗଙ୍କୁ ନେଇ ଚାଲିପାରିବ ନାହିଁ।

ଅନ୍ୟପକ୍ଷରେ ନିକଟରେ ଦଳର ବରିଷ୍ଠ ନେତା ତଥା ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ କେତେଜଣ ବରିଷ୍ଠ ନେତା ଅସୁସ୍ଥ ନବୀନବାବୁଙ୍କୁ ହସ୍ପିଟାଲ୍‌ରେ ସାକ୍ଷାତ୍ କରିବାକୁ ଯାଇଥିବାବେଳେ ସେମାନଙ୍କୁ ସୁଯୋଗ ମିଳି ନ ଥିଲା। ଏହାକୁ ଦଳର ନେତା ଓ କର୍ମୀମାନେ ହଜମ କରିପାରୁନାହାନ୍ତି। ରାଜନୀତିରୁ ସନ୍ନ୍ୟାସ ନେଇଥିବା ଭୈରବ କାର୍ତ୍ତିକ ପାଣ୍ଡିଆନଙ୍କୁ ଦଳର ସଭାପତି ଗୁରୁତ୍ୱ ଦେଉଥିବାରୁ ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏପରି କି ଦଳ ବିଭାଜନ ଆଡ଼କୁ ମୁହାଁଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି।

ଏହି ପ୍ରସଙ୍ଗରେ ପୂର୍ବରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ପ୍ରଶ୍ନ ଉଠାଇଥିବାବେଳେ ବୁଧବାର ଗଣେଶ ଚତୁର୍ଥୀରେ ବିଜେଡିର ବରିଷ୍ଠ ନେତା ତଥା ବିଧାୟକ ବଦ୍ରି ନାରାୟଣ ପାତ୍ର ନବୀନଙ୍କୁ ଟେର୍ଛା ବାଣ ମାରିଛନ୍ତି। ସେ କହିଛନ୍ତି, ସାଧାରଣ ନିର୍ବାଚନରେ ନବୀନ ଲୋକ ତଥା ଭୋଟରଙ୍କୁ ଗୁରୁତ୍ୱ ଦେଲେନାହିଁ ବୋଲି ଦଳର ପରାଜୟ ହେଲା। ଗଣତନ୍ତ୍ରରେ ଲୋକମାନେ ହେଲେ ସର୍ବେସର୍ବା। ସେମାନଙ୍କୁ ନେଇ ଦଳ ଆଗକୁ ବଢ଼ିବା କଥା।

## ଆସୁଛି ଆଉ ଏକ ଘୂର୍ଣ୍ଣିବଳୟ

### ସେପ୍ଟେମ୍ବର ୧ରୁ ପୁଣି ଭିଜିବ ଓଡ଼ିଶା

**ଭୁବନେଶ୍ୱର ୨୮।୮:** ରାଜ୍ୟ ଉପରେ ପୁଣି ଆଉ ଏକ ଘୂର୍ଣ୍ଣିବଳୟ। ଉତ୍ତର ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ନେଇ ସମ୍ଭାବନା ରହିଛି ବୋଲି ସୂଚନା ଦେଇଛନ୍ତି ପାଣିପାଗ ବୈଜ୍ଞାନିକ ଶରତ ସାହୁ। ଯାହା ଫଳରେ ସେପ୍ଟେମ୍ବର ପହିଲାରୁ ରାଜ୍ୟରେ ପୁଣି ଜାରି ରହିବ ବର୍ଷା ପୁଣି ଭିଜିବ ଓଡ଼ିଶା।

ସେପଟେ ଲଘୁଚାପ ପ୍ରଭାବରେ ଆଉ ୩ ଦିନ ରାଜ୍ୟରେ ପ୍ରବଳ ବର୍ଷା ଚେତାବନୀ ବି ରହିଥିବା ବେଳେ ଲଘୁଚାପରେ ପରିଣତ ହୋଇଛି ସଦୃଶ ଲଘୁଚାପ। ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଗୁରୁବାର ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାକୁ ଥିବାବେଳେ ଶୁକ୍ରବାରଠୁ କମିବ ବର୍ଷାର ପରିମାଣ। ଉତ୍ତର ଓ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ୩୦ ତାରିଖ ଯାଏଁ ପ୍ରବଳ ବର୍ଷାର ସମ୍ଭାବନା ନଥିବା ବେଳେ ପୁଣି ୩୧ରୁ ବଢ଼ିବ ବର୍ଷା। ୩୧ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ବିଭାଗ। ଆହୁରି ୨୪ ଘଣ୍ଟା ମତ୍ସ୍ୟଜୀବୀଙ୍କ ପାଇଁ ଚେତାବନୀ ଦେଇଛି ବିଭାଗ। ସେପଟେ ପାଣିପାଗ ବିଶେଷଜ୍ଞ କହିଛନ୍ତି ଦକ୍ଷିଣ ପୂର୍ବ ଦିଗରୁ ପବନ ପ୍ରବାହିତ ହେଉଛି ପ୍ରଭାବରେ ବର୍ଷା ସମ୍ଭାବନା ରହୁଛି।

**୩୦ ଯାଏ ବଡ଼ ବର୍ଷା ନାହିଁ**

### ହାଲ୍‌ଚାଲ୍



ନୂଆଖାଇ ପାଇଁ ପଶ୍ଚିମ ଓଡ଼ିଶା ଉତ୍ସବ ମୁଖର ହୋଇଛି
ମା' ସମଲେଇଙ୍କ ନିକଟରେ ନବାନ୍ନ ଲାଗି ହୋଇଛି
ଘରେ ଘରେ ସବୁ ନୂଆ ଖାଇଛନ୍ତି
ସମ୍ବଲପୁର ଉଠୁଛି ପଡୁଛି।

## ଟ୍ୟୁସନ ବିନା ପାଠ ପଢୁନାହାନ୍ତି ରାଜ୍ୟର ୫୦% ପିଲା

**ଭୁବନେଶ୍ୱର, ୨୮।୮:** ସରକାରଙ୍କ ଫୋକସରେ ଶିକ୍ଷା। ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ପାଇଁ ମାଳମାଳ ଯୋଜନା। ହେଲେ ବାସ୍ତବତା ସମ୍ପୂର୍ଣ୍ଣ ଭିନ୍ନ। ଛାତ୍ରଛାତ୍ରୀ ସ୍କୁଲ ଯାଉଛନ୍ତି, ହେଲେ ପାଠ ପଢିବାକୁ ଘରୋଇ ଟ୍ୟୁସନରେ ଲାଇନ୍ ଲଗାଉଛନ୍ତି। କେନ୍ଦ୍ର ସରକାରଙ୍କ କମ୍ପ୍ରେହେନସିଭ ମଡ୍ୟୁଲାର ସର୍ଭେ(ସିଏମଏସ) ରିପୋର୍ଟରେ ଆସିଥିବା ତଥ୍ୟ ବେଶ ଉଦବେଗଜନକ। ରାଜ୍ୟରେ ସ୍କୁଲ ପାଠପଢା ଅପେକ୍ଷା ଘରୋଇ କୋଚିଂ ପାଠପଢାକୁ ଅଧିକ ଭରସୁଛନ୍ତି ଛାତ୍ରଛାତ୍ରୀ। ସେହିଭଳି ଦେଶରେ ଏକ ତୃତୀୟାଂଶ ସ୍କୁଲ ଛାତ୍ର ଟ୍ୟୁସନ ମୁହାଁ।

ଓଡ଼ିଶାରେ ପ୍ରାକ୍-ପ୍ରାଥମିକରୁ

- ଘରୋଇ କୋଚିଂ ଭରସାରେ ଛାତ୍ରଛାତ୍ରୀ
- ବାର୍ଷିକ ୯ ଗୁଣ ଅଧିକ ଖର୍ଚ୍ଚ

ଉଚ୍ଚଶିକ୍ଷା ସ୍ତରରେ ୫୭% ଛାତ୍ରଛାତ୍ରୀ ଟ୍ୟୁସନମୁହାଁ। ସହରାଞ୍ଚଳରେ ୬୬% ଓ ଗ୍ରାମାଞ୍ଚଳରେ ୫୪% ଛାତ୍ରଛାତ୍ରୀଙ୍କୁ ଟ୍ୟୁସନ ଆବଶ୍ୟକ। ନବମ ଓ ଦଶମ ଶ୍ରେଣୀରେ ସର୍ବାଧିକ ୬୮.୭% ଛାତ୍ରଛାତ୍ରୀ ଟ୍ୟୁସନରେ ପଢୁଛନ୍ତି ପାଠ। ଦେଶରେ ୨୭% ଛାତ୍ରଛାତ୍ରୀ ଘରୋଇ କୋଚିଂ ନେଉଛନ୍ତି।



ସହରାଞ୍ଚଳରେ ୩୦.୭% ଓ ଗ୍ରାମାଞ୍ଚଳରେ ୨୫.୫% ଟ୍ୟୁସନ ଯାଉଛନ୍ତି।

ଏଭଳି ସ୍ଥିତି ପାଇଁ ସରକାରୀ ବ୍ୟବସ୍ଥାକୁ ଦାୟୀ କରିଛନ୍ତି ଅଭିଭାବକ। ପ୍ରାକ୍-ପ୍ରାଥମିକ ସ୍ତରରୁ ହିଁ ପିଲାଙ୍କୁ ଘରୋଇ କୋଚିଂ ପାଇଁ ପଠାଯାଉଛି। ଅଥାର୍ତ ଅଭିଭାବଙ୍କର ସ୍କୁଲ ଶିକ୍ଷାଦାନ ଉପରେ ସେତେଟା ଭରସା ରହୁନି। ଘରୋଇ କୋଚିଂ ବାବଦକୁ ଅଭିଭାବକଙ୍କୁ ମୋଟା ଅଙ୍କର ଟଙ୍କା ମଧ୍ୟ ଗଣିବାକୁ ପଡୁଛି।

ସହରାଞ୍ଚଳରେ ପିଲା ପିଛା ବାର୍ଷିକ ଟ୍ୟୁସନ୍ ପାଇଁ ୧୦ ହଜାର ୮୯୯ ଟଙ୍କା ଖର୍ଚ୍ଚ ହେଉଛି। ଘରୋଇ କୋଚିଂ ପାଇଁ ଗ୍ରାମାଞ୍ଚଳରେ ଛାତ୍ରଛାତ୍ରୀଙ୍କ ପିଛା ବାର୍ଷିକ ୩ ହଜାର ୫୪୭ ଟଙ୍କା ଖର୍ଚ୍ଚ ହେଉଛି। ଉଚ୍ଚମାଧ୍ୟମିକ ଶିକ୍ଷାସ୍ତରରେ ଶିକ୍ଷା ଖର୍ଚ୍ଚ ବାବଦକୁ ସରକାରୀ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ପରିବାର ବାର୍ଷିକ ୮ ହଜାର ୧୧୭ ଟଙ୍କା ଖର୍ଚ୍ଚ କରିଥାଆନ୍ତି। ଘରୋଇ ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ୪୦ ହଜାର ୧୪୭ ଟଙ୍କା ଖର୍ଚ୍ଚ କରିଥାନ୍ତି ପରିବାର। ପକେଟକୁ ବାଧୁଥିଲେ ମଧ୍ୟ ପିଲାଙ୍କ ଭବିଷ୍ୟତ ସହ ସାଲିସ କରିବାକୁ ଚାହୁଁନାହାନ୍ତି ଅଭିଭାବକ। ପ୍ରଶ୍ନ ଉଠୁଛି, ସ୍କୁଲରେ ପଢ଼ା ହେଉଥିବା ବେଳେ ଟ୍ୟୁସନମୁହାଁ କାହିଁକି ହେଉଛନ୍ତି ଛାତ୍ରଛାତ୍ରୀ? ସ୍କୁଲ ପାଠପଢ଼ା ଉପରେ ଅଭିଭାବକଙ୍କର ରହୁନି କି ଭରସା?

ମାତୃଭାଷା



# ଜାପାନ ଏବଂ ଚୀନ୍ ଗସ୍ତ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ବିବୃତ୍ତି

ନୂଆଦିଲ୍ଲୀ (ପିଆଇବି) : ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ନିମନ୍ତ୍ରଣରେ, ମୁଁ ୧୫ତମ ବାର୍ଷିକ ଶିଖର ସମ୍ମିଳନୀ ପାଇଁ ଦୁଇ ଦିନିଆ ଜାପାନ ଗସ୍ତରେ ଯାଉଛି। ଏହି ଗସ୍ତ ସମୟରେ, ଆମେ ଆମର ସ୍ୱତନ୍ତ୍ର ରଣନୈତିକ ଏବଂ ବିଶ୍ୱସ୍ତରୀୟ ସହଭାଗୀତାକୁ ଦୃଢ଼ କରିବା ଉପରେ ଧ୍ୟାନ ଦେବୁ, ଯାହା ଗତ ଏଗାର ବର୍ଷ ମଧ୍ୟରେ ନିରନ୍ତର ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ହାସଲ କରିଛି। ଆମେ ଆମର ସହଯୋଗକୁ ନୂତନ ଉଚ୍ଚତାକୁ ନେଇଯିବୁ, ଅର୍ଥନୈତିକ ଏବଂ ନିବେଶ ସମ୍ପର୍କର ପରିସର ଏବଂ ମହତ୍ୱାକାଂକ୍ଷାକୁ ବିସ୍ତାର କରିବାକୁ ଚେଷ୍ଟା କରିବୁ, ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ସେମିକଣ୍ଡକ୍ଟର ସମେତ ନୂତନ ଓ ଉଦୀୟମାନ ପ୍ରଯୁକ୍ତିବିଦ୍ୟାରେ ସହଯୋଗକୁ ଆଗକୁ ବଢ଼ାଇବାକୁ ଚେଷ୍ଟା କରିବୁ। ଏହି ଗସ୍ତ ଆମର ସଭ୍ୟତାଗତ ବନ୍ଧନ ଏବଂ ଆମର ଲୋକଙ୍କୁ ସଂଯୋଗ କରୁଥିବା ସାଂସ୍କୃତିକ ସମ୍ପର୍କକୁ ମଜବୁତ କରିବାର ଏକ ସୁଯୋଗ ମଧ୍ୟ ହେବ। ଜାପାନ ପରେ ମୁଁ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନିମନ୍ତ୍ରଣକ୍ରମେ ତିଆନଜିନରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀରେ ଯୋଗଦେବା ପାଇଁ ଚୀନ୍ ଯାତ୍ରା କରିବି। ଭାରତ ଏସସିଓର ଏକ ସକ୍ରିୟ ସଦସ୍ୟ। ଆମର ଅଧ୍ୟକ୍ଷତା ସମୟରେ, ଆମେ ନବସୃଜନ, ସ୍ୱାସ୍ଥ୍ୟ ଏବଂ ସାଂସ୍କୃତିକ ଆଦାନପ୍ରଦାନ କ୍ଷେତ୍ରରେ ନୂତନ ଚିନ୍ତାଧାରା ପ୍ରଣୟନ କରିଥିଲୁ ଏବଂ ସହଯୋଗ ଆରମ୍ଭ କରିଥିଲୁ। ଭାରତ ଏସସିଓ ସଦସ୍ୟମାନଙ୍କ ସହିତ ମିଳିତ ଚ୍ୟାଲେଞ୍ଜର ମୁକାବିଲା ଏବଂ ଆଞ୍ଚଳିକ ସହଯୋଗକୁ ଆହୁରି ଗଭୀର କରିବା ପାଇଁ ପ୍ରତିବଦ୍ଧ। ମୁଁ ଶିଖର ସମ୍ମିଳନୀ ସମୟରେ ରାଷ୍ଟ୍ରପତି ସି ଜିନପିଙ୍ଗ, ରାଷ୍ଟ୍ରପତି ପୁଟିନ ଏବଂ ଅନ୍ୟାନ୍ୟ ନେତାମାନଙ୍କୁ ଭେଟିବାକୁ ମଧ୍ୟ ଅପେକ୍ଷା କରିଛି। ମୁଁ ନିଶ୍ଚିତ ଯେ ମୋର ଜାପାନ ଏବଂ ଚୀନ ଗସ୍ତ ଆମର ଜାତୀୟ ସ୍ୱାର୍ଥ ଏବଂ ପ୍ରାଥମିକତାକୁ ଆଗକୁ ବଢ଼ାଇବ, ଏବଂ ଆଞ୍ଚଳିକ ଓ ବିଶ୍ୱ ଶାନ୍ତି, ସୁରକ୍ଷା ଓ ସ୍ଥାୟୀ ବିକାଶକୁ ଆଗକୁ ବଢ଼ାଇବା ଲାଗି ଫଳପ୍ରଦ ସହଯୋଗ ଗଠନ ଦିଗରେ ଯୋଗଦାନ ଦେବ।

# ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଓ 'ଭିଜନ ସାଗର'ରେ ଶ୍ରୀଲଙ୍କା ଏକ ପ୍ରମୁଖ ଅଂଶୀଦାର: ଓମ୍ ବିର୍ଲା

ନୂଆଦିଲ୍ଲୀ (ପିଆଇବି) : ଲୋକସଭା ବାଚସ୍ପତି ଶ୍ରୀ ଓମ୍ ବିର୍ଲା ଆଜି ସଂସଦ ଭବନ ପରିସରରେ ଶ୍ରୀଲଙ୍କା-ଭାରତ ସଂସଦୀୟ ବନ୍ଧୁତା ସଂଘର ଏକ ୨୪ ସଦସ୍ୟ ବିଶିଷ୍ଟ ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ ଭେଟିଛନ୍ତି। ଏହି ପ୍ରତିନିଧି ଦଳର ନେତୃତ୍ୱ ନେଇଥିଲେ ଶ୍ରୀଲଙ୍କାର ସ୍ୱାସ୍ଥ୍ୟ ଏବଂ ଗଣ ଯୋଗାଯୋଗ ମନ୍ତ୍ରୀ ଏବଂ ଶ୍ରୀଲଙ୍କା-ଭାରତ ସଂସଦୀୟ ବନ୍ଧୁତା ସଂଘର ସଭାପତି ଡକ୍ଟର ନାଲିନ୍ଦା ଜୟତିସା। ପ୍ରତିନିଧି ଦଳକୁ ସ୍ୱାଗତ କରି ବାଚସ୍ପତି ଶ୍ରୀ ଓମ୍ ବିର୍ଲା କହିଛନ୍ତି: "ଭାରତ ଏବଂ ଶ୍ରୀଲଙ୍କା ଗଭୀର ଐତିହାସିକ, ସାଂସ୍କୃତିକ ଏବଂ ସଭ୍ୟତାର ସମ୍ପର୍କ ବହନ କରନ୍ତି। ଆଜି, ଏହି ବନ୍ଧନ ଏକ ଦୃଢ଼ ତଥା ବ୍ୟାପକ ସହଭାଗୀତାରେ ପରିଣତ ହୋଇଛି। ଭାରତର 'ପଡ଼ୋଶୀ ପ୍ରଥମ' ନୀତି ଏବଂ 'ଭିଜନ ସାଗର'ରେ ଶ୍ରୀଲଙ୍କାର ଏକ ବିଶେଷ ସ୍ଥାନ ରହିଛି।" ସାମ୍ପ୍ରତିକ ଉଚ୍ଚସ୍ତରୀୟ ଆଦାନପ୍ରଦାନକୁ ଉଲ୍ଲେଖ କରି ଶ୍ରୀ ବିର୍ଲା ଏପ୍ରିଲ ୨୦୨୫ରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଶ୍ରୀଲଙ୍କା ଗସ୍ତ ଏବଂ ଡିସେମ୍ବର ୨୦୨୪ରେ ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ଭାରତ ଗସ୍ତକୁ ଦ୍ୱିପାକ୍ଷିକ ସମ୍ପର୍କରେ ମାଇଲଖୁଣ୍ଟ ଭାବରେ ବର୍ଣ୍ଣନା କରିଛନ୍ତି। ବାଚସ୍ପତି ବିର୍ଲା ଶ୍ରୀଲଙ୍କା ସଂସଦରେ ଭାରତ-ଶ୍ରୀଲଙ୍କା ସଂସଦୀୟ ବନ୍ଧୁତା ସଂଘ ପ୍ରତିଷ୍ଠାକୁ ସ୍ୱାଗତ କରିଛନ୍ତି। ଏହାକୁ ଦ୍ୱିପାକ୍ଷିକ ସମ୍ପର୍କର ଶକ୍ତିର ପ୍ରମାଣ ବୋଲି କହିଛନ୍ତି। ସେ ଗଣତାନ୍ତ୍ରିକ ଅଭ୍ୟାସ ଏବଂ ନିର୍ବାଚିତ ପ୍ରତିନିଧିଙ୍କ ଅଭିଜ୍ଞତା ବାଣ୍ଟିବା ପାଇଁ ଉଭୟ ଦେଶର ସଂସଦ ମଧ୍ୟରେ ସାଂସ୍ଥାଗତ ସହଯୋଗ ଏବଂ ନିୟମିତ ଆଲୋଚନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ, ଏପରି ଆଦାନପ୍ରଦାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଆହୁରି ମଜବୁତ କରିବ। ଶ୍ରୀ ବିର୍ଲା ଗୁରୁତ୍ୱାରୋପ କରିଥିଲେ ଯେ ଭାରତ ଏବଂ ଶ୍ରୀଲଙ୍କାର ସହଭାଗୀ ଐତିହ୍ୟ ହଜାର ହଜାର ବର୍ଷ ପୁରୁଣା, ଗଭୀର ସାଂସ୍କୃତିକ ଏବଂ ଲୋକ ସମ୍ପର୍କ ଦ୍ୱିପାକ୍ଷିକ ସମ୍ପର୍କର ପ୍ରମୁଖ ସ୍ତମ୍ଭ ଗଠନ କରିଥାଏ। ସେ ଗୁରୁତ୍ୱାରୋପ କରିଥିଲେ ଯେ ରାମାୟଣ ଏବଂ ବୌଦ୍ଧ ପର୍ଯ୍ୟଟନ ସର୍କିଟର ବିକାଶ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ଲୋକ ସମ୍ପର୍କ ବୃଦ୍ଧି ସହିତ, ଏହି ସମ୍ପର୍କ ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରଦାନ କରେ। ସେ ଉଲ୍ଲେଖ କରିଥିଲେ ଯେ ଭାରତୀୟ ସଂସଦରେ ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଡିଜିଟାଲ୍ ଉଦ୍ଭାବନର ବ୍ୟବହାର ସ୍ୱଚ୍ଛତା, ଦକ୍ଷତା ଏବଂ କାର୍ଯ୍ୟ କରିବାର ସହଜତା ବୃଦ୍ଧି କରିଛି, କାଗଜବିହୀନ କାର୍ଯ୍ୟକୁ ପ୍ରୋତ୍ସାହିତ କରିଛି। ଶ୍ରୀ ବିର୍ଲା ୧୧୦ ରୁ ଅଧିକ ଦେଶର ବିଧାୟକଙ୍କ ପାଇଁ କ୍ଷମତା-ନିର୍ମାଣ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଇଡର ଭୂମିକା ବିଷୟରେ ମଧ୍ୟ କହିଥିଲେ ଏବଂ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଏହି ଉଦ୍ଭାବନଗୁଡ଼ିକୁ ବାଣ୍ଟିବା ପାଇଁ ଭାରତର ଆଗ୍ରହ ପ୍ରକାଶ କରିଥିଲେ। ତାଙ୍କ ପକ୍ଷରୁ, ଡକ୍ଟର ନାଲିନ୍ଦା ଜୟତିସା ଶ୍ରୀଲଙ୍କାର ଆର୍ଥିକ ସଙ୍କଟ ସମୟରେ ସହାୟତା ପାଇଁ ପ୍ରଥମେ ଆଗେଇ ଆସିଥିବାରୁ ଭାରତକୁ ଧନ୍ୟବାଦ ଜଣାଇଥିଲେ। ସେ ଭାରତ ମହାସାଗର ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ସୁନିଶ୍ଚିତ କରିବାରେ ଭାରତର ଭୂମିକାକୁ ପ୍ରଶଂସା କରିଥିଲେ, ଏବଂ ସ୍ୱାସ୍ଥ୍ୟ ତଥା ଶିକ୍ଷା କ୍ଷେତ୍ରରେ ଭାରତର ସହଯୋଗକୁ ଶ୍ରୀଲଙ୍କା ପାଇଁ ଜୀବନରେଖା ଭାବରେ ବର୍ଣ୍ଣନା କରିଥିଲେ। ବର୍ତ୍ତମାନ, ଭାରତ-ଶ୍ରୀଲଙ୍କା ସହଯୋଗ ନିବେଶ-ନେତୃତ୍ୱାଧୀନ ବିକାଶ, ଅନୁଦାନ ସହାୟତା, ବାଣିଜ୍ୟ, ପର୍ଯ୍ୟଟନ, ଶିକ୍ଷା ଏବଂ ସାଂସ୍କୃତିକ ଆଦାନପ୍ରଦାନ ଉପରେ କ୍ରମାଗତ ଭାବରେ କେନ୍ଦ୍ରିତ ହେଉଛି। ଉଭୟ ରାଷ୍ଟ୍ର ପ୍ରତିରକ୍ଷା, ଶକ୍ତି, ସ୍ୱାସ୍ଥ୍ୟ, ଯୋଗାଯୋଗ ଏବଂ ଧାର୍ମିକ ପର୍ଯ୍ୟଟନ ଭଳି କ୍ଷେତ୍ରରେ ଅନେକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷର କରିଛନ୍ତି। ଶ୍ରୀଲଙ୍କା ସଂସଦୀୟ ପ୍ରତିନିଧି ଦଳ ୨୬-୩୦ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଭାରତ ଗସ୍ତରେ ଅଛନ୍ତି। ଏଥିରେ ୨୦ ଜଣ ସଂସଦ ସଦସ୍ୟ ଏବଂ ୪ ଜଣ ସଂସଦୀୟ କର୍ମଚାରୀ ଅଛନ୍ତି।



# ନାଲକୋ ପକ୍ଷରୁ ନୂଆଦିଲ୍ଲୀରେ 'ମିଡିଆ କନେକ୍ଟ ୨୦୨୫' ଆୟୋଜିତ




ନୂଆଦିଲ୍ଲୀ : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଆଜି ନୂଆଦିଲ୍ଲୀରେ 'ମିଡିଆ କନେକ୍ଟ ୨୦୨୫' ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ, ସିଏମଡି ଶ୍ରୀ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଏବଂ ନିର୍ଦ୍ଦେଶକମଣ୍ଡଳୀ, କମ୍ପାନୀର ସଫଳତା, ସମ୍ପ୍ରସାରଣ ଯୋଜନା, ଅଭିବୃଦ୍ଧି ପଥ ଏବଂ ଭବିଷ୍ୟତ ପାଇଁ ରଣନୈତିକ ଦୃଷ୍ଟିକୋଣ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଚାଷୀ ଭାଇ ଭଉଣୀମାନଙ୍କୁ ସିଏମ କିଷାନ ସହାୟତା ରାଶି ହସ୍ତାନ୍ତର



ରାୟଗଡ଼ (ମାନିସ) : ରାୟଗଡା ଜିଲ୍ଲା ସଦର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ସି ଏମ କିଶାନ ସହାୟତା ରାଶି ଅନ୍ତର୍ଗତ ରବି ୨୦୨୫-୨୬ ଆର୍ଥିକ ବର୍ଷରେ ଚାଷୀ ମାନଙ୍କ ଜମାଖାତାକୁ ହସ୍ତାନ୍ତର କାର୍ଯ୍ୟକ୍ରମକୁ ରାୟଗଡ କୃଷି ଜିଲ୍ଲା ବିଭାଗ ତରଫରୁ ମୁଖ୍ୟ ଅତିଥି ବିଧାୟକ ରାୟଗଡ ଶ୍ରୀଯୁକ୍ତ କାଡ୍ରାକା ଅପ୍ପଲ ସ୍ୱାମୀ ସହ ସଭାପତିତ୍ୱ କରିଥିଲେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣି(ଭା. ପ୍ର .ସେ), ସମ୍ମାନୀତ ଅତିଥି ଗଣ ଏସ.କେ ଏହେସାନ - ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାୟଗଡ, ବରିଷ୍ଠ ବୈଜ୍ଞାନିକ ତଥା କୃଷି ବିଜ୍ଞାନ କେନ୍ଦ୍ର ରାୟଗଡ ମୁଖ୍ୟ ଡକ୍ଟର ସୁସ୍ମିତା ମହାନ୍ତି ,କୃଷି ଜିଲ୍ଲା ଅଧିକାରୀ ଗୁଣୁପୁର ଦିବ୍ୟ ସ୍ୱରୂପ ପଣ୍ଡା ,କୃଷି ଜିଲ୍ଲା ଅଧିକାରୀ ମୁନିଗୁଡା ପ୍ରକାଶ ଚନ୍ଦ୍ର ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କ ସମେତ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଚାଷୀ ଉପସ୍ଥିତ ରହି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଶେଷ ଭାବରେ ମୁଖ୍ୟ ମନ୍ତ୍ରୀ ପବିତ୍ର ଗଣେଶ ପୂଜା ଓ ନୂଆଖାଇ ଅବସରରେ ରାଜ୍ୟର ୫୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର, ନାମ ମାତ୍ର ଓ ଭୂମିହୀନ ଚାଷୀଙ୍କ ଜମା ଖାତାକୁ ୨୦୦୦ ଟଙ୍କା ଲେଖାଏ ପ୍ରାୟ ୧୦୪୧ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ରାଶି ଚାଷ କ୍ଷେତ୍ରରେ ସହ ଯୋଗ ନିମନ୍ତେ ପ୍ରଦାନ କରିବେ ।ଏହି ଅବସରରେ ରାୟଗଡ ଜିଲ୍ଲାର ୮୬୮୯୩ ଜଣ କ୍ଷୁଦ୍ର ଚାଷୀ ଏହି ସୁବିଧାର ଉପକୃତ ହେବା ସହ ଜମାଖାତା କୁ ପ୍ରତ୍ୟେକ ୨୦୦୦ ଟଙ୍କା ହସ୍ତାନ୍ତର କରାଯାଇଛି। ସମସ୍ତ କାର୍ଯ୍ୟକ୍ରମକୁ ଶ୍ରୀ ଉତ୍ତମ କୁମାର ଦାସ ସହକାରୀ ବୈଷୟିକ ପରିଚାଳକ କୃଷି ବିଭାଗ ମୁନିଗୁଡା ପକ୍ଷରୁ ମଞ୍ଚ ପରିଚାଳନା କରାଯାଇଥିଲା।

# ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ପାଳନ



ରାୟଗଡ଼ା (ମାନିସ) : ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ମାସ ୨୮ ତାରିଖ ଦିନ ଅମୃତା ଦେବୀ ବଳୀଦାନ ଦିବସକୁ ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ରୂପେ ପାଳନ କରିଆସୁଛି। ଏହି ଅବସରରେ ରାୟଗଡ଼ା ଜିଲ୍ଲାର ସମସ୍ତ ବ୍ଲକରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରାୟଗଡ଼ା ବ୍ଲକ ଅନ୍ତର୍ଗତ ଅମଲାଭଟା ଛକ ସ୍ଥିତ ଶ୍ରୀକ୍ଷେତ୍ର ଟାଉନସିପ୍ ଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର ସହ ନିକଟ ସ୍ମଶାନ ଚାରି ପାଶ୍ୱର୍ରେ ରାୟଗଡ଼ା ଜିଲ୍ଲା ଭାରତୀୟ ମଜଦୁର ସଂଘର ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ପ୍ରାୟ ୨୫୦ ରୁ ଉର୍ଦ୍ଧ ଔଷଧୀୟ ଏବଂ ଫଳ ଗଛର ଚାରା ରୋପଣ କରାଯାଇଥିଲା ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ସକ୍ଷମ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଂରକ୍ଷକ ତଥା ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଡକ୍ଟର ବାଦଲ କୁମାର ତା , ସମାଜସେବୀ ତଥା ଓଡ଼ିଶା ଆଦିବାସୀ ମଞ୍ଚର ରାଜ୍ୟ ଆବାହିକା ଶ୍ରୀମତୀ ବିଦୁଲତା ହୁଇକା , ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ରାୟଗଡ଼ା ନଗର କାର୍ଯ୍ୟବାହ ଶ୍ରୀ ବିଦ୍ୟାଭୂଷଣ ପଣ୍ଡା , କୋଲନରା ଖଣ୍ଡ କାର୍ଯ୍ୟବାହ ରାଧାମୋହନ ଦୋରା , ଜିଲ୍ଲା ପର୍ଯ୍ୟାବରଣ ସଂଯୋଜକ ମନୋଜ ଗଉଡ ଏବଂ ମୁଖ୍ୟ ବକ୍ତା ଭାବେ ଭାରତୀୟ ମଂଜୁର ସଂଘ ର ରାଜ୍ୟ ଉପସଭାପତି ଶ୍ରୀ ଯୋଗେଶ୍ୱର ଦାସ ଯୋଗ ଦେଇ ବୃକ୍ଷ ଚାରା ରୋପଣ କରିଥିଲେ। ସଂଘର ଏପରି ଚିନ୍ତା ଧାରାକୁ ସାରା ଜିଲ୍ଲାରେ ପ୍ରଶଂସା କରିବା ସହ ଦେଶ ଗଠନରେ ଆଗରେ ରହି ଶ୍ରମିକ ମାନଙ୍କ ସମସ୍ତ ସମସ୍ୟାକୁ ସମାଧାନ କରିବା ସହ ସମାଜ କାମକୁ ଆଗରେ ରହି ଯେଉଁ ସବୁ କାର୍ଯ୍ୟକ୍ରମ କରି ଆସୁଛନ୍ତି ତାହା ଏକ ଚିର ସ୍ମରଣୀୟ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଶ୍ରୀ ଯୋଗେଶ୍ୱର ଦାସ କହିଥିଲେ ଅମୃତା ଦେବୀ ବଳୀଦାନ ଦିବସକୁ ଏକ ସାର୍ବଜନିନ ପର୍ବ ଭାବେ ପର୍ଯ୍ୟାବରଣ ଦିବସ ଭାବେ ପାଳନ କରିବା ଓ ପରିବେଶ ସଂକ୍ରାନ୍ତରେ ଜନ ସଚେତନା ସୃଷ୍ଟି କରିବା ଭାରତୀୟ ମଜଦୁର ସଂଘ ର ଏକ ମାତ୍ର ଲକ୍ଷ ଓ ଉଦ୍ଦେଶ୍ୟ ଏବଂ ସ୍ୱଚ୍ଛ, ନିର୍ମଳ ଓ ପ୍ରଦ୍ୟୁଷଣ ମୁକ୍ତ ବାତାବରଣ , ପୃଥିବୀରେ ବାସ କରୁଥିବା ସମସ୍ତ ଜନ ସମାଜ ପାଇଁ ମୌଳିକ ଅଧିକାର ଓ ଆବଶ୍ୟକତା ରହିଥିବା ବେଳେ ମନୁଷ୍ୟ ତାର ଅନାବଶ୍ୟକ ତାକୁ ପୂରଣ କରିବା ପାଇଁ ପରିବେଷକୁ ଶୋଷଣ କରୁଛି , ଆଧୁନିକ ସଭ୍ୟତାର ଆବଶ୍ୟକତା ପାଇଁ ଶିଳ୍ପାୟନ ବୃଦ୍ଧି ଓ ଲୋକଙ୍କର ଆବଶ୍ୟକ ସାମଗ୍ରୀ ନିର୍ମାଣ ପାଇଁ କଳ କାରଖାନା ରୁ ନିର୍ଗତ ଧୂଆଁ, ଯାତାୟାତ ବ୍ୟବହୃତ ଯାନବାହାନ ର ପ୍ରଦ୍ୟୁଷଣ , ଶୀତତାପ ନିୟନ୍ତ୍ରିତ ଯନ୍ତ୍ରପାତି ଇତ୍ୟାଦିରୁ ନିର୍ଗତ ବିଷାକ୍ତ କ୍ଲୋରଫ୍ଲୋର କାର୍ବନ ପାଇଁ ପ୍ରତ୍ୟେକ ବର୍ଷ ତାପମାତ୍ରା ବୃଦ୍ଧି ପାଇଛି। ପରିବେଶ ବିନା ମଣିଷ ସମାଜର କଲ୍ୟାଣ ଅସମ୍ଭବ ପରିବେଶ ନ ରହିଲେ ଜିବସତା ରହିବ ନାହିଁ। ଭାରତୀୟ ମଜଦୁର ସଂଘ ଶ୍ରମିକ ସମାଜର କଲ୍ୟାଣ ପାଇଁ ଯେତିକି ଚିନ୍ତିତ ସେତିକି ସମାଜ ଓ ପରିବେଶ ପାଇଁ ମଧ୍ୟ ଚିନ୍ତିତ , ପରିବେଶ ସଂରକ୍ଷଣ ପାଇଁ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ଯୋଗେଶ୍ୱର ଦାସ ପ୍ରକାଶ କରିଥିଲେ । ଭାରତୀୟ ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ , ଜିଲ୍ଲା ସଂପାଦକ ଗଣେଶ କୁମାର ସାହୁ ଏବଂ ପର୍ଯ୍ୟାବରଣ ମଞ୍ଚର ଜିଲ୍ଲା ସଂଯୋଜକ ଶ୍ରୀ ଦୁର୍ଗା ମାଧବ ଘୋଷଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ସଂଘର ମୋହନ ରାଓ ମାଝି , ଅରୁଣ ଲେଙ୍କା, ଶ୍ରୀମତୀ ଉଷାରାଣୀ ଦାଶ, ନେହା ସିଂ, ସୁନ୍ଦର ରାଓ କାଡରାକା , କେ ରାମ ବାବୁ , ଆନନ୍ଦ ରାଉଳ , ପରିଚାଳନା କରିଥିଲେ ଉକ୍ତ କାର୍ଯ୍ୟକ୍ରମରେ ରାୟଗଡ଼ା ବନ ବିଭାଗ ର ବନ୍ୟାଳ ପ୍ରଶାଦ ବେହେରା ସହ ବନରକ୍ଷୀ ମାନଙ୍କ ସହ ଭାରତୀୟ ମଜଦୁର ସଂଘର , ପର୍ଯ୍ୟାବରଣ ମଞ୍ଚ , ବିଶ୍ୱକର୍ମା ମଜଦୁର ସଂଘ, ଅଲ୍ ଓଡିଶା ଅଙ୍ଗନବାଡ଼ି ଲେଡିଜ ୱାରକର୍ସ ଆସୋସିଏସନ୍ , ବ୍ୟବସାୟ ମଜଦୁର ସଂଘ , ଆଶା କର୍ମୀ ସଂଘ , ସଫେଇ ମଜଦୁର ସଂଘ , ଜେ କେ ପେପର ମଜଦୂର ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ ।

# ଏକତ୍ର ନୂଆଖାଇଲେ ପାଢୀ ପରିବାର



ନୂଆପଡା (ମାନିସ) : ଆଜି ନିଜ ନିଜ ଇଷ୍ଟ ଦେବୀ ଙ୍କ ନିକଟରେ ନବାନ୍ନ ଅର୍ପଣ ପୂର୍ବକ ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ସମ୍ପନ୍ନ ହୋଇଯାଇଛି ।ପରେ ପରେ ଆରମ୍ଭ ହୋଇଯାଇଛି ଭେଟଘାଟ ର ପର୍ବ। ନୂଆପଡାର ପାଢି ପରିବାର ଏକ ବଡ ପରିବାର କିନ୍ତୁ କିଛି ବର୍ଷ ହେବ ଏହି ପରିବାର ଅଲଗା ଅଲଗା ନୁଆଖାଉଥିଲେ। କିନ୍ତୁ ଚଳିତ ବର୍ଷ ପାଢି ପରିବାର ର ସବୁଠାରୁ ବଡ ଶ୍ରୀବତ୍ସ ପାଢି ଙ୍କ ଇଚ୍ଛା ମୁତାବକ ନୂଆପଡା ଜିଲ୍ଲା ସଦର ମହକୁମା ଶ୍ରୀଯୁକ୍ତ ଶ୍ରୀବତ୍ସ ପାଢି ଙ୍କ ଘରେ ସମସ୍ତ ପାଢି ପରିବାରର ପ୍ରାୟ ୭୦ ଜଣ ଛୁଆ ପିଲା ବୁଢା ବୁଢି ଝିଅ ବୋହୁ ଏକତ୍ରିତ ହୋଇ ନୁଆଖାଇଥିଲେ। ପାଢି ପରିବାର ର ଅନ୍ୟତମ ସଦସ୍ୟ ତଥା ନୂଆପଡା ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପାଢୀ ଙ୍କ କହିବା ମୁତବାକ ପାଢି ପରିବାରର ଚମାର ପାଢିଙ୍କ ଚାରି ପୁଅ ଥିଲେ ସେହି ଚାରି ପୁଅଙ୍କ ବଂଶଧର ମାନେ ଏବେ ବିଭିନ୍ନ ସ୍ଥାନରେ ରହିଆସୁଛନ୍ତି। କିଏ ନୂଆପଡାରେ ତ କିଏ ଖଡିଆଳ କିଏ ଭବାନିପାଟଣା କିଏ ରାୟପୁର ରେ ବସବାସ କରୁଛନ୍ତି। ଆଜି ପରିବାର ର ବର୍ତମାନର ବଡ ଶ୍ରୀଯୁକ୍ତ ଶ୍ରିବତ୍ସ ପାଢି ଙ୍କ ଆଗ୍ରହ କ୍ରମେ ପାଢୀ ପରିବାର ଏକତ୍ରିତ ହୋଇପାରିଛି। ଆଜି ପ୍ରତ୍ୟୁଷରୁ ଶ୍ରୀଯୁକ୍ତ ଶ୍ରୀବତ୍ସ ପାଢିଙ୍କ ଘରେ ପାଢି ପରିବାରର ଝିଅବୋହୁ ମାନେ ଏକତ୍ରିତ ହୋଇ ନବାର୍ନ୍ନ ପାଇଁ ପ୍ରସ୍ତୁତ ଆରମ୍ଭ କରିଥିଲେ। ଠିକ ନୂଆଖାଇ ଲଗ୍ନରେ ପଶ୍ଚିମଓଡିଶାର ଇଷ୍ଟଦେବି ମା ସମଲାଇ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ନବାର୍ନ୍ନ ଲାଗି କରାଯାଇଥିଲା। ପରେ ପରିବାରର ପ୍ରାୟ ୭୦ ଜଣ ସଦସ୍ୟ ଏକତ୍ର ବସି ନୁଆଁ ଖାଇଥିଲେ। ପରେ ନୁଆଖାଇର ପରମ୍ପାର ଅନୁଯାୟୀ ସାନରୁ ବଡ କ୍ରମରେ ମୁଣ୍ଡିଆ ମାରି ଆଶିର୍ବାଦ ଗ୍ରହଣ କରିଥିଲେ । ପରେ ଭୁରି ଭୋଜନର ଆୟୋଜନ କରାଯାଇଥିଲା। ଆୟୋଜକ ଶ୍ରିବତ୍ସ ପାଢି ଙ୍କ ପୁଅ ଫକିର ପାଢୀ ଏହି କାର୍ଯ୍ୟକ୍ରମ ଆସନ୍ତା ଦୁଇଦିନ ଧରି ଚାଲିବ ବୋଲି କହିଥିଲେ। ଆଜିର ନୂଆଖାଇରେ ଶ୍ରୀବତ୍ସ ପାଢି, ନିଳାମ୍ବର ପାଢୀ, ବୃନ୍ଦବାନ ପାଢି, ଶୁଶିଲ ପାଢୀ, ସରୋଜ କୁମାର ପାଢୀ, ପ୍ରସନ୍ନ କୁମାର ପାଢୀ, ଚତିରଞ୍ଜନ ପାଢୀ, ଶ୍ରୀଯୁକ୍ତ ଅବନୀ ରଞ୍ଜନପାଢୀ, ଶ୍ରୀଯୁକ୍ତ ନିରୋଦ କୁମାର ପାଢୀ, କ୍ଷିରୋଦ କୁମାରପାଢୀ, ଅଭୟରଞ୍ଜନ ପାଢୀ, ବିନୋଦ କୁମାର ପାଢୀ, ଅମିୟ ରଞ୍ଜନପାଢୀ, ଶ୍ରୀଯୁକ୍ତ ଫକିର ମୋହନ ପାଢୀଙ୍କ ପରିବାର ପ୍ରମୁଖ ଉପସ୍ଥିତ ଥିଲେ।

# କଟକଠାରେ ଭିଗାର୍ଡ ମେଗା ସୋରୁମ ଉଦଘାଟିତ




କଟକ : କଟକ ଚୌଧୁରୀ ବଜାର କେଉଟ ସାହି ଠାରେ ଭି ଗାର୍ଡ ର ମେଗା ସୋ ରୁମ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଅବସରରେ ଭି ଗାର୍ଡ କମ୍ପାନୀ ର ମୁଖ୍ୟ ଶାଖା ପ୍ରଭନ୍ଦକ ଶ୍ରୀ ସୁମନ୍ତ କୁମାର ପ୍ରଧାନ ଏବଂ ଶ୍ରୀ ସାଇ ଇଲେକ୍ଟ୍ରି କାଲସ ର ମୁଖ୍ୟ ଶ୍ରୀ ଇନ୍ଦର କୁମାର ଅଗ୍ରୱାଲ ମିଳିତ ଭାବେ ଏହି ସୋ ରୁମ କୁ ଉଦଘାଟନ କରିଛନ୍ତି । ଉଚ୍ଚମାନର ବିଦ୍ୟୁତ୍ ଉପକରଣ ଉତ୍ପାଦନରେ ଅଗ୍ରଗାମୀ ଭି-ଗାର୍ଡ କମ୍ପାନୀ ଏବେ କଟକର ଚୌଧୁରୀ ବଜାର କେଉଟସାହି ଅଂଚଳରେ ତାର ପ୍ରଥମ ମେଗା ସୋରୁମ୍ ଗ୍ରାହକଙ୍କ ପାଇଁ ଖୋଲାଯାଇଅଛି । ଭି-ଗାର୍ଡ କମ୍ପାନୀର ମୁଖ୍ୟ ଶାଖା ପ୍ରବନ୍ଧକ ସୁମନ୍ତ କୁମାର ପ୍ରଧାନ ଏବଂ ଶ୍ରୀସାଇ ଇଲେକ୍ଟ୍ରି କାଲସର ମୁଖ୍ୟ ଇନ୍ଦର କୁମାର ଅଗ୍ରୱାଲ ମିଳିତ ଭାବେ ଏହି ସୋରୁମ୍ ଉଦ୍ଘାଟନ କରିଛନ୍ତି । ଏହି ଅବସରରେ ସୁମନ୍ତ କୁମାର ପ୍ରଧାନ କହିଥିଲେ ଯେ, ଭି-ଗାର୍ଡ କମ୍ପାନୀ ତାହାର ଉତ୍କୃଷ୍ଟ ଗୁଣବତା ଏବଂ ସର୍ବୋତମ ସେବା ପାଇଁ ପ୍ରସିଦ୍ଧ ଲାଭକରିଅଛି । ଓଡିଶାରେ ଭି-ଗାର୍ଡ କମ୍ପାନୀ ପ୍ରଡକ୍ଟର ଚାହିଦା ଦିନକୁ ଦିନ ବଢୁଥିବାରୁ ଗ୍ରାହକମାନଙ୍କୁ ସିଧା ସଳଖ ଉଚ୍ଚମାନର ସେବା ଓ ସମ୍ପୂର୍ଣ୍ଣ ପ୍ରଡକ୍ଟ ରେଞ୍ଜ ପ୍ରଦାନ କରିବା ପାଇଁ ଏହି ମେଗା ସୋରୁମ୍ ଉଦ୍ଘାଟନ କରିଛନ୍ତି । ଏହି ସୋରୁମସୁଇଚ୍, ତାର, ଏମ.ସି.ବି. ଷ୍ଟାବିଲାଇଜର, ପଙ୍ଖା, ଇନ?ଭଟର ବ୍ୟାଟେରୀ, ଗିଜର, ପାଣିପମ୍ପ, ଇଣ୍ଡକସନ୍ ଚୁଲା, ଗ୍ରାଇଣ୍ଡର, ଚିମିନି, ଗ୍ୟାସ ଚୁଲା, ରାଇସ କୁକର ଆଦି, ଉପଲବ୍ଧ ଅଛି । ଭି-ଗାର୍ଡ କମ୍ପାନୀର ସମସ୍ତ ପ୍ରଡକ୍ଟସ୍ ଅଂନ୍ତର୍ଜାତୀୟ ଶ୍ରେଷ୍ଠତା ଓ ଆଧୁନିକ ଟେକ୍ନୋଲୋଜିରେ ଅତ୍ୟଧିକ ନବୀନତା ଏବଂ ଗୁଣବତାରେ ପରିପୂର୍ଣ୍ଣ ହୋଇଅଛି । ଏହି ଉଦ୍ଘାଟନ ଅବସରରେ ସମସ୍ତ ଭି-ଗାର୍ଡ କମ୍ପାନୀ ପ୍ରଡକ୍ଟସର ପ୍ରତ୍ୟକ ସାମଗ୍ରୀ ଉପରେ ଆକର୍ଷଣୀୟ ଉପହାର ର ବ୍ୟବସ୍ଥା କରାଯାଇଅଛି । ପ୍ରତ୍ୟେକ କ୍ରୟକର୍ତାକୁ ନିଶୁଳ୍କ ଆକର୍ଷଣୀୟ ଉପହାର ପ୍ରଦାନ କରାଯିବ । ଏହି ଅବସରରେ କମ୍ପାନୀ ପକ୍ଷରୁ ଭିଗାର୍ଡର ଇନଭଟର ବ୍ୟାଟେରୀ ସାଙ୍ଗରେ ଗୋଟିଏ ଟ୍ରଲି ମାଗଣା ଉପହାର ର ବ୍ୟବସ୍ଥା କରାଯାଇଅଛି । ଏହି ଉଦଘାଟନ ଅବସରରେ ଶ୍ରୀ ସାଇ ଇଲେକ୍ଟ୍ରି କାଲ ର ସୋହନ କୁମାର ଅଗ୍ରୱାଲ ଓ ମୋହନ କୁମାର ଅଗ୍ରୱାଲ ଙ୍କ ସହିତ ଭି ଗାର୍ଡ କମ୍ପାନୀ ର ସମସ୍ତ ଉଚ୍ଚ ପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ ।

# ମୁନିଗୁଡାରେ ଧୂମଧାମରେ ଚାଲିଛି ରଙ୍ଗବେରଙ୍ଗ ସାଜସଜ୍ଜାରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା



ରାୟଗଡ଼ା (ମାନିସ) : ରାୟଗଡା ଜିଲ୍ଲାର ମୁନିଗୁଡା ସଦର ମହକୁମାରେ ବହୁମୂଲ୍ୟ ବ୍ୟୟରେ ଶୃଙ୍ଖଳାର ସହିତ ପ୍ରତିଯୋଗିତା ମୂଳକ ଗଜାନନଙ୍କ ପର୍ବ ୫୦ବର୍ଷ ହେବ ଗଉଡ ସାହିର ବୀର ବୀକ୍ରମ ଯୁବକ ସଂଘ ପକ୍ଷରୁ ପାଳନ ହୋଇ ଆସୁଥିବା ବେଳେ ପାଇକ ସାହିର ବିଜୁପଟ୍ଟନାୟକ ଯୁବକ ସଂଘର ଜୁନିଅର ପିଲାମାନେ ଚଳିତ ବର୍ଷ ୨୦ ବର୍ଷରେ ପଦାର୍ପଣ କରିଛନ୍ତି ।ପାଇକ ସାହିର ଗଣେଶ ପୂଜା କମିଟିର ଯୁବକ ଅମିତ ପଟ୍ଟନାୟକ, ମୁକେଶ ମହାରଣା, ପୂର୍ଣ୍ଣ ଆଚାରୀ, ଜଗଦିଶ ଗ୍ଉଡ, ରାକେଶ ମହାରଣା, ରାଜୁ ବେହେରାଙ୍କ ନେତୃତ୍ୱରେ ଚଳିତବର୍ଷ ଉନ୍ନତ ମାନର ଆଧୁନିକ ତୋରଣ ସାଙ୍ଗକୁ ଝିଲିମିଲି ଆଲୋକ ସଜାକୁ ମିନା ବଜାର ଲୋକଙ୍କୁ ଆକର୍ଷିତ କରୁଛି। ସେହିପରି ଗ୍ଉଡ ସାହିର ଆକର୍ଷଣୀୟ ତୋରଣକୁ ଚିକିମିକି ରଙ୍ଗ ବେରଙ୍ଗର ଆଲୋକମାଳା ମୁନିଗୁଡା ବଜାରକୁ ଚଳଚଞ୍ଚଳ କରି ଉତ୍ସବ ମୁଖରିତ ହୋଇଛି ।ଏହି ଅବସରରେ ମୁନିଖୋଲ, ମୁନିଗୁଡା ବଜାର, ଶୁଣ୍ଡିସାହି, ଗୋବର୍ଦ୍ଧନ, ତଥା ବିଭିନ୍ନ ସାହି ସମେତ ବଜାରର ବିଭିନ୍ନ ସ୍ଥାନରେ ଗଣେଶ ପର୍ବ ପାଳନ ହେଉଥିବା ବେଳେ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ ମାନଙ୍କରେ ଗଜାନନଙ୍କ ପୂଜା ଦେଖିବାକୁ ମିଳିଛି ।ବିଶେଷକରି ପାଇକସାହି ଓ ଗଉଡସାହିର ହାଇଫାଇ ଶୃଙ୍ଖଳିତ ମେଢ ଆକର୍ଷଣୀୟ ହୋଇଥିବା ବେଳେ ସମସ୍ତେ ଅପେକ୍ଷା ରତ ଦୁଇ ମେଢର ଆକର୍ଷଣୀୟ ଭଷାଣୀ କେବେ ହେବ।

# ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ

## ଗୁଜରାଟର ସାନନ୍ଦରେ ଖୋଲିଲା ଦେଶର ପ୍ରଥମ ଏଣ୍ଡ ଟୁ ଏଣ୍ଡ ଓଏସଏଟି ପାଇଲଟ୍ ଲାଇନ୍ ପ୍ଲାଣ୍ଟ



ନୂଆଦିଲ୍ଲୀ (ପିଆଇବି) : କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଗୁଜରାଟ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କ ଉପସ୍ଥିତିରେ ଗୁଜରାଟର ସାନନ୍ଦଠାରେ ଭାରତର ପ୍ରଥମ ଏଣ୍ଡ-ଟୁ-ଏଣ୍ଡ ସେମିକଣ୍ଡକ୍ଟର ଓଏସଏଟି ପାଇଲଟ୍ ଲାଇନ୍ ପ୍ଲାଣ୍ଟକୁ ଉଦଘାଟନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଏହା ଏକ ଐତିହାସିକ ଆରମ୍ଭ। ଏହି ଅବସରରେ ମନ୍ତ୍ରୀ କହିଛନ୍ତି, ପାଇଲଟ୍ ଲାଇନ ପ୍ଲାଣ୍ଟର ଉଦଘାଟନ ଭାରତର ସେମିକଣ୍ଡକ୍ଟର ଡିଜାଇନ୍, ଉତ୍ପାଦନ ଏବଂ ଡାଉନଷ୍ଟ୍ରିମ୍ କ୍ଷମତା ବିକାଶର ସ୍ୱପ୍ନ ପୂରଣ କରିବାରେ ଏକ ନିର୍ଣ୍ଣାୟକ ପଦକ୍ଷେପ । ଏହି ପରିବର୍ତ୍ତନରେ ଗୁଜରାଟ ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହୋଇଛି। ଶ୍ରୀ ବୈଷ୍ଣବ ଓଏସଏଟି ପାଇଲଟ୍ ଲାଇନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜୋର ଦେଇ କହିଛନ୍ତି, ଏଠାରେ ଉତ୍ପାଦିତ ଚିପ୍ସ ଗ୍ରାହକ ଯୋଗ୍ୟତା ପାଇଁ ବ୍ୟବହାର କରାଯିବ। ଏହି ଚିପ୍ସଗୁଡ଼ିକ ଅନୁମୋଦିତ ହେବା ପରେ, ବାଣିଜ୍ୟିକ ପ୍ଲାଣ୍ଟଗୁଡ଼ିକ ପାଇଁ ଯୋଗ୍ୟ ଉତ୍ପାଦଗୁଡ଼ିକର ପୂର୍ଣ୍ଣ କ୍ଷମତାରେ ଉତ୍ପାଦନ ଆରମ୍ଭ କରିବା ବହୁତ ସହଜ ହୋଇଯାଏ। ସେ ଜୋର ଦେଇ କହିଥିଲେ, ଏହି ଉଦଘାଟନ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ହାସଲ କରାଯାଇଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ମଧ୍ୟରୁ ଅନ୍ୟତମ। ବର୍ତ୍ତମାନ ସୁଦ୍ଧା ଦେଶରେ ଦଶଟି ସେମିକଣ୍ଡକ୍ଟର ପ୍ରକଳ୍ପକୁ ଅନୁମୋଦନ କରାଯାଇଛି । ଏକ ଦୃଢ଼ ପ୍ରତିଭା ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରି ମନ୍ତ୍ରୀ କହିଥିଲେ, ଭାରତ ସେମିକଣ୍ଡକ୍ଟର ମିଶନର ପ୍ରମୁଖ ଉଦ୍ଦେଶ୍ୟ ମଧ୍ୟରୁ ଗୋଟିଏ ହେଉଛି ଦକ୍ଷ ପେସାଦାରଙ୍କ ଗୋଟିଏ ବିଶ୍ୱସ୍ତରୀୟ ପାଇପଲାଇନ ସୃଷ୍ଟି କରିବା। ୨୦୩୨ ସୁଦ୍ଧା, ବିଶ୍ୱରେ ଦଶ ଲକ୍ଷ ସେମିକଣ୍ଡକ୍ଟର ପେସାଦାରଙ୍କ ଆବଶ୍ୟକତା ଦେଖା ଦେବ ବୋଲି ଆକଳନ କରାଯାଇଛି। ଭାରତ ପାଖରେ ଏହି ଆବଶ୍ୟକତାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପୂରଣ କରିବାର ସୁଯୋଗ ରହିଛି। ଏଥିପାଇଁ, ସରକାର ୨୭୦ଟି ବିଶ୍ୱବିଦ୍ୟାଳୟ ସହିତ ସହଭାଗିତା ସ୍ଥାପନ କରିଛନ୍ତି । ସେମାନଙ୍କୁ ଅତ୍ୟାଧୁନିକ ସେମିକଣ୍ଡକ୍ଟର ଡିଜାଇନ୍ ଉପକରଣ ଯୋଗାଇ ଦିଆଯାଇଛି । କେବଳ ୨୦୨୫ରେ, ଏହି ଉପକରଣଗୁଡ଼ିକର ୧.୨ କୋଟିରୁ ଅଧିକ ବ୍ୟବହାର ରେକର୍ଡ କରାଯାଇଛି । ଏହାର ପ୍ରତ୍ୟକ୍ଷ ଫଳାଫଳ ସ୍ୱରୂପ, ମୋହାଲିର ସେମି-କଣ୍ଡକ୍ଟର ଲାବୋରେଟୋରୀ (ଏସସିଏଲ)ରେ ୧୭ଟି ପ୍ରତିଷ୍ଠାନ ଦ୍ୱାରା ଡିଜାଇନ୍ କରାଯାଇଥିବା ୨୦ଟି ଚିପ୍ ସଫଳତାର ସହିତ ତିଆରି କରାଯାଇସାରିଛି। କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ବିଶ୍ୱର ବହୁତ କମ୍ ଦେଶ ଛାତ୍ରଛାତ୍ରୀମାନଙ୍କୁ ଏପରି ଉନ୍ନତ ଉପକରଣ ଉପଲବ୍ଧ କରାଇଥାନ୍ତି। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ପଦକ୍ଷେପ ଭାରତର ଯୁବପିଢ଼ିଙ୍କୁ ସଶକ୍ତ କରିବ, ବୈଷୟିକ ଇକୋସିଷ୍ଟମକୁ ମଜବୁତ କରିବ ଏବଂ ଦେଶକୁ ସେମିକଣ୍ଡକ୍ଟର ପ୍ରତିଭାର ଏକ ବିଶ୍ୱ କେନ୍ଦ୍ର ଭାବରେ ପ୍ରତିଷ୍ଠା କରିବ। ସେ ଗୁଜରାଟରେ ସେମିକଣ୍ଡକ୍ଟର ଇକୋସିଷ୍ଟମ ବିକଶିତ କରିବାରେ ଗୁଜରାଟ ସରକାର ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କ ଦୃଢ଼ ସମର୍ଥନକୁ ମଧ୍ୟ ସ୍ୱୀକାର କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲ ଏହି ପଦକ୍ଷେପକୁ ପ୍ରଶଂସା କରି ଦେଶକୁ ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ କ୍ଷେତ୍ରରେ ଏକ ଅଗ୍ରଣୀ ସ୍ଥାନରେ ପ୍ରତିଷ୍ଠା କରିବାରେ ଏହାର ଭୂମିକା ଉପରେ ଆଲୋକପାତ କରିଥିଲେ। ରାଜ୍ୟ ଶିଳ୍ପ ମନ୍ତ୍ରୀ ଶ୍ରୀ ବଲବନ୍ତ ସିଂହ ରାଜପୁତ, ବିଧାୟକ ଶ୍ରୀ କାହ୍ନୁଭାଇ ପଟେଲ, ଏବଂ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଏବଂ ସିଜି ସେମିର ନେତୃବର୍ଗ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ ।ସିଜି ସେମି ଓଏସଏଟି କେନ୍ଦ୍ର ସମ୍ପର୍କରେ ଗୁଜରାଟର ସାନନ୍ଦରେ ଥିବା ସିଜି ସେମି ପ୍ଲାଣ୍ଟ ହେଉଛି ଭାରତର ପ୍ରଥମ ସମ୍ପୂର୍ଣ୍ଣ ଆଉଟସୋର୍ସ ହୋଇଥିବା ସେମିକଣ୍ଡକ୍ଟର ଆସେମ୍ବଲି ଏବଂ ଟେଷ୍ଟ (ଓଏସଏଟି) ପ୍ଲାଣ୍ଟ ମଧ୍ୟରୁ ଅନ୍ୟତମ। ଏହା ଚିପ୍ ଆସେମ୍ବଲି, ପ୍ୟାକେଜିଂ, ପରୀକ୍ଷଣ ଏବଂ ପରୀକ୍ଷା ପରବର୍ତ୍ତୀ ସେବା ପାଇଁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାଧାନ ପ୍ରଦାନ କରିଥାଏ। ଏଥିରେ ପାରମ୍ପରିକ ଏବଂ ଉନ୍ନତ ପ୍ୟାକେଜିଂ ପ୍ରଯୁକ୍ତିବିଦ୍ୟା ମଧ୍ୟ ଅନ୍ତର୍ଭୁକ୍ତ। ଏହା ଭାରତର ସେମିକଣ୍ଡକ୍ଟର କ୍ଷମତାକୁ ସୁଦୃଢ଼ କରିବା ଏବଂ ବିଶ୍ୱ ବଜାରକୁ ସେବା ପ୍ରଦାନ କରିବା ସହିତ ଦେଶର ଆତ୍ମନିର୍ଭରଶୀଳ ହେବାର ଲକ୍ଷ୍ୟକୁ ସମର୍ଥନ କରିବାରେ ଏକ ପ୍ରମୁଖ ପଦକ୍ଷେପ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମର୍ଥନ ଦ୍ୱାରା ସମର୍ଥିତ, ସିଜି ସେମି ଗୁଜରାଟର ସାନନ୍ଦରେ ଦୁଇଟି ଅତ୍ୟାଧୁନିକ ସୁବିଧା (ଜି ୱାନ ଏବଂ ଜିଟୁ) ବିକଶିତ କରିବା ପାଇଁ ପାଞ୍ଚ ବର୍ଷ ମଧ୍ୟରେ ୭,୬୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିବାକୁ ଯାଉଛି। ଆଜି ଉଦଘାଟନ ହୋଇଥିବା ଜି ୱାନ ସୁବିଧା, ପ୍ରତିଦିନ ପ୍ରାୟ ୦.୫ ନିୟୁତ ୟୁନିଟର ସର୍ବାଧିକ କ୍ଷମତାରେ କାର୍ଯ୍ୟ କରିବ। ଏହି ପ୍ଲାଣ୍ଟରେ ଉଚ୍ଚ-ଉତ୍ପାଦନକାରୀ ଉପକରଣ, ଲେଵୁଲ ୱାନ୍ ସ୍ୱୟଂଚାଳିତ କ୍ଷମତା ଏବଂ ଟ୍ରେସେବିଲିଟି ପାଇଁ ଏକ ଅତ୍ୟାଧୁନିକ ଉତ୍ପାଦନ କାର୍ଯ୍ୟକାରୀ ପ୍ରଣାଳୀ (ଏମଇଏସ) ଏବଂ ନିର୍ଭରଯୋଗ୍ୟତା ଏବଂ ବିଫଳତା ବିଶ୍ଳେଷଣ ପାଇଁ ଇନ-ହାଉସ୍ ଲ୍ୟାବ ରହିଛି। ଏହା ବର୍ତ୍ତମାନ ଆଇଏସଓ ୯୦୦୧ ଏବଂ ଆଇଏଟିଏଫ ୧୬୯୪୯ ପ୍ରମାଣପତ୍ର ସହିତ କାର୍ଯ୍ୟ କରୁଛି। ଦେଶର ସେମିକଣ୍ଡକ୍ଟର ମିଶନ ଅଧୀନରେ ସିଜି ସେମି ୨୦୨୬ରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ କରିବା ଦିଗରେ ଆଗକୁ ବଢୁଛି। ଜି-ୱାନ ଠାରୁ ପ୍ରାୟ ୩ କିଲୋମିଟର ଦୂରରେ ଅବସ୍ଥିତ ଜି-ଟୁ ପ୍ଲାଣ୍ଟ ନିର୍ମାଣାଧୀନ ଅଛି ଏବଂ ୨୦୨୬ କ୍ୟାଲେଣ୍ଡର ବର୍ଷ ଶେଷ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି। କାର୍ଯ୍ୟକ୍ଷମ ହେବା ପରେ, ଜି-ଟୁର ଉତ୍ପାଦନ କ୍ଷମତା ପ୍ରତିଦିନ ପ୍ରାୟ ୧୪.୫ ନିୟୁତ ୟୁନିଟ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବ।

# ଶ୍ରୀଜଗନ୍ନାଥ ମନ୍ଦିର ସମିତି ତରଫରୁ ସମତା ଇନକ୍ଲେଭଠାରେ ଶ୍ରୀଗଣେଶ ପୂଜା



ନୂଆଦିଲ୍ଲୀ : ଦିଲ୍ଲୀ ମହାନଗର ଅଧୀନରେ ଥିବା ମାଟିୟାଲା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଲା ଡ଼ାଇରୀର ସମତା ଇନକ୍ଲେଭ ଠାରେ ଗତକାଲି ବିଘ୍ନବିନାଶନ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜା ଉତ୍ସବ ସ୍ଥାନୀୟ ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଉତ୍ସାହ ସହକାରେ ପାଳିତ ହୋଇଯାଇଛି। ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଆୟୋଜିତ ଏହି ଉତ୍ସବ ଅପରାହ୍ନ ରେ ଆୟୋଜିତ ହୋଇଥିଲା। ସ୍ଥାନୀୟ ପ୍ରବାସୀ ଓଡ଼ିଆଙ୍କ ସହ ବହୁ ଅଣଓଡ଼ିଆ ସପରିବାର ସହ ଆସି ଠାକୁର ଙ୍କ ଦର୍ଶନ କରି ନଡ଼ିଆ ଭକ୍ଷଙ୍ଗୀ ପୂଜା ଅର୍ଚ୍ଚନା କରିବା ସହ ପ୍ରଭୁ ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ. ଏହି ଅବସରରେ ଆନୁମାନିକ ତିନିଶତ ଶ୍ରଦ୍ଧାଳୁ ମାନଙ୍କ ପାଇଁ ଆୟୋଜନକାରୀଙ୍କ ତରଫରୁ ଅନ୍ନ, ଛୋଲେ, ମିକ୍ସ ତରକାରୀ ପୁରୀ, ରାଇତା ଭଳି ସ୍ୱାଦିଷ୍ଟ ପ୍ରସାଦ ବିତରଣର ବ୍ୟବସ୍ଥା ହୋଇଥିଲା। ଉତ୍ସବ ରେ ମାଟିଆଲା ନିଗମ ପାର୍ସଦ ପବନ ଶର୍ମା ଯୋଗଦେଇ ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଜେପି ନେତା କିଷନ ଶେରକ୍ଷୱତ, ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀନାରାୟଣ ବେବର୍ତ୍ତା ପ୍ରମୁଖ ଯୋଗଦେଇ ଶ୍ରୀ ଗଣେଶ ଙ୍କୁ ଦର୍ଶନ କରି କୃପା ଭିକ୍ଷା କରିଥିଲେ. ଆୟୋଜିତ ପୂଜା ଉତ୍ସବକୁ ସମାଜସେବୀ ରଜନୀକାନ୍ତ ଜେନା, ଆଲୋକ ରାଉତରାୟ, ଗୟାଧର ସ୍ୱାଇଁ, ଅନନ୍ତ କିଶୋର ରାଉତ, ମାନସ ମହାନ୍ତି, ଅତୁଲ୍ୟଙ୍କ ସହ ସମିତିର ଅନ୍ୟକ୍ଷନ୍ୟ ପ୍ରମୁଖ କର୍ମକର୍ତ୍ତା ପରିଚାଳନା କରିଥିବା ଜଣାଯାଇଛି. ଉତ୍ସବ ର ସହଯୋଗ ପାଇଁ ରଜନୀ କାନ୍ତ ଜେନା ସମସ୍ତ ଙ୍କୁ ଧନ୍ୟବାଦ ଜଣାଇବା ସହ ପ୍ରଭୁ ଗଣେଶ ଙ୍କ ଆଶୀର୍ବାଦ ରହିଲେ ପୂଜା କୁ ଆଗାମୀ ବର୍ଷ ଆହୁରି ଅଧିକ ଧୂମଧାମ ସହକାରେ ପାଳନ କରାଯିବ ବୋଲି କହିଛନ୍ତି.

ମାତୃଭାଷା



# ହାଲୋ ବଲିଉଡ୍



## ସେନ୍ସର ବୋର୍ଡରୁ 'ପରମ ସୁନ୍ଦରୀ' ପାସ୍

ଆଜି ଥିଏଟରକୁ ଆସିବ ନର୍ଥ-ସାଉଥ୍ ଥିମ୍‌ରେ ନିର୍ମିତ ରୋମାଣ୍ଟିକ୍ ଫିଲ୍ମ 'ପରମ ସୁନ୍ଦରୀ' । ସିଦ୍ଧାର୍ଥ ମଲହୋତ୍ରା-ଜାହ୍ନବୀ କପୁର ଷ୍ଟାରର୍ ଏହି ଫିଲ୍ମକୁ ନେଇ ଫ୍ୟାନ୍‌ଙ୍କ ମଧ୍ୟରେ ଖୁବ୍ ଉତ୍ସାହ ରହିଛି । ସେହିପରି ଫିଲ୍ମକୁ ସେନ୍ସର୍ ବୋର୍ଡ ଦ୍ୱାରା ଗ୍ରୀନ୍ ସିଗ୍‌ନାଲ ମିଳିଛି । ଏହାର ଲୋକପ୍ରିୟ ରୋମାଣ୍ଟିକ୍ ଗୀତ 'ପରଦେଶୀୟା'ରେ କୌଣସି କାଣ୍ଟ୍‌ଛାଟ କରାଯାଇ ନାହିଁ । କିନ୍ତୁ କିଛି ଡାଇଲଗ୍‌ରେ ଶବ୍ଦଗୁଡ଼ିକୁ ମ୍ୟୁଟ୍ କରାଯାଇଛି । ସେହିପରି ଫିଲ୍ମର କୌଣସି ସିନ୍‌କୁ କଟାଯାଇ ନାହିଁ । ନିକଟରେ ମୁକ୍ତିପ୍ରାପ୍ତ 'ସୈୟାରା' ଓ 'ୱାର୍-୨' ଭଳି ଫିଲ୍ମର କିଛି ଅନ୍ତରଙ୍ଗ ଦୃଶ୍ୟକୁ ହଟାଇଥିଲା ସେନ୍ସର୍ ବୋର୍ଡ । ସେଥିପାଇଁ କୁହାଯାଉଥିଲା ଯେ 'ପରମ ସୁନ୍ଦରୀ'ର ଗୀତ 'ଭିଗି ସାଡ଼ି'ରେ ମଧ୍ୟ ସେନ୍ସର୍ ବୋର୍ଡ କଇଁଚି ଚଲାଇବ । କିନ୍ତୁ ସେମିତି କିଛି ହୋଇନି । କେବଳ କିଛି ଡାଇଲଗ୍ ବଦଳାଇବାକୁ ନିର୍ଦ୍ଦେଶ ଦେଇଛି । ଏଥିସହିତ ଫିଲ୍ମକୁ ୟୁ/ଏ ୧୩ ପ୍ଲସ୍ ପ୍ରମାଣପତ୍ର ମିଳିଛି । ଫିଲ୍ମର ଅବଧି ୨ ଘଣ୍ଟା ୧୬ ମିନିଟ୍ ରହିବ । ପୂର୍ବରୁ ଏହି ଫିଲ୍ମ ୨୫ ଅଗଷ୍ଟରେ ହେବ ବୋଲି କୁହାଯାଇଥିଲା । ବର୍ତ୍ତମାନ ନିର୍ମାତା ଏହାର ରିଲିଜ ତାରିଖରେ ବୃଦ୍ଧି କରି ୨୯ରେ 'ପରମ ସୁନ୍ଦରୀ' ପରଦାରେ ରିଲିଜ ହେବ । 'ପରମ ସୁନ୍ଦରୀ' ଫିଲ୍ମ ବିଷୟରେ କହିବାକୁ ଗଲେ, ପରମ ସୁନ୍ଦରୀ'ରେ ସିଦ୍ଧାର୍ଥ ଦିଲ୍ଲୀର ଜଣେ ଧନୀ କିମ୍ବା ଜଣେ ବଡ଼ ବ୍ୟବସାୟୀ ପରମ ଭୂମିକାରେ ଅଭିନୟ କରୁଛନ୍ତି ।

# ଅଧା ବିଧାୟକ, ସାଂସଦଙ୍କ ନାଁରେ ଅପରାଧିକ ମାମଲା

**ଏଡିଆର ରିପୋର୍ଟରେ ଖୁଲାସା**

**ମହିଳା ବିରୋଧୀ ଅପରାଧ ମାମଲାରେ ପଶ୍ଚିମବଙ୍ଗ ଆଗରେ**

**ନୂଆଦିଲ୍ଲୀ:** କେନ୍ଦ୍ର ସରକାର ନିକଟରେ ସଂସଦରେ ୧୩୦ତମ ସମ୍ବିଧାନ ସଂଶୋଧନ ବିଧେୟକ ଉପସ୍ଥାପନ କରିଥିଲେ । ଯଦି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା କେହି ମନ୍ତ୍ରୀ କୌଣସି ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ଯାଏ ଜେଲ୍‌ରେ ରହନ୍ତି ତେବେ ତାଙ୍କୁ ପଦରୁ ହଟାଯାଇ ପାରିବ ବୋଲି ସେଥିରେ ପ୍ରାବଧାନ ରହିଛି । ବର୍ତ୍ତମାନ ସ୍ଥିତିରେ କିନ୍ତୁ ଦେଶରେ ଅଧା ବିଧାୟକ ଓ ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ଅଛି ।

ମହିଳା ବିରୋଧୀ ଅପରାଧ ମାମଲାରେ ପଶ୍ଚିମବଙ୍ଗ ସବୁଠୁ ଆଗରେ ରହିଛି । ରାଜ୍ୟରେ ମୋଟ ବିଧାୟକଙ୍କ ମଧ୍ୟରୁ ୨୩ ଜଣ ବା ୭.୮%ଙ୍କ ନାମରେ ମହିଳା ବିରୋଧୀ ମାମଲା ରହିଛି । ତା' ତଳକୁ ଦ୍ୱିତୀୟରେ ରହିଛି ଆନ୍ଧ୍ରପ୍ରଦେଶ । ଆନ୍ଧ୍ରର ୨୧ ଜଣ ବିଧାୟକଙ୍କ ବିରୋଧରେ ମହିଳା ବିରୋଧୀ ଅପରାଧିକ ମାମଲା ରହିଛି । ତୃତୀୟ ସ୍ଥାନରେ ଥିବା ଓଡ଼ିଶାରେ ୧୬ ଜଣ ବିଧାୟକ ମହିଳା ବିରୋଧୀ ଅପରାଧିକ ମାମଲାର ସାମ୍ନା କରୁଛନ୍ତି । ତାଲିକାର ଚତୁର୍ଥ ଓ ପଞ୍ଚମରେ ଯଥାକ୍ରମେ ମହାରାଷ୍ଟ୍ର ଓ ବିହାର ରହିଛି । ନିର୍ବାଚନ ସୁଧାର ଲାଗି କାମ କରୁଥିବା ଏନ୍‌ଜିଓ ଆସୋସିଏସନ୍ ଫର ଡେମୋକ୍ରାଟିକ୍ ରିଫର୍ମସ (ଏଡିଆର) ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି ।




ଏଡିଆର୍ ରିପୋର୍ଟ ଅନୁସାରେ, ସାରା ଦେଶରେ ୪୫% ବିଧାୟକ ସେମାନଙ୍କ ଉପରେ ଅପରାଧିକ ମାମଲା ଥିବା ଘୋଷିତ କରିଛନ୍ତି । ୨୯% ବିଧାୟକ ସଙ୍ଗୀନ ମାମଲାର ସାମ୍ନା କରୁଛନ୍ତି । ବିଧାୟକଙ୍କ ନାଁରେ ଅପରାଧିକ ମାମଲାରେ ଆନ୍ଧ୍ରପ୍ରଦେଶ ଦେଶରେ ପ୍ରଥମ ସ୍ଥାନରେ ରହିଛି । ରାଜ୍ୟର ୭୯ ଜଣ ବିଧାୟକଙ୍କ ବିରୋଧରେ ଅପରାଧିକ ମାମଲା ଥିବାବେଳେ ୫୬ ଜଣ ସଙ୍ଗୀନ ମାମଲାର ସାମ୍ନା କରୁଛନ୍ତି । ଏହାପରେ କେରଳ, ତେଲଙ୍ଗାନା ଓ ବିହାର ଆସୁଛି। ପଞ୍ଚମ ସ୍ଥାନରେ ମହାରାଷ୍ଟ୍ର, ଷଷ୍ଠରେ ତାମିଲନାଡୁ, ସପ୍ତମରେ ଓଡ଼ିଶା, ଅଷ୍ଟମରେ କର୍ଣ୍ଣାଟକ, ନବମରେ ଝାଡ଼ଖଣ୍ଡ ଓ ଦଶମ ସ୍ଥାନରେ ଉତ୍ତରପ୍ରଦେଶ ରହିଛି ।

ସେହିପରି ବିଗତ ୧୫ ବର୍ଷ ମଧ୍ୟରେ ଦେଶରେ ଅପରାଧିକ ପୃଷ୍ଠଭୂମିଯୁକ୍ତ ସାଂସଦଙ୍କ ସଂଖ୍ୟା ୧୬% ବଢ଼ିଛି । ୨୦୦୯ରେ ୩୦% ସାଂସଦଙ୍କ ବିରୋଧରେ ଅପରାଧିକ ମାମଲା ଓ ୧୪%ଙ୍କ ବିରୋଧରେ ଗମ୍ଭୀର ମାମଲା ରହିଥିଲା । ୨୦୧୯ରେ ୪୩% ସାଂସଦ ଅପରାଧିକ ମାମଲାରେ ସାମିଲ ଥିଲେ । ୨୯%ଙ୍କ ବିରୋଧରେ ଗମ୍ଭୀର ମାମଲା ଥିବା ଜଣାପଡ଼ିଥିଲା । ୨୦୨୪ ଲୋକସଭା ନିର୍ବାଚନ ପରେ ଗଠିତ ସଂସଦରେ ଏହି ସଂଖ୍ୟା ଆହୁରି ବଢ଼ିଯାଇଛି । ବର୍ତ୍ତମାନ ଦେଶରେ ୪୬% ସାଂସଦ ଅପରାଧିକ ମାମଲା ଓ ୩୧% ଗମ୍ଭୀର ମାମଲାର ସାମ୍ନା କରୁଛନ୍ତି । ଏଭଳି ସ୍ଥିତିରେ ନୂଆ ସମ୍ବିଧାନ ସଂଶୋଧନ ବିଧେୟକକୁ ନିର୍ବାଚନ ସୁଧାର ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି ।

## ମରଣାନ୍ତକ ଆକ୍ରମଣ ମାମଲାରେ ଆଉ ଜଣେ ଅଭିଯୁକ୍ତ ଗିରଫ

**ଜୟପୁର:** ଜୟପୁର ଟାଉନଥାନା ପୋଲିସ ଦୈନିକ ବଜାରରେ ମଦ୍ୟପାନ କରିବା ସହ ଗଣ୍ଡଗୋଳ ଏବଂ ମରଣାନ୍ତକ ଆକ୍ରମଣ ମାମଲାରେ ଅନ୍ୟ ଏକ ଅଭିଯୁକ୍ତ ଧରିବାରେ ସଫଳ ହୋଇଛି । ଗତକାଲି ଗୋପବନ୍ଧୁ ନଗରର ଜଣେ ଅପରାଧୀକୁ ଧରିବାରେ ସଫଳ ହୋଇଥିବା ବେଳେ ଆଜି ସେହି ଗୋପବନ୍ଧୁନଗର ଅଞ୍ଚଳର ବାଦଲ ନାଗକୁ ଧରି କୋର୍ଟ ଚାଲାଣ କରିଛି ଟାଉନ ପୋଲିସ । ପୁଲିସ ସୂଚନା ଅନୁଯାୟୀ, ଜୟପୁର ଦୈନିକ ବଜାରରେ ପୂର୍ବ ଶତ୍ରୁତାକୁ ନେଇ ଓଡିଆ ମେଦ୍ରୀ ସାହିର ହେମନ୍ତ ପରଜାଙ୍କୁ ଗୋପବନ୍ଧୁ ନଗରର ଦୁଇ ଅଭିଯୁକ୍ତ ଏକ କ୍ରିକେଟ ବ୍ୟାଟ ସହାୟତାରେ ଆକ୍ରମଣ କରିବା ଯୋଗୁଁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରଚୁର ରକ୍ତସ୍ରାବ ଯୋଗୁଁ ଅଭିଯୋଗକାରୀ ଗୁରୁତର ଆହତ ହୋଇ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ ।

## ଧର୍ମଶାଳାରେ ଭାଲୁ ଆତଙ୍କ : ସ୍ଥାନୀୟ ଲୋକେ ଭୟଭୀତ

**ଧର୍ମଶାଳା:** ଯାଜପୁର ଜିଲା ଧର୍ମଶାଳା ଅଂଚଳରେ ଭାଲୁ ଆତଙ୍କ । ଫଳରେ ସ୍ଥାନୀୟ ଲୋକେ ଭାଲୁକୁ ଦେଖି ଭୟଭିତ ହୋଇ ପଡିଛନ୍ତି । ତେବେ ଭାଲୁଟି ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ଚାଲି ଆସିଥିବା ଅନୁମାନ କରାଯାଉଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡମଧୁପୁର ବନ ବିଭାଗ ଅଧିନସ୍ଥ ସମ୍ପାରୁ ପଂଚାୟତ ତୁରଙ୍ଗ ଅଂଚଳରେ । ଏକା ବେଳକେ ୩ଟି ଭାଲୁ ଗାଁ ମୁହାଁ ହୋଇଛନ୍ତି । ମା' ଭାଲୁ ସହିତ ତାର ୨ଟି ଛୁଆ ସାଂଗରେ ଧରି ବୁଲୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ ।

**୪ ମହଲା କୋଠା ଭୁଶୁଡ଼ିବା ଘଟଣା**

## ମୃତ୍ୟୁସଂଖ୍ୟା ୧୫କୁ ବୃଦ୍ଧି, ରେସ୍କ୍ୟୁ ଅପରେସନ୍ ଜାରି

**ମୁମ୍ବାଇ:** ମହାରାଷ୍ଟ୍ର ପାଲଘର ଜିଲ୍ଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ୪ ମହଲା କୋଠାର ଏକ ଅଂଶ ଭୁଶୁଡ଼ି ପଡିଥିଲା । ଏହି ଅଘଟଣରେ ମୃତ୍ୟୁସଂଖ୍ୟା ୧୫ରେ ପହଞ୍ଚିଛି । ମୃତକଙ୍କ ମଧ୍ୟରେ ଜଣେ ମାଆ-ଝିଅ ମଧ୍ୟ ଅଛନ୍ତି । ୯ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଅନ୍ୟ ୨ ଜଣ ନିଖୋଜ ଏବେ ବି ନିଖୋଜ ଅଛନ୍ତି । ଉଦ୍ଧାରକାର୍ଯ୍ୟ ଜାରି ରହିଛି ।



ସୂଚନା ଅନୁସାରେ ମଙ୍ଗଳବାର ବିଳମ୍ବିତ ରାତିପ୍ରାୟ ୧ଟାରେ ରମାବାଇ ଆପାର୍ଟମେଣ୍ଟର ୪ ମହଲା ବିଲ୍ଡିଂ ଭୁଶୁଡି ପଡିଥିଲା । ଚତୁର୍ଥ ମହଲାରେ ଏକ ଜନ୍ମଦିନ ପାର୍ଟି ଚାଲିଥିଲା । ଅଚାନକ ଆପାର୍ଟମେଣ୍ଟରେ ଗୋଟିଏ ଭାଗ ଭୁଶୁଡ଼ି ପଡିଥିଲା । ଉଦ୍ଧାରକାରୀ ଟମ୍ ? ୯ଜଣଙ୍କୁ ଉଦ୍ଧାର କରି ବିବିସିଏମସି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଏହି ବିଲ୍ଡିଂରେ ପ୍ରାୟ ୧୨ ପରିବାର ରହୁଥିଲେ । ପୁଲିସ୍ ଆପାର୍ଟମେଣ୍ଟ ସିଲ୍ କରି ଦେଇଥିଲା । ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା । ଏବେ ବି ଅଗ୍ନିଶମ ବାହିନୀ ଓ ଏନଡିଆରଏଫ ଦଳ ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି ।

୧୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା କୋଠା- ଏହି କୋଠା ୧୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା । ନଗର ନିଗମ ଏହାକୁ ଅତି ବିପଦପୂର୍ଣ୍ଣ କୋଠା ଘୋଷଣା କରିଥିଲା । ରମାବାଇ ଆପାର୍ଟମେକୁ ଏବେ ଭାଙ୍ଗି ଦିଆଯାଇଛି । ବିଧାୟକ ସ୍ନେହା ପଣ୍ଡିତ ଦୁବେ ସୂଚନା ଦେଇ କହିଛନ୍ତି ଯେ, ବିରାର ନାରଙ୍ଗୀରେ ୧୦-୧୫ ବର୍ଷ ପୁରୁଣା କୋଠା ଭୁଶୁଡ଼ି ପଡ଼ିବା ଯୋଗୁଁ ଦୁର୍ଘଟଣା ଘଟିଛି । ଏପର୍ଯ୍ୟନ୍ତ ୯ ଜଣଙ୍କୁ ଉଦ୍ଧାର କରାଯାଇଛି । ପ୍ରାୟ ୨୦ରୁ ଅଧିକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି । ଏନଡିଆରଏଫ ଦଳ, ପୁଲିସ ଟିମ୍ ଉଦ୍ଧାର କାର ?ୟ୍ୟରେ ନିୟୋଜିତ ଅଛନ୍ତି ।

## ସାରର ଅଭାବୀ ବିକ୍ରି ଓ କଳାବଜାରୀ କଲେ କାର୍ଯ୍ୟାନୁଷ୍ଠାନ ହେବ : ତାରା ବାହିନୀପତି

**ଜୟପୁର:** କୋରାପୁଟ ଜିଲ୍ଲା ଜୟପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାରେ ସାରର ଅଭାବୀ ବିକ୍ରି ଏଭଂ କଳାବଜାରୀକୁ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଧାୟକ ତାରା ପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି । ଜିଲ୍ଲାରେ ଚାଷୀ ମାନଙ୍କର ଜମି ଚାଷ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ଜିଲ୍ଲାରେ କୃତ୍ରିମ ଅଭାବୀବିକ୍ରି ଏବଂ କଳାବଜାର ସୃଷ୍ଟି କରାଯାଉଛି। ଏହିପରି ଆସନ୍ତା ରବିବାର ସୁଦ୍ଧା ଜିଲ୍ଲାରେ ଦୁଇଟି କର୍ମ୍ପାନୀର ୩ହଜାର ୬ଶହ ମ୍ୟାଟ୍ରିକ ଟନ ସାର ମାଲବାହୀ ଟ୍ରେନ ଯୋଗେ ପହଞ୍ଚିବ । କୌଣସି ଚାଷୀଙ୍କୁ ସାର ପାଇଁ ଚିନ୍ତିତ ହେବାକୁ ଦିଆଯିବ ନାହିଁ। ଏହିପରି ରାଜ୍ୟ ସରକାଙ୍କ ନିକଟରୁ ଆବଶ୍ୟକ ସାର ନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯାଇଛି ଏବଂ ନିଜେ ବିଧାୟକ ରାଜ୍ୟର କୃଷିମନ୍ତ୍ରୀଙ୍କୁ ଜିଲ୍ଲାରେ ଚାଷୀ ମାନଙ୍କୁ ଆବଶ୍ୟକ ସାର ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି।

ଏହିପରି ଆବଶ୍ୟକ ସ୍ଥଳେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବାକୁ ସେ ପ୍ରସ୍ତୁତ ଏବଂ ଚାଷୀଙ୍କ ପଛରେ ସେ ରହିଛନ୍ତି ବୋଲି ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ଚାଷୀ ମାନେ ନିଜ ଜମି କାର୍ଯ୍ୟରେ ବ୍ୟସ୍ତ ରହିଥିବା ବେଳେ ସେମାନଙ୍କୁ ଡାକି ଘେରାଉ ଏବଂ ଆନ୍ଦୋଳନ କରିବାର କୌଣସି ଆବଶ୍ୟକ ନାହିଁ ବୋଲି କହିଛନ୍ତି । ସେହିପରି କଳାବଜାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଏବଂ ନକଲି ପଟାସ ଗୁଡିକର ନମୁନା ସଂଗ୍ରହ କରାଯାଇ ଯାଂଚ କରାଯିବ ଏବଂ କୋଟପାଡର ମଧ୍ୟ ଯାଂଚ ପାଇଁ ପଠାଯାଇଛି ,ଏହାର ରିପୋର୍ଟ ମିଳିବା ପରେ ଦୃଢ ପଦକ୍ଷପ ଗ୍ରହଣ କରିବାକୁ ବିଧାୟକ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ଏହି ଅବସରରେ ବରିଷ୍ଠ ନେତା ନିହାର ବିଶୋୟ, ବସନ୍ତ ନାୟକ, ଗିରିଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୭ କୋଟି ପିଲାଙ୍କ ଆଧାର ହେବ ଅପଡେଟ୍

## ବିଭିନ୍ନ ରାଜ୍ୟକୁ ଚିଠି ଲେଖିଲେ ୟୁଆଇଡିଏଆଇ ସିଇଓ

**ନୂଆଦିଲ୍ଲୀ:** ଏଣିକି ଦେଶର ୧୭ କୋଟି ପିଲାଙ୍କ ଆଧାର ହେବ ଅପଡେଟ୍। ବିଭିନ୍ନ ରାଜ୍ୟକୁ ଚିଠି ଲେଖିଲେ ୟୁଆଇଡିଏଆଇ ସିଇଓ। ୟୁଆଇଡ଼ିଏଆଇ ସୂଚନା ଦେଇଛି ଯେ ସାରା ଦେଶରେ ପ୍ରାୟ ୧୭ କୋଟି ଛାତ୍ରଛାତ୍ରୀଙ୍କ ବାଧ୍ୟତାମୂଳକ ବାୟୋମେଟ୍ରିକ୍ସ ଅପଡେଟ୍ କରାଯାଇ ନାହିଁ। ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ୍ସ ଅପଡେଟ୍ କରିବା ପାଇଁ ସବୁ ରାଜ୍ୟର ସଚିବମାନଙ୍କୁ ଚିଠି ଲେଖାଯାଇଛି। ସ୍କୁଲଗୁଡ଼ିକରେ ଶିବିର ଆୟୋଜନ କରି ବାୟୋମେଟ୍ରିକ୍ସ ଅପଡେଟ୍ କରିବା ପାଇଁ ସହଯୋଗ ଲୋଡାଯାଇଛି।




କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଏହାର ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନଫର୍ମେସନ୍ ସିଷ୍ଟମ୍ ଫର୍ ଏଜୁକେସନ୍ ପ୍ଲସ୍ ରେ ମଧ୍ୟ ଏହି ସମ୍ବନ୍ଧୀୟ ସୂଚନା ଅପଲୋଡ୍ କରିଛି। ଯାହା ଦ୍ୱାରା ସମସ୍ତ ଜିଲ୍ଲା ଅଧିକାରୀ ଏବଂ ପ୍ରଧାନଶିକ୍ଷକମାନେ ସେମାନଙ୍କ ସ୍କୁଲରେ କେତେ ଜଣ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ୍ସ ଅପଡେଟ୍ ହୋଇନାହିଁ ସେ ବିଷୟରେ ପ୍ରକୃତ ସୂଚନା ପାଇପାରିବେ।ଭାରତୀୟ ସ୍ୱତନ୍ତ୍ର ପରିଚୟ ପ୍ରାଧିକରଣ ବା ୟୁଆଇଡିଏଆଇର ସିଇଓ ଭୁବନେଶ କୁମାର ମଧ୍ୟ ଏହି ସମ୍ପର୍କରେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ମୁଖ୍ୟ ସଚିବଙ୍କୁ ଏକ ଚିଠି ଲେଖିଛନ୍ତି। ଏଥିରେ ଏହି ଛାତ୍ରଛାତ୍ରୀମାନଙ୍କର ବାୟୋମେଟ୍ରିକ୍ସ ଅପଡେଟ୍ କରିବା ପାଇଁ ସହଯୋଗ ଲୋଡାଯାଇଛି।

ସାରା ଦେଶରେ ୧୭ କୋଟି ପିଲା ଅଛନ୍ତି ଯେଉଁମାନଙ୍କର ଆଧାର ତିଆରି କରାଯାଇଛି । କିନ୍ତୁ ସେମାନଙ୍କର ବାୟୋମେଟ୍ରିକ୍ସ ଆଜି ପର୍ଯ୍ୟନ୍ତ ଅପଡେଟ୍ ହୋଇନାହିଁ। ତେବେ ପ୍ରକୃତରେ, ଯେତେବେଳେ ପିଲାମାନେ ଜନ୍ମ ହୁଅନ୍ତି, ସେମାନଙ୍କର ଆଧାର ମଧ୍ୟ ସେମାନଙ୍କ ପିତାମାତାଙ୍କ ଆଧାର ଆଧାରରେ ତିଆରି କରାଯାଏ। କିନ୍ତୁ, ପରେ ଏହାକୁ ସମୟ ସହିତ ଅପଡେଟ୍ କରିବାକୁ ପଡ଼ିଥାଏ। ଟଓଉଇଓ କହିଛି ଯେ ପାଞ୍ଚ ବର୍ଷ ବୟସର ପିଲାମାନଙ୍କ ପାଇଁ ଏବଂ ତା'ପରେ ୧୫ ବର୍ଷ ବୟସରେ ଆଧାର ବାୟୋମେଟ୍ରିକ୍ସ ଅପଡେଟ୍ ସମୟ ମଧ୍ୟରେ ସମାପ୍ତ କରିବା ଆବଶ୍ୟକ।

# ଗ୍ୟାସ୍ ସିଲିଣ୍ଡର ନିଆଁରେ ଜଳି ହୋଇ ମହିଳାଙ୍କ ମୃତ୍ୟୁ ମାମଲା ନେଲା ନୂଆ ମୋଡ଼

**ଗ୍ରେଟର ନୋଇଡ଼ା:** ଗ୍ରେଟର ନୋଏଡା ଯୌତୁକଜନୀତ ମୃତ୍ୟୁ ମାମଲା ଏକ ନୂଆ ମୋଡ଼ ନେଇଛି। ପୀଡ଼ିତା ନିକି ତାଙ୍କ ମୃତ୍ୟୁ ପୂର୍ବରୁ ଡାକ୍ତରଙ୍କୁ କହି ଯାଇଛନ୍ତି ଯେ ତାଙ୍କ ଶଶୁରଘରେ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ନିଆଁ ଲାଗିବା ପରେ ସେ ପୋଡ଼ିହୋଇ ଆହତ ହୋଇଥିଲେ।



ନିକିଙ୍କୁ ଭର୍ତ୍ତି କରାଯାଇଥିବା ଫୋର୍ଟିସ୍ ହସ୍ପିଟାଲର ଜଣେ ଡାକ୍ତର ଏବଂ ଜଣେ ନର୍ସ ପୁଲିସକୁ ଦେଇଥିବା ବୟାନରେ ଏହା ପ୍ରକାଶ ପାଇଛି। ପୂର୍ବରୁ ଯୌତୁକ ପାଇଁ ୨୬ ବର୍ଷୀୟା ନିକିଙ୍କୁ ତାଙ୍କ ସ୍ୱାମୀ ବିପିନ ଭାଟି ଏବଂ ତାଙ୍କ ପରିବାର ଲୋକ ପୋଡ଼ି ମାରି ଦେଇଛନ୍ତି ବୋଲି ଅଭିଯୋଗ ହୋଇଥିବା ବେଳେ ନିକିଙ୍କ ବୟାନ ସେ ଅଭିଯୋଗକୁ ଖଣ୍ଡନ କରିଛି।

ଗତ ସପ୍ତାହରେ ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତରିତ ହେଉଥିବା ସମୟରେ ନିକିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ବ୍ୟବଚ୍ଛେଦ ରିପୋର୍ଟରେ କୁହାଯାଇଛି ଯେ ସେ ୮୦% ପୋଡ଼ିଯାଇଥିଲେ।

ଏହି ମାମଲାରେ ପୂର୍ବରୁ ବିପିନ, ତାଙ୍କ ବାପାମାଆ, ନିକିଙ୍କ ଭଉଣୀ କାଞ୍ଚନଙ୍କୁ ବିବାହ କରିଥିବା ଭାଇ ରୋହିତଙ୍କୁ ମଧ୍ୟ ଗିରଫ କରାଯାଇଛି। ରବିବାର ଦିନ, ପୁଲିସ ହେପାଜତରୁ ଖସିଯିବାକୁ ଚେଷ୍ଟା କରୁଥିବା ସମୟରେ ବିପିନଙ୍କ ଗୋଡରେ ଗୁଳି ବାଜିଥିଲା।

ତେବେ ଏହି ମାମଲାରେ ଫୋର୍ଟିସ୍ ହସ୍ପିଟାଲର ମେଯମୋରେ ହିନ୍ଦୀରେ ଲେଖାଯାଇଛି, 'ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ରୋଗୀ ଗୁରୁତର ଭାବେ ପୋଡ଼ିଯାଇ କ୍ଷତ ହୋଇଛନ୍ତି।'

ତେବେ ନିକିଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି ବୋଲି ସାନ ଯାଆ ବନିଥିବା ନିକିଙ୍କ ଭଉଣୀ କାଞ୍ଚନ ଅଭିଯୋଗ ଆଣିଥିଲେ। ହେଲେ ଏହି ମାମଲା ଏବେ ଭିନ୍ନ ମୋଡ଼ ନେଇଛି।

# ଭାରତକୁ ପୁଣି ଆମେରିକାର ଆଉ ଏକ ଚେତାବନୀ

**ନୂଆଦିଲ୍ଲୀ:** ଭାରତରୁ ଆମେରିକା ଯାଉଥିବା ସାମଗ୍ରୀଗୁଡ଼ିକ ଉପରେ ୫୦% ଟାରିଫ୍ ଲାଗୁ ହୋଇଛି । ଏହି ନୂଆ ଶୁଳ୍କ ଭାରତର ପ୍ରାୟ ୫.୪ ଲକ୍ଷ କୋଟିର ରପ୍ତାନିକୁ ପ୍ରଭାବିତ କରିପାରେ । ନିଯୁକ୍ତି ହ୍ରାସ କରିପାରେ । ୫୦% ଟାରିଫ୍ ଲାଗୁ ପରେ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ଚରମ ସ୍ଥିତିରେ ରହିଛି । ଏହାରି ଭିତରେ ପୁଣି ଭାରତକୁ ଧମକ ଦେଇଛି ଆମେରିକା । ହ୍ୱାଇଟ ହାଉସ ପରାମର୍ଶଦାତା କେଭିନ ହାସେଟ ଭାରତ-ଆମେରିକା ସମ୍ପର୍କକୁ 'ଜଟିଳ' ବୋଲି କହିବା ସହ ଆମେରିକା ଉତ୍ପାଦକୁ ଭାରତ ବଜାର ଖୋଲିବାକୁ ନେଇ ଜିଦି ବାବଦରେ କହିଛନ୍ତି ।

**ଯଦି ଭାରତ ପଛକୁ ନ ହଟିବ...**




ଆମେରିକୀୟ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ହାସେଟ୍ ଭାରତ ଉପରେ ଲାଗୁ ହୋଇଥିବା ଆମେରିକାର ଶୁଳ୍କକୁ ୟୁକ୍ରେନ ବିବାଦ ପାଇଁ ରୁଷ ଉପରେ ଚାପ ପକାଇବା ପାଇଁ ବ୍ୟାପକ ଭୂରାଜନୈତିକ ପ୍ରୟାସ ସହିତ ଯୋଡିଛନ୍ତି। ସେ କହିଛନ୍ତି, 'ମୁଁ ଭାବୁଛି ଏହା ଏକ ଜଟିଳ ସମ୍ପର୍କ । ଆମେ ରୁଷ ଉପରେ ଏକ ଶାନ୍ତି ଚୁକ୍ତି ସୁରକ୍ଷିତ କରିବା ଏବଂ ଲକ୍ଷ ଲକ୍ଷ ଜୀବନ ବଞ୍ଚାଇବା ପାଇଁ ଚାପ ପକାଇବାକୁ ଚେଷ୍ଟା କରୁଛୁ । ଯାହା ଏହାର ଏକ ଅଂଶ । ଏଥିରେ ଭାରତର ଜିଦ୍ ମଧ୍ୟ ଅଛି । ଆମର ଉତ୍ପାଦ ପାଇଁ ତାର ବଜାର ଖୋଲି ନାହିଁ । ଯଦି ଭାରତ ତା ଜିଦ୍‌ରେ ଅଟଳ ରୁହେ ତେବେ ଟାରିଫ୍‌ରୁ ଆଶ୍ୱସ୍ତି ମିଳିବ ନାହିଁ ।'

ବିକଳ୍ପ ବଜାର ଖୋଜୁଛି ଭାରତ- ୫୦% ଟାରିଫ୍ ଦ୍ୱାରା ଆମେରିକାରେ ବିକ୍ରି ହେଉଥିବା ପୋଷାକ, ରତ୍ନପଥର-ଗହଣା, ଫର୍ଣ୍ଣିଚର ଏବଂ ସାମୁଦ୍ରିକ ଖାଦ୍ୟ ଆଦି ଭାରତୀୟ ସାମଗ୍ରୀ ମହଙ୍ଗା ହୋଇଯିବ । ଫଳରେ ଏଗୁଡ଼ିକର ଚାହିଦା ୭୦% ହ୍ରାସ ଘଟିପାରେ । ଚୀନ୍, ଭିଏତ୍‌ନାମ ଏବଂ ମେକ୍ସିକୋ ଭଳି କମ୍ ଟାରିଫ୍‌ଯୁକ୍ତ ଦେଶଗୁଡ଼ିକର ସାମଗ୍ରୀ ଶସ୍ତା ଦାମରେ ବିକ୍ରି ହେବ । ଏହା ଦ୍ୱାରା ଆମେରିକା ବଜାରରେ ଭାରତୀୟ କମ୍ପାନୀଗୁଡ଼ିକର ବଜାର ଅଂଶ କମିପାରେ । ଟ୍ରମ୍ପଙ୍କ ଟାରିଫ୍ ଜାବାବ ଦେବାକୁ ଭାରତ ବିକଳ୍ପ ବଜାର ଖୋଜୁଛି । ଏହାର ମୁକାବିଲା କରିବାକୁ ପ୍ରସ୍ତୁତ ହୋଇଗଲାଣି ଭାରତ । ଟେକ୍ସଟାଇଲ ରପ୍ତାନୀ ପାଇଁ ବ୍ରିଟେନ, ଜାପାନ ଏବଂ ଦକ୍ଷିଣ କୋରିଆ ସମେତ ୪୦ ପ୍ରମୁଖ ବଜାରକୁ ଫୋକସ୍ କରୁଛି । ଭାରତ ଏବେ ୨୨୦ରୁ ଅଧିକ ଦେଶକୁ ରପ୍ତାନୀ କରୁଛି ।

## ରାଶିଫଳ

**ମେଷ:** ସପ୍ତମଚନ୍ଦ୍ର ଯୋଗୁ ମାନସିକ, ପାରିବାରିକ ଶାନ୍ତି ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ । ମନରେ ପ୍ରସନ୍ନତା, ଚାଲିଚଳନରେ ସଂଯମତା ଏବଂ ସମସ୍ତଙ୍କର ପ୍ରଶଂସାର ପାତ୍ର ହେବେ ।

**ବୃଷ :** ଘାତବାର ଏବଂ ଷଷ୍ଠଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କର ସହ ପରୋପକାର, ସମାଜସେବା ଓ ଧାର୍ମିକ କର୍ମରେ ଅଧିକ ଆଗ୍ରହ ରହିବ ।

**ମିଥୁନ :** ପଞ୍ଚମ ଚନ୍ଦ୍ର, ଦିବା ୧୨ଟା ୩୪ ମିନିଟ୍ ପରେ ଘାତ ନକ୍ଷତ୍ର ଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନ ଅସ୍ଥିର ଓ ବିଷାଦଗ୍ରସ୍ତ ରହିବ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ।

**କର୍କଟ :** ଶୁକ୍ଳପକ୍ଷର ଚତୁର୍ଥ ଚନ୍ଦ୍ରଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମନୋମାଳିନ୍ୟ, ସ୍ୱଜନ, ପରିଜନ, ବନ୍ଧୁବାନ୍ଧବ, ସହକର୍ମୀ, ସହଯୋଗୀଙ୍କ ସହ ବିବାଦ, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜି ଯାଇପାରେ ।

**ସିଂହ :** ଘାତବାର ଓ ତୃତୀୟ ଚନ୍ଦ୍ର ଯୋଗୁ ଘାତବାରର ପ୍ରଭାବ ରହିବ ନାହିଁ । ମନରେ ଉତ୍ସାହ, ଉଦ୍ଦୀପନା, ପରିବାରରେ ସୁଖଶାନ୍ତି ଏବଂ ଭାଇଭଉଣୀଙ୍କ ପ୍ରତିସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ । ମନରେ ଦୃଢ଼ ଇଚ୍ଛାଶକ୍ତି ଓ ଆମବିଶ୍ୱାସ ବୃଦ୍ଧି ପାଇବ ।

**କନ୍ୟା:** ଘାତବାର ଏବଂ ଶୁକ୍ଳପକ୍ଷର ଦ୍ୱିତୀୟ ଚନ୍ଦ୍ରଯୋଗୁ ସମସ୍ତ କର୍ମରେ ଶୁଭଫଳ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ଏବଂ ଆତ୍ମତୃପ୍ତି ମିଳିବ ନାହିଁ । ଧନ ଓ ଆୟପ୍ରତି ମନରେ ଅହେତୁକ ଦୁର୍ବଳତା ପ୍ରକାଶ ପାଇବ ।

**ତୁଳା :** ଶ୍ରୀଚନ୍ଦ୍ର ଯୋଗୁ ଧନ, ମାନ, ସମ୍ମାନ, ଲକ୍ଷ୍ମୀଙ୍କର କୃପା ଏବଂ ସୁଖାଦ୍ୟ, ସୁବସନ ପ୍ରାପ୍ତି ହେବ । ଚାଲିଚଳନ, ବ୍ୟବହାରରେ ସଂଯମତା ରହିବ ଏବଂ ବଚନରେ ମଧୁରତା ଭାବ ପ୍ରକାଶ ପାଇବ ।

**ବିଛା :** ଦ୍ୱାଦଶଚନ୍ଦ୍ର ଯୋଗୁ ଆୟ ପାଞ୍ଚ ଟଙ୍କା ହେଲେ ବ୍ୟୟ ପଚିଶ ଟଙ୍କା ହେବ ଏବଂ ଆର୍ଥିକ ସ୍ଥିତି ବିଗିଡ଼ିଯିବ । ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହଭାବ ପ୍ରକାଶ ପାଇବ ଏବଂ ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନେବାରେ ଅସମର୍ଥ ହେବେ ଏବଂ ବିନାକାରଣରେ ବହୁତ ବ୍ୟସ୍ତ ରହିବେ ।

**ଧନୁ :** ଏକାଦଶ ଚନ୍ଦ୍ର, ମଙ୍ଗଳଙ୍କ ନକ୍ଷତ୍ରଭୋଗ ହେଉଥିବାରୁ ମୂଲ୍ୟବାନ ଧାତୁ, ଭୂମି ଓ ସୌଖୀନ ଘରୋଇ ଉପକରଣ କ୍ରୟ କରିବେ । ଆକସ୍ମିକ ଧନଲାଭ, କୌଣସି ବିଶେଷ ସୂତ୍ରରୁ ଧନପ୍ରାପ୍ତି ଏବଂ ଅନ୍ୟକୁ ଦେଇଥିବା ଧନ ଓ ହୃତଧନ ଫେରି ପାଇବେ ।

**ମକର :** ଦଶମଚନ୍ଦ୍ର ଯୋଗୁ ସମସ୍ତ କର୍ମରେ ଅସମ୍ଭବ ସଫଳତା ମିଳିବ । ନୂତନ କର୍ମାରମ୍ଭ କରିପାରନ୍ତି କିମ୍ବା ନୂତନ ନିଯୁକ୍ତି ମିଳିପାରେ । ଆଜି ଯେକୌଣସି କର୍ମ ଆରମ୍ଭ କରିବେ, ସେଥିରେ ଶତ ପ୍ରତିଶତ ସଫଳତା ପାଇବେ ।

**କୁମ୍ଭ :** ନବମ ଚନ୍ଦ୍ର, ଘାତତିଥି ଯୋଗୁ ସମସ୍ତକର୍ମରେ ଶୁଭଫଳ ମିଳିଲେ ମଧ୍ୟ ପରିବାରରେ ଅଶାନ୍ତି ଏବଂ ସ୍ୱଜନ, ପରିଜନଙ୍କ ବିରୋଧର ସମ୍ମୁଖୀନ ହେବେ । ମାନ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ ।

**ମୀନ :** ଅଷ୍ଟମଚନ୍ଦ୍ର, ଚତୁର୍ଥୀ ତିଥି ଏବଂ ଅପରାହ୍ଣ ୧୨ଟା ୩୪ ମିନିଟ୍ ପରେ ରାହୁଙ୍କ ନକ୍ଷତ୍ର ଏବଂ ବିଷ୍ଟୀ କରଣ ହେତୁ ବାଦ, ବିବାଦ, ସ୍ୱାସ୍ଥ୍ୟ, ଆର୍ଥିକ କାରବାର, ଉଚ୍ଚସ୍ଥାନ ଆରୋହଣ, ଗ୍ୟାସ୍, ଇଲେକ୍ଟ୍ରିକ୍ ଦ୍ରବ୍ୟ ବ୍ୟବହାର ଏବଂ ଯାନବାହନ ଆରୋହଣ କାଳରେ ସତର୍କତା ଅବଲମ୍ବନ କରିବେ ।

# ମାତୃଭାଷା

**କଟକ, ଶୁକ୍ରବାର, ଅଗଷ୍ଟ -୨୯, ୨୦୨୫ ପୃଷ୍ଠା: ୪**


## ୨୦୩୮ ସୁଦ୍ଧା ଆମେରିକାକୁ ଟପି ଭାରତ ବନିବ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତର ରପ୍ତାନୀ ସାମଗ୍ରୀ ଉପରେ ୫୦ ପ୍ରତିଶତର ଶୁଳ୍କ ଟିକସ ବସାଇ ଦେଶକୁ ଚିନ୍ତିତ କରିଥିବାବେଳେ ଅପର ପକ୍ଷରୁ ଭାରତ ପାଇଁ ଅର୍ଥନୀତି ସହ ଜଡିତ ଏକ ଖୁସି ଖବର ଆସିଛି। ତାହା ହେଉଛି ୨୦୩୮ ସୁଦ୍ଧା ଭାରତ ଆମେରିକାକୁ ପଛରେ ପକାଇ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ହେବ। ଏହା ଚଚଚ ଉପରେ ଆଧାରିତ, ଯେଉଁଥିରେ ଆମ ଦେଶର କ୍ରୟ ଶକ୍ତି କେତେ ତାହା ଦେଖାଯାଏ। ଏହି ଖବର ଋଣ ର ଏକ ସାମ୍ପ୍ରତିକ ରିପୋର୍ଟରୁ ଆସିଛି, ଯାହା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ତଥ୍ୟ ଉପରେ ଆଧାରିତ।

ଏହି ରିପୋର୍ଟରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଭାରତ ଆମେରିକାକୁ ପଛରେ ପକାଇବ। ରିପୋର୍ଟରେ ସୂଚନା ଦିଆଯାଇଛି ଯେ ୨୦୩୦ ସୁଦ୍ଧା ଭାରତର ଅର୍ଥନୀତି ୨୦.୭ ଲକ୍ଷ କୋଟି ଡଲାର ହୋଇପାରେ ଏବଂ ୨୦୩୮ ସୁଦ୍ଧା ଏହା ୩୪.୨ ଲକ୍ଷ କୋଟି ଡଲାରରେ ପହଞ୍ଚିବ। ଅର୍ଥାତ୍ ଭାରତର ଅର୍ଥନୀତି ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଭାରତର ଏପରି ଦ୍ରୁତ ପ୍ରଗତି ଏହାର ଜିଡିପି ପ୍ରତି ବର୍ଷ ୬.୫ ହାରରେ ବଢିବା କାରଣରୁ ଏବଂ ଆମେରିକାର ଜିଡିପି ୨.୧ ପ୍ରତିଶତରେ ରହିବା କାରଣରୁ ହେବ।

ଯଦି ଆମେ ଆପଣଙ୍କୁ ଚଚଚ ର ଅର୍ଥ ଏକ ଉଦାହରଣ ସହିତ ବୁଝାଇବା, ଯେପରି ଭାରତରେ ୧୦୦ ଟଙ୍କାରେ ମିଳୁଥିବା ଜିନିଷ, ଅନ୍ୟ ଦେଶରେ ସମାନ ଜିନିଷର ମୂଲ୍ୟ କେତେ ହେବ। ଏହି ଭାବରେ ଗଣନା କରିବା ଦ୍ୱାରା, ଭାରତର ଶକ୍ତି ସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ। ୨୦୩୦ ସୁଦ୍ଧା ଆମର ଅର୍ଥନୀତି ଆମେରିକା, ଚୀନ୍, ଜର୍ମାନୀ ଏବଂ ଜାପାନ ଅପେକ୍ଷା ଭଲ ଅବସ୍ଥାରେ ରହିବ। ଭାରତରେ ବହୁତ ଯୁବକ ଯୁବତୀ ଅଛନ୍ତି, ଯାହାଙ୍କର ହାରାହାରି ବୟସ ୨୦୨୫ ମସିହାରେ ମାତ୍ର ୨୮.୮ ବର୍ଷ ହେବ। ଏହା ବିଶ୍ୱର ବଡ଼ ଅର୍ଥନୀତି ମଧ୍ୟରେ ସବୁଠାରୁ କମ୍। ଏହା ସହିତ, ଭାରତର ଲୋକମାନେ ବହୁତ ସଞ୍ଚୟ କରନ୍ତି, ଯାହା ଆମର ଅର୍ଥନୀତିକୁ ଆହୁରି ମଜବୁତ କରିଥାଏ।

୨୦୩୦ ସୁଦ୍ଧା ଭାରତର ସରକାରୀ ଋଣ ଏତେ ହେବ।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ୨୦୨୪ରେ ଭାରତର ସରକାରୀ ଋଣ ଜିଡିପିର ୮୧.୩ ପ୍ରତିଶତ ଥିଲା, ଯାହା ୨୦୩୦ ସୁଦ୍ଧା ୭୫.୮ ପ୍ରତିଶତକୁ ହ୍ରାସ ପାଇବ। ଏହା ଏକ ଭଲ କଥା କାରଣ ଅନ୍ୟ ବଡ଼ ଦେଶଗୁଡ଼ିକରେ ଋଣ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ, ୨୦୩୦ ସୁଦ୍ଧା ଚୀନର ଅର୍ଥନୀତି ୪୨.୨ ଟ୍ରିଲିୟନ ଡଲାର ହୋଇପାରେ, କିନ୍ତୁ ସେଠାକାର ଲୋକମାନେ ବୃଦ୍ଧ ହେଉଛନ୍ତି ଏବଂ ଋଣ ମଧ୍ୟ ଅଧିକ। ଆମେରିକାରେ ମଧ୍ୟ ଋଣ ଜିଡିପିର ୧୨୦ ପ୍ରତିଶତରୁ ଅଧିକ। କିନ୍ତୁ ଭାରତ ଭିନ୍ନ। ଆମର ପରିଶ୍ରମୀ ଏବଂ ଯୁବକ ଅଛନ୍ତି, ଯେଉଁମାନେ ଦେଶକୁ ଆଗକୁ ନେଉଛନ୍ତି।

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଯଦି ଭାରତ ପ୍ରତିବର୍ଷ ୬.୫ ପ୍ରତିଶତ ହାରରେ ଅଭିବୃଦ୍ଧି ଜାରି ରଖେ ଏବଂ ଆମେରିକା ୨.୧ ପ୍ରତିଶତରେ ରହିଥାଏ, ତେବେ ୨୦୩୮ ସୁଦ୍ଧା ଆମେ ଆମେରିକାକୁ ପଛରେ ପକାଇ ଦେବୁ। ଏହା ସହିତ, ଯଦି ଆମେ ବଜାର ବିନିମୟ ହାର ବିଷୟରେ କଥାବାର୍ତ୍ତା କରୁ, ତେବେ ୨୦୨୮ ସୁଦ୍ଧା ଭାରତ ଜର୍ମାନୀକୁ ପଛରେ ପକାଇ ତୃତୀୟ ବୃହତ ଅର୍ଥନୀତି ହୋଇପାରିବ। ଭାରତର ଏହି ପ୍ରଗତି ଆମର ଭଲ ଆର୍ଥିକ ନୀତି, ଯୁବ ଗୋଷ୍ଠୀ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ଯୋଗୁ ସମ୍ଭବପର ହେବ।

# ସାଇତତ୍ତ୍ୱ

*ଅନୀତା ପଟ୍ଟନାୟକ*

ଜିଜ୍ଞାସୁ ବାବୁ ମୋର ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ। ବାପା ଓ ସେ କଥାବାର୍ତ୍ତା କରୁଥିବା ସମୟରେ ମୁଁ ବେଳେ ବେଳେ ଶୁଣିବାକୁ ଚେଷ୍ଟାକରେ ଜିଜ୍ଞାସୁ ବାବୁ ଅନୁସନ୍ଧାନ କରି ନୂଆ ନୂଆ କଥା କହିଥାନ୍ତି। ସେ ଥରେ ବାପାଙ୍କୁ କହିଥିଲେ ଆପଣ ଜାଣିଛନ୍ତି ରାମତତ୍ତ୍ୱ, ଜଗନ୍ନାଥଙ୍କ ତତ୍ତ୍ୱ ଏସବୁ ମନର ଭାବନା କିମ୍ବା କୌଣସି ବିଶିଷ୍ଟ ବ୍ୟକ୍ତି ବା ସାଧୁସନ୍ଥଙ୍କର କଳ୍ପନା ଅଟେ। ଏହି କଳ୍ପନାଗୁଡ଼ିକୁ ସମାଜ ଏପରି ଭାବେ ଗ୍ରହଣ କରିନେଇଛି ଯେପରି ସେଗୁଡ଼ିକ ସବୁ ସତ୍ୟ। ବାପା ପଚାରିଲେ ତୁମେ ଏ ସବୁକୁ ସତ୍ୟ ବୋଲି ଭାବୁଛକି ? ସେ କହିଲେ ଏକଥା ସତ୍ୟ କି ମିଥ୍ୟା ମୁଁ କହୁନାହିଁ। ମୁଁ ଜାଣିବାରେ ରାମାୟଣ ଓ ମହାଭାରତ ଦୁଇଟି ମହାକାବ୍ୟ। ମହାଭାରତ ମଧ୍ୟରେ ଗୀତା ଅନ୍ତର୍ଭୁକ୍ତ। ତେଣୁ ଏହା ବାଲ୍ମୀକି ଓ ବ୍ୟାସଦେବଙ୍କର ଚିନ୍ତାଧାରା। ଯାହାକୁ କି ସମାଜ ସତ୍ୟ ଭାବରେ ଗ୍ରହଣ କରିଅଛି। ବାପା କହିଲେ ଜିଜ୍ଞାସୁବାବୁ ଆପଣ ଯାହା କହୁଛନ୍ତି ଏଥିରେ ସତ୍ୟତା ଥିଲା ପରି ଲାଗୁଛି। ଲୋକଙ୍କୁ ରାମାୟଣ ବୁଝାଇବାକୁ ଯାଇ ଭାଷ୍ୟାକାରମାନେ କହିଥାନ୍ତି 'ପୂର୍ବ ରାମ ତପୋବନାଦି ଗମନଂ, ହତ୍ୱା ମୃଗକାଞ୍ଚନଂ, ବୈଦେହୀ ହରଣଂ ଜଟାୟୁ ମରଣଂ, ସୁଗ୍ରୀବ ସମ୍ଭାଷଣଂ, ବାଲୀ ନିଗ୍ରହଣଂ, ସମୁଦ୍ର ତରଙ୍ଗଂ, ଲଙ୍କାପୁରୀ ଦାହନଂ, ପଶ୍ଚାଦ ରାବଣ କୁମ୍ଭକର୍ଣ୍ଣ ହନନଂ, ଏତଦ୍ଧି ରାମାୟଣଂ'। ସେହିପରି ବାପା କହିଲେ, କୃଷ୍ଣତତ୍ତ୍ୱ ଏକ ଚିନ୍ତାଧାରା କୃଷ୍ଣଙ୍କ ରୂପ ବର୍ଣ୍ଣନ କରିବାକୁ ଯାଇ ଭାଷ୍ୟାକାରମାନେ କୁହନ୍ତି - 'କସ୍ତୁରୀ ତିଳକଂ ଲଲାଟପଟଲେ ବକ୍ଷସ୍ଥଳେ କୌସ୍ତୁଭମ୍, ନାସାଗ୍ରେ ନବମୌକ୍ତିକଂ କରତଳେ ବେଣୁଃ କରେ କଙ୍କଣମ। ସର୍ବାଙ୍ଗେ ହରିଚନ୍ଦନଂ ସୁଲଳିତଂ କଣ୍ଠେଷ୍ଟ ମୁକ୍ତାବଳୀ, ଗୋପସ୍ତ୍ରୀ ପରିବେଷ୍ଟିତୋ ବିଜୟତେ ଗୋପାଳ ଚୂଡ଼ାମଣିଃ।'



ବାପା ଜିଜ୍ଞାସୁବାବୁଙ୍କୁ ପଚାରିଲେ ଶ୍ରୀ ସତ୍ୟସାଇ ବାବାଙ୍କ ବିଷୟରେ ତୁମର ମତାମତ କ'ଣ ? ତାଙ୍କର ଶହେତମ ଜନ୍ମବାର୍ଷିକୀ ୨୩ ନଭେମ୍ବର ୨୦୨୫ରେ ପାଳିତ ହେବାକୁ ଯାଉଛି। ଭକ୍ତମାନେ ଆଗ୍ରହରେ ସାଇ ମନ୍ଦିରକୁ ଯାଇ ଭଜନକୀର୍ତ୍ତନ କରୁଛନ୍ତି। ଜିଜ୍ଞାସୁ ବାବୁ କହିଲେ ସତ୍ୟସାଇବାବା ମଧ୍ୟ ଏକ ଭାବନା ଓ ଚିନ୍ତାଧାରା। ସତ୍ୟସାଇ ମନ୍ଦିର ବୋଲି କିଛି ନାହିଁ। ତାଙ୍କର ଭକ୍ତମାନେ ଯେଉଁଠାରେ ତାଙ୍କର ଫଟୋ ବା ପ୍ରତିମୂର୍ତ୍ତି ରଖି ପୂଜାର୍ଚ୍ଚନା କରୁଛନ୍ତି ତାହା ମନ୍ଦିର ନୁହେଁ ବରଂ ତାର ନାମ ଶ୍ରୀସତ୍ୟସାଇ ସେବା ସଂଗଠନ। ମୁଁ ପ୍ରଶାନ୍ତି ନିଳୟମ ଯାଇଥିଲି ଯେଉଁଠାରେ ଭଗବାନ ଶ୍ରୀସତ୍ୟସାଇ ବାସ କରୁଥିଲେ। ତାଙ୍କର ସମାଧିରେ ଲେଖା ଯାଇଛି 'ଖବ୍ଭଙ୍ଗର ବକ୍ଷକ୍ଷ ସ୍ବରକ୍ସଙ୍ଗର ବକ୍ଷକ୍ଷ'। ସମସ୍ତଙ୍କୁ ପ୍ରେମକର ସମସ୍ତଙ୍କର ସେବା କର। ଏପରି କାହିଁକି ଲେଖାଯାଇଛି ବୋଲି ଅନୁସନ୍ଧାନ ଆରମ୍ଭ କଲି। ସେଠାରେ ଜ୍ଞାନୀଗୁଣୀ ମାନଙ୍କୁ ପଚାରି ଜାଣିଲି ଯେ ସତ୍ୟସାଇବାବା କ'ଣ ପ୍ରଚାର କରିବାକୁ ଆସିଥିଲେ। ସେ କହୁଥିଲେ ମୁଁ ସମସ୍ତଙ୍କ ମଧ୍ୟରେ ବିଦ୍ୟମାନ। ଅଣୁ ପରମାଣୁ ଠାରୁ ବିଶ୍ୱ ବ୍ରହ୍ମାଣ୍ଡ ଜଗତ ପ୍ରାଣୀ ସମସ୍ତଙ୍କ ଭିତରେ ସେ ବିଦ୍ୟମାନ। ସେ କହୁଥିଲେ ମତେ ଭଲପାଇବା ଅର୍ଥ ସମସ୍ତଙ୍କୁ ଭଲ ପାଇବା। ପ୍ରେମର ଅର୍ଥକୁ ବୁଝାଇବାକୁ ଯାଇ ସେହ କହିଥିଲେ ଯାହା କୌଣସି ସ୍ୱାର୍ଥ ନଥାଇ କରାଯାଏ। ମଣିଷ ସେବା କରିବା ପୂର୍ବରୁ ତା ମଧ୍ୟରେ ପ୍ରେମଭାବ ଆସିବା ଦରକାର। ଆମ ଭିତରେ ପ୍ରେମ ଭାବ ନଥିଲେ ଆମେ କୌଣସି କାର୍ଯ୍ୟ ସଠିକ ରୂପରେ କରିନଥାଉ। ଯାହା ଭିତରେ ପ୍ରେମ ଭାବ ଥାଏ, ସେ ସେବା କରିବାକୁ ଯୋଗ୍ୟ। ସେ ପରସ୍ପରର କୁତ୍ସାରଟନା କରିବାକୁ ମନା କରୁଥିଲେ। କାରଣ ସେ କହୁଥିଲେ, ଅନ୍ୟର କୁତ୍ସାରଟନା କରିବା ଅର୍ଥ ଭଗବାନଙ୍କ କୁତ୍ସରଟନା କରିବା। ତେଣୁ ମୋ ମତରେ ଭଗବାନ ସତ୍ୟସାଇ ଜଣେ ମଣିଷ ନଥିଲେ, ମଣିଷ ରୂପଧାରୀ ଭଗବାନ ନଥିଲେ ସେ ରାମକୃଷ୍ଣଙ୍କ ପରି ଏକ ଚିନ୍ତାଧାରା ଥିଲେ। ସେ ଦେହ ତ୍ୟାଗ କରିବା ପୂର୍ବରୁ ଗୋଟିଏ ସୁପର ସ୍ପେଷାଲିଷ୍ଟ ହସ୍ପିଟାଲ ଆବାଳବୃଦ୍ଧବନିତାଙ୍କ ପାଇଁ ଓ ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ନିଃଶୁଳ୍କ ହୃଦରୋଗ, ସ୍ନାୟୁ ଓ ଚକ୍ଷୁର ଏକ ଚିକିତ୍ସାଳୟ ଖୋଲିଥିଲେ ଓ ଏହାର ସଂପ୍ରସାରଣ ଅନ୍ୟାନ୍ୟ ସହରରେ ମଧ୍ୟ କରିଥିଲେ। ରୟାଲସୀମା ପରି ଅଞ୍ଚଳରେ ଜଳଯୋଗାଣର ବ୍ୟବସ୍ଥା କରିଥିଲେ। ପିଲାମାନଙ୍କ ପାଇଁ ବିଦ୍ୟାଳୟ, ମହାବିଦ୍ୟାଳ ଓ ବିଶ୍ୱବିଦ୍ୟାଳୟ ଖୋଲି ଦେଇଥିଲେ। ରାସ୍ତାରୁ ଉଠାଇ ଆଣି ରାସ୍ତାକଡ଼ରେ ବୁଲୁଥିବା ପିଲାମାନଙ୍କ ପାଇଁ ଦୀନୋଦ୍ଧାରଣ ପଠକମ୍ ଖୋଲି ନିଃଶୁଳ୍କ ଶିକ୍ଷାଦାନର ବ୍ୟବସ୍ଥା କରାଇଛନ୍ତି। ଶ୍ରୀ ସତ୍ୟସାଇଙ୍କ ଚିନ୍ତାଧାରା ଥିଲା ତୁମେ ତୁମ ପିଲାଙ୍କୁ ଭଲ ପାଉଛ। ଏଥିରେ ବାହାଦୁରୀ କ'ଣ ଅଛି। ଇତର ଜଗତର ପ୍ରାଣୀମାନେ ମଧ୍ୟ ତାଙ୍କ ପିଲାଙ୍କୁ ଭଲ ପାଆନ୍ତି। କିନ୍ତୁ ସେ କହିଛନ୍ତି ତୁମେ ଯେତେବେଳେ ଅନ୍ୟର ପିଲାକୁ ନିଜର ପିଲାପରି ଭଲପାଇ ପାରିବ ତାହାହିଁ ଦୈବତ୍ୱ। ଏହିପରି ଏକ ଭାବନାରୁ ସୃଷ୍ଟି ଶ୍ରୀସତ୍ୟସାଇ ସେବା ସଂଗଠନର ବାଳବିକାଶ। ଏହିପରି ମନୋଭାବ ରଖି ସତ୍ୟସାଇ ସେବା ସଂଗଠନର ପ୍ରତ୍ୟେକ ସଦସ୍ୟ ଅନ୍ନଦାନ ପରି ନାରାୟଣ ସେବା, ରକ୍ତଦାନ, ବସ୍ତ୍ରଦାନ, ମେଡ଼ିକାଲ ସେବା ପ୍ରଭୃତି ଯୋଗାଇ ଦେଇଥାନ୍ତି। ସତ୍ୟସାଇ ବାବାଙ୍କ ମତରେ ଏ ସବୁ ଚିନ୍ତାଧାରାରେ କୌଣସି ନୂତନତ୍ୱ କିମ୍ବା ଗୁରୁତ୍ୱ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ତୁମ ମାନଙ୍କ ମଧ୍ୟରେ ଏ ଚିନ୍ତାଧାରା କିଏ ସୃଷ୍ଟି କରୁଛି ସେ ହିଁ ଭଗବାନ। ତା ଉପରେ ଅନୁଶୀଳନ ଓ ଅନୁଧ୍ୟାନ କର।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷିକା, ସିଡିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬*

# ଆମ କ୍ରୀଡା ଦିବସ

**ଅକ୍ଷୟ କୁମାର ରାଉତ**

ପ୍ରକୃତିର ସର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ମଣିଷ ଯେତେବେଳେ ଆତ୍ମବିଭୋର ହୋଇପଡେ, ସବୁଜ ଶସ୍ୟ କ୍ଷେତ୍ର, ନିର୍ଝରିଣୀର କୁଳୁକୁଳୁ ସ୍ୱନ, ବିହଙ୍ଗମାନଙ୍କର କାକଳି, ଆକାଶର କମନୀୟ ରୂପ, ଏହି ସବୁ ଯେତେବେଳେ ଜୀବନର ସ୍ୱାଦ ରୂପେ ଉପଭୋଗ କରେ। ଯୁଗେ ଯୁଗେ ପ୍ରକୃତିର ଶାନ୍ତ କାନ୍ତ କମନୀୟ ରୂପମାଧୁରୀ କବି, ଦର୍ଶକ, ଭାବୁକ, କଳାକାର ଓ ଲେଖକମାନଙ୍କୁ ବିମୋହିତ କରୁଥାଏ। ତଥାପି କର୍ମକ୍ଳାନ୍ତ ମଣିଷ ଜୀବନରେ ଅଣନିଃଶ୍ୱାସୀ ହୋଇ ଖୋଜେ ଚିତ ବିନୋଦର ବିବିଧ ମାଧ୍ୟମ। ମନୁଷ୍ୟର ମନୋରଞ୍ଜନ ନିମିତ ଥିବା ବିଭିନ୍ନ ବ୍ୟବସ୍ଥା ମଧ୍ୟରେ କ୍ରୀଡା ଅନ୍ୟତମ। କିଏ ଖେଳରେ ଅଂଶ ଗ୍ରହଣକରି ଆନନ୍ଦ ଲାଭ କରେ ତ କିଏ ଖେଳ ଦେଖି ତାକୁ ଉପଭୋଗ କରେ। ବର୍ତ୍ତମାନ ବିଦ୍ୟା, ବୁଦ୍ଧି, କୌଶଳ, କାର୍ଯ୍ୟ ଓ ଦକ୍ଷତା ପ୍ରଭୃତିରେ ପରସ୍ପରକୁ ଅତିକ୍ରମ କରିବା ପାଇଁ ମାନବ ସମାଜ ମଧ୍ୟରେ ଯେଉଁ ପ୍ରଚେଷ୍ଟା ଦୃଷ୍ଟିଗୋଚର ହୁଏ ତାହା ହିଁ ପ୍ରତିଯୋଗିତା ନାମରେ ପରିଚିତ। ଦେଶ ଦେଶ ମଧ୍ୟରେ, ଜାତି ଜାତି ମଧ୍ୟରେ ସବୁଶ୍ରେଣୀ ମଧ୍ୟରେ ଉଚ୍ଚ, ନୀଚ, ବଡ, ସାନ ସମସ୍ତଙ୍କ ମଧ୍ୟରେ ପ୍ରତିଯୋଗିତାର ପରାକାଷ୍ଠା ମୁଣ୍ଡ ଟେକିଛି। ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ଖେଳକୁଦରେ ପ୍ରତିଯୋଗିତାର ଯୁଗ ଆରମ୍ଭ ହୋଇଯାଇଛି। ଜାତୀୟ, ଆନ୍ତର୍ଜାତୀୟ ଓ ଆଂଚଳିକ ସ୍ତରରେ ହେଉଥିବା କ୍ରୀଡା ପ୍ରତିଯୋଗିତାକୁ ପ୍ରତ୍ୟେକ ଦେଶ ଓ ପ୍ରତ୍ୟେକ ଜାତି ଉତ୍ସାହିତ କରିବାରେ ଲାଗିପଡିଛନ୍ତି। କ୍ରୀଡାଭୂମିରୁ ବଡ ବଡ ରାଜନୀତିଜ୍ଞ ଓ ଶାସକ ଗଢ଼ିଉଠନ୍ତି। ମନୁଷ୍ୟର ଶାରୀରିକ ମାନସିକ ଓ ନୈତିକ ସ୍ୱାସ୍ଥ୍ୟର ଉନ୍ନତି ନିମିତ କ୍ରୀଡା ଆବଶ୍ୟକ ଜରୁରୀ ହୋଇପଡିଛି।

ପ୍ରାଚୀନ କାଳରୁ ଆଦିମ ମନୁଷ୍ୟ ଶିକାର କରିବାର କୌଶଳକୁ ପର ଅବସ୍ଥାରେ କିଛିଟା ନିଜ ବୁଦ୍ଧି ବଳରେ ଖେଳରେ ଲଗାଇଥିଲା। ପ୍ରକାର ଭେଦରେ କେତେକ ଖେଳକୁ ଶାରୀରିକ କ୍ରୀଡା ଓ କେତେକ ଖେଳକୁ ମାନସିକ କ୍ରୀଡାର ପର୍ଯ୍ୟାୟଭୁକ୍ତ କରାଯାଇପାରେ। କେତେକ କ୍ରୀଡା ଗୃହ ମଧ୍ୟରେ ଅନୁଷ୍ଠିତ ହୁଏ ଏବଂ କେତେକ କ୍ରୀଡା ବାହାରେ କରାଯାଇଥାଏ। ଯେତେ ପ୍ରକାର କ୍ରୀଡା ଅଛି ସେ ସବୁଗୁଡିକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତ କରିଛେ। ପ୍ରଥମତଃ ଦେଶୀୟ କ୍ରୀଡା ଏବଂ ଦ୍ୱିତୀୟତଃ ବିଦେଶୀୟ କ୍ରୀଡା। ଦେଶୀୟ କ୍ରୀଡା କହିଲେ କବାଡି, ବୋହୂ ଚୋରି, ଚୋର ପୁଲିସ୍, ଖୋଖୋ, ହକି, ତାସ୍ ଓ ଲୁଡୋ ଆଦି କେତେକ ଖେଳକୁ ବୁଝାଏ। ବିଦେଶୀୟ କ୍ରୀଡା କହିଲେ ଫୁଟ୍‌ବଲ୍, ଭଲିବଲ, କ୍ରିକେଟ, ନେଟବଲ୍, ଟେନିସ୍, ଗଲ୍ଫ ଓ ବାସ୍କେଟବଲ ଆଦିକୁ ସୂଚାଇଥାଏ।

କ୍ରୀଡା ଏକ ଶାରୀରିକ ବ୍ୟାୟାମ, ଯିଏ ମନକୁ ପ୍ରଫୁଲ୍ଲତା ଆଣେ ଓ ଶାରୀରିକ ଶକ୍ତି ବଢ଼ାଏ। କ୍ରୀଡା ଶୃଙ୍ଖଳା, ସହଯୋଗିତା ଓ ସହନଶୀଳତା ଶିକ୍ଷା ଦିଏ। ଜାତି ଜାତି ଓ ଦେଶ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସହାୟକ ହୁଏ। କ୍ରୀଡା ସମୟନିଷ୍ଠ, ନିୟମାନୁବର୍ତୀତା, ଏକାଗ୍ରତା ଓ ନେତୃତ୍ୱ ଦେବାର କଳା ଶିଖାଏ। ଅନେକ ସମୟରେ ଖେଳାଳିମାନେ ଖେଳାଳି ମନୋବୃତି ଭୂଲିଯାଇ ପ୍ରତିପକ୍ଷର ବିଜୟରେ ଅସହିଷ୍ଣୁ ହୋଇପଡନ୍ତି ଫଳରେ ଭୟାନକ ପରିସ୍ଥିତି ଦେଶ ଦେଶ ମଧ୍ୟରେ ସୃଷ୍ଟି ହୁଏ। ଦର୍ଶକ ହୁଅନ୍ତୁ ବା ଖେଳାଳି ସମସ୍ତେ ଅସହିଷ୍ଣୁତା ତ୍ୟାଗ କରି ନୈତିକ ପ୍ରତିଯୋଗିତାରେ ମନ ନିବେଶ କରିବା ବିଧେୟ। କ୍ରୀଡା ପ୍ରତିଯୋଗିତାର ମଧ୍ୟସ୍ଥ ବ୍ୟକ୍ତି ଉଭୟ ପକ୍ଷ ଖେଳାଳିମାନଙ୍କର ବିଶ୍ୱାସଭାଜନ ହେବା ଉଚିତ।

କ୍ରୀଡା ପ୍ରତିଯୋଗିତାର ଇତିହାସ ବହୁ ପୁରାତନ। ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ସବୁଠାରୁ ପ୍ରାଚୀନ ଓ ବିଶ୍ୱପ୍ରସିଦ୍ଧ। ଏହି କ୍ରୀଡା ପ୍ରତିଯୋଗିତା ଗ୍ରୀସ୍ ଦେଶର ଅଲମ୍ପିଆ ନାମକ ସ୍ଥାନରେ ଅନୁଷ୍ଠିତ ହେଉଥିବାରୁ ଏହାକୁ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା କୁହାଯାଏ (ଅଲମ୍ପିକ୍ ଶବ୍ଦଟି ଅଲମ୍ପିଆ ଶବ୍ଦରୁ ଆସିଅଛି)। ଗ୍ରୀକ୍‌ମାନଙ୍କର ପ୍ରଧାନ ଦେବତା ଜୀୟସ୍‌ଙ୍କ ଉଦ୍ଦେଶ୍ୟରେ ଏହି କ୍ରୀଡା ପ୍ରତି ଚାରି ବର୍ଷରେ ଥରେ ଅନୁଷ୍ଠିତ ହେଉଥିଲା। ପୂର୍ବେ ଗ୍ରୀକ୍ ବହୁ ନଗର ଓ ରାଜ୍ୟରେ ବିଭକ୍ତ ହୋଇ ଯୁଦ୍ଧରେ ମାତି ରହୁଥିଲା। ଅଲମ୍ପିକ୍ କ୍ରୀଡା ସେମାନଙ୍କ ମଧ୍ୟରେ ବନ୍ଧୁତ୍ୱର ବାର୍ତା ସୃଷ୍ଟି କରୁଥିଲା। ଅଲମ୍ପିକ୍ କ୍ରୀଡା ଯୋଗୁ ସେମାନେ ଏକାଠି ସୂତ୍ରରେ ବାନ୍ଧି ହୋଇ ରହିପାରୁଥିଲେ। ଅଲମ୍ପିକ୍ କ୍ରୀଡାରେ ପ୍ରଥମେ ଗ୍ରୀକ୍ ନଗର ରାଜ୍ୟର ଖେଳାଳିମାନେ ଯୋଗ ଦେଉଥିଲେ। ଏହି ଖେଳରେ ନାରୀମାନଙ୍କୁ ଖେଳିବାକୁ ଅନୁମତି ମିଳୁନଥିଲା।

କିନ୍ତୁ ସମୟ କ୍ରମେ ବିଭିନ୍ନ ଦେଶର ଖେଳାଳିମାନେ ଏହି ଖେଳରେ ଅଂଶ ଗ୍ରହଣ କରିବାକୁ ଲାଗିଲେ। ଗ୍ରୀସ୍ ଓ ରୋମ୍ ମଧ୍ୟରେ ଯୁଦ୍ଧ ଲାଗିବାରୁ ଖ୍ରୀଷ୍ଟପୂର୍ବ ୭୭୬ରୁ ଆରମ୍ଭ ହୋଇଥିବା ଏହି ଖେଳ ୧୩୯୪ ଖ୍ରୀଷ୍ଟାବ୍ଦରେ ବନ୍ଦ ହୋଇଯାଇଥିଲା। ଫରାସୀ ଯୁବକ ବ୍ୟାରେନ୍ ପ୍ୟାରିଡଙ୍କ ଚେଷ୍ଟା ଫଳରେ ଅଲମ୍ପିକ୍ କ୍ରୀଡା ପ୍ରତିଯୋଗିତା ୧୮୯୬ ଖ୍ରୀଷ୍ଟାବ୍ଦରେ ପୁନର୍ବାର ଆରମ୍ଭ ହେଲା। କିନ୍ତୁ ଏହି କ୍ରୀଡା ଅଲମ୍ପିଆଠାରେ ନ ହୋଇ ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଅଛି। ୧୯୧୪ ଖ୍ରୀଷ୍ଟାବ୍ଦରୁ ୧୯୧୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ପ୍ରଥମ ବିଶ୍ୱଯୁଦ୍ଧ ଯୋଗୁ କ୍ରୀଡା ପ୍ରତିଯୋଗିତା ବନ୍ଦ ଥିଲା। ୧୯୨୮ ମସିହାଠାରୁ ଭାରତବର୍ଷ ଅଲମ୍ପିକ୍ କ୍ରୀଡାରେ ଅଂଶ ଗ୍ରହଣ କରି ଆସୁଅଛି। ଏହି ପ୍ରତିଯୋଗିତାରେ ଭାରତ ତାର ଜାତୀୟ ଖେଳ ହକିରେ ସ୍ୱର୍ଣ୍ଣପଦକରେ ବିଭୂଷିତ ହୋଇଥିଲା। ଅଲମ୍ପିକ କ୍ରୀଡା ପ୍ରତିଯୋଗିତା ହେଉଛି, ଆଧୁନିକ ଜଗତର ସର୍ବପ୍ରଥମ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ସଂଗଠନ। ଏହି ପ୍ରତିଯୋଗିତାରେ ଏବେ ପୁରୁଷ ଓ ନାରୀ ଉଭୟ ଯୋଗଦେଉଛନ୍ତି।

ଅଲମ୍ପିକ୍ କ୍ରୀଡା ବ୍ୟତୀତ ଅନ୍ୟାନ୍ୟ ବହୁବିଧ କ୍ରୀଡା ପ୍ରତିଯୋଗିତା ସଂଗଠନମାନ ସୃଷ୍ଟି କରାଯାଇଅଛି, ଯଥା - ଏସିଆଡ୍, ଡେଭିସ୍ କପ୍, ଡର୍ବିରେସ୍, ଏମ୍ପାୟାର ଗେମ୍ସ, ଗ୍ରାଂଟ ପ୍ରିକସ୍, ମାରାଥନ୍ ରେସ୍, ଆଗା ଖାଁ କପ୍, ରଣଜିତ୍ ଟ୍ରଫି, ମହାରାଜା ସନ୍ତୋଷ ସ୍ମୃତି କପ୍, ରୋଭର୍ସ କପ୍, ସେଫିଲ୍ଡ ସିଲ୍ଡ, ୱାଇଟ୍ ମ୍ୟାନ୍ କପ୍, ଏଫ୍.ଏ.କପ୍, ବିଟନ୍ କପ୍, କ୍ୟାଲ୍‌କାଟା କପ୍, କର୍ବିଲିଆନ୍ କପ୍, ଦିଲ୍ଲୀ କ୍ଲଥ୍ ମିଲିସ୍ କପ୍, ଡୁରାଣ୍ଡ କପ୍, ନ୍ୟାସନାଲ ଆଇ.ଏଫ୍.ଏ.ସିଲ୍ଡ, ବିଜୟ ଲକ୍ଷ୍ମୀ କ୍ଲବ୍ ୱାକର କପ୍, ଟେଷ୍ଟମ୍ୟାନ୍ ଓ ରଙ୍ଗସ୍ୱାମୀ କପ୍ ଆଦି ବହୁ ଆଂଚଳିକ କ୍ରୀଡା ସଂଗଠନ ଭାରତ ଓ ପୃଥିବୀରେ ରହିଅଛି।

କ୍ରୀଡାବିତ୍, କ୍ରୀଡା ପ୍ରେମୀ ବ୍ୟକ୍ତି ଏବଂ ସରକାର କ୍ରୀଡାର ଗୁଣାତ୍ମକମାନ ବୃଦ୍ଧି ପାଇଁ ପ୍ରୟାସ କରିବା ବିଧେୟ। ଖେଳାଳୀମାନେ କୌଣସି ଖେଳରେ ପରାଜିତ ହେଲେ ହତୋତ୍ସାହ ନହୋଇ ଅଧିକ ନିଷ୍ଠାର ସହିତ ଖେଳିଲେ ନିଜର ସୁନାମ ସହିତ ଦେଶ ପାଇଁ ଗୌରବ ଅର୍ଜନ କରିପାରିବେ। କ୍ରୀଡା ପ୍ରତିଯୋଗିତାରେ କେବଳ ଦେଶର ହିତ ହୋଇଥାଏ। ତା ନୁହେଁ ବରଂ ବିଶ୍ୱରୁ ଯୁଦ୍ଧ ବିଭୀଷିକାକୁ ଏଡାଇ ଦିଆଯାଇପାରେ। ସେଥିପାଇଁ ଆମେ ଅଗଷ୍ଟ ମାସର ଅଣତିରିଶ ତାରିଖକୁ କ୍ରୀଡା ଦିବସ ରୂପେ ପାଳନ କରିଥାଉ। ଏହି କ୍ରୀଡା ଦିବସ ଆମକୁ ଚରିତ୍ର, ନୈତିକତା, ଶୃଙ୍ଖଳା ଜ୍ଞାନ, ଭାତୃଭାବ ତଥା ସ୍ନେହ ସଦ୍‌ଭାବର ଶିକ୍ଷା ଦେଇଥାଏ।

**ପାରାଦ୍ୱୀପଗଡ, କୁଜଙ୍ଗ**
**ଜଗତ୍‌ସିଂହପୁର, ୯୯୩୭୬୯୧୪୭୫**

# ଆର୍ଯ୍ୟ ମାନବ ଜୀବନାଦର୍ଶ ଓ ଜୀବନାଚର୍ଯ୍ୟା

**ଦେବଦ୍ୟୁତି ସାଇଁ**

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ। ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି। ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ। ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର। ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ। ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି। ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧ୍ୟାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ। ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ। ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି। କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ।

ଆମ ମାତୃଭୂମି ଭାରତ ହେଉଛି ମହାନ ଆର୍ଯ୍ୟ ସନାତନ ସଂସ୍କୃତିର ପବିତ୍ର ଭୂମି। ଆମ୍ଭେ ଅନୁଷ୍ଠାନର ସଦସ୍ୟ ଓ ସଦସ୍ୟାବୃନ୍ଦ ମାନବ ଜୀବନର ପରମ ଉଦ୍ଧାତା ଯୁଗାବତାର ଯୁଗପୁରୁଷୋତ୍ତମ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଭାବଧାରାରେ ଉଦବୃଦ୍ଧ ହୋଇ ଭଗବତ ପ୍ରେରଣାବଳରେ ଅତୀତ ଆର୍ଯ୍ୟାବତାର ଜୀବନ ଧାରାକୁ ଅନୁଭବ କରି ତଦନୁରୂପ ଭାବରେ ତାହାର ସମ୍ୟକ ରୂପରେଖକୁ ଅଧୁନାତନ ଯୁବ ସମାଜ ଓ ବ୍ୟକ୍ତିବିଶେଷଙ୍କର ଜୀବନରେ ପ୍ରତିଫଳିତ କରିବାର ବଳିଷ୍ଠ ଆଶା ରଖି ଅନୁରୂପ ଭାବଧାରା ପରିବେଶଣ କରିଆସୁଛୁ ଏବଂ ଆଶା କରୁକି ଉଦଭ୍ରାନ୍ତ ଯୁବ ସମାଜ ଏହି ଭାବ ଧାରାକୁ ଅନୁସରଣ କରି ଅତୀତ ଗୌରବ ଆର୍ଯ୍ୟାବ୍ରତ ପ୍ରତି ଆକର୍ଷିତ ହୋଇ ବର୍ତ୍ତମାନର ପୁରୁଷୋତ୍ତମମ୍‌ଙ୍କୁ ଆଦର୍ଶ ବୋଲି ମାନିନିଅନ୍ତୁ ଯାହାଫଳରେ ସେମାନଙ୍କର ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ଆସିବାର ନିଶ୍ଚିନ୍ତ ସୁଯୋଗ ମିଳିବ। ସାଧୁହେଲେ ସାଧୁ ଚିନ୍ତା ମନକୁ ଆସେ, ସାଧୁ ସାଜିଲେ ବ୍ୟର୍ଥ ଯୋଜନା ମନକୁ ଆସେ। ସ୍ୱାର୍ଥ ସାଧନ ପାଇଁ ସାଧୁମାନେ କେବଳ ସାବଧାନ ହୋଇ ଅଗ୍ରଗତି କରନ୍ତି। ଉଚ୍ଚ ଆଦର୍ଶକୁ ଆଦରି ନିଅନ୍ତି। ଗୁରୁ ମନ୍ତ୍ରରେ ଶକ୍ତି ଅନୁଭବ କରି ସାରା ପରିବାରର ଉନ୍ନତି ସାଧନ କରିପାରନ୍ତି। ପରିବାର ମଧ୍ୟରେ ଭଗବାନ ଏବଂ ଭଗବତୀ ପରି ପିତାମାତା ପୂଜା ପାଇବାକଥା। ଯାହା ଆର୍ଯ୍ୟାବର୍ତ୍ତର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥିଲେ। ସେହିପରି ପୂଜ୍ୟ ପୂଜାର କାର୍ଯ୍ୟକ୍ରମକୁ ଜୀବନ୍ତ କରିବାକୁ ଆମ୍ଭେ ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମର ସଭ୍ୟ ସଭ୍ୟା ବୃନ୍ଦ ପୂଜ୍ୟ ପୂଜାର ପ୍ରକରଣ ଧାରାକୁ ଧାରା ବାହିତ ଭାବରେ ଗତ ଚବିଶ ବର୍ଷ ହେବ ମହାସମରରେ ପରିବେଷଣ କରି ଆସୁଥିବାବେଳେ କାର୍ଯ୍ୟକ୍ରମର ରୌପ୍ୟ ଜୟନ୍ତୀକୁ ଶୁଭଶ୍ରୀ ପ୍ରଦାନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛୁ। ଆସନ୍ତା ଅଗଷ୍ଟ ଅଠେଇଶ ତାରିଖ ଗୁରୁବାର ଦିନ କଟକର ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ସୁନାମଧନ୍ୟ ଚିକିତ୍ସକ ପ୍ରଫେସର ଡାକ୍ତର ଅକ୍ଷୟ କୁମାର ମିଶ୍ରଙ୍କୁ ଆର୍ଯ୍ୟଶ୍ରୀ ସମ୍ମାନରେ ପଚିଶତମ ସ୍ୱସ୍ତିସେବା ସମ୍ମାନ ପ୍ରଦାନ କରାଯିବ ଓ ଶ୍ରୀ ଶ୍ରୀ ଠାକୁରଙ୍କ ଆଦର୍ଶ ଭାବଧାରାରେ ଆର୍ଯ୍ୟ ମାନବ ଜୀବନଦର୍ଶ ଓ ଜୀବନଚର୍ଯ୍ୟା ଉପରେ ଆଧାରିତ ପ୍ରତିଯୋଗୀତାମୂଳକ କାର୍ଯ୍ୟକ୍ରମରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯିବା ସହିତ ପୂଜ୍ୟପୂଜା ଧାରାରେ ସାଧୁସନ୍ଥ, ଶିକ୍ଷାବିତ, ଆଧ୍ୟାତ୍ମବାଦୀ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ।

ଭଗବାନଙ୍କୁ ଜାଣିବାରେ ବ୍ୟକ୍ତି ଜୀବନ ସାର୍ଥକତା ଲାଭ କରେ। ଜୀବନର ଉଦ୍ଦେଶ୍ୟ ଯେହେତୁ ଭଗବାନଙ୍କୁ ଜାଣିବା ତେଣୁ ପ୍ରଥମ ପର୍ଯ୍ୟାୟରେ ସେ ଭଗବାନଙ୍କୁ ଜାଣିପାରିବାର ସୁଯୋଗ ପାଇଲେ ପରବର୍ତ୍ତୀ ଜୀବନଟି ଶୃଙ୍ଖଳିତ ହୁଏ। ଏହା ନିଶ୍ଚିନ୍ତ ସତ୍ୟ ପ୍ରତ୍ୟେକ ପ୍ରାଣୀ ଅନ୍ତରରେ ଭଗବାନ ଅଛନ୍ତି ଏବଂ ସୁପ୍ତ ଭାବରେ ଅଛନ୍ତି। ଭଗବତବିଚ୍ଛେଦ ହିଁ ସକଳ ମାନବୀୟ ଦୁଃଖ-ଦୁର୍ଦ୍ଦଶାର ମୂଳକାରଣ, ସମସ୍ତ ମାନୁଷୀ ସମସ୍ୟାର ହେତୁ। ସେହି ବିଚ୍ଛେଦ ବା ବିଭାଗ ହିଁ ବନ୍ଧନ ଆଣିଦିଏ। ଯୋଗଦ୍ୱାରା, ଭକ୍ତି ଦ୍ୱାରା, ଜ୍ଞାନଦ୍ୱାରା, ବିଚାରଦ୍ୱାରା, ବିବେକଦ୍ୱାରା, ସାଧନାଦ୍ୱାରା, ସେହି ବିଚ୍ଛେଦର, ସେହି ତୁଟା-ସମ୍ପର୍କର ଅବସାନ ଘଟାନ୍ତୁ। ଭଗବତ ଅନନ୍ୟତାର, ଭଗବତ ସାନିଧ୍ୟର, ସେହି ପରମସୁଖଦାୟୀ ଅବସ୍ଥାକୁ ସର୍ବଦା ଅତୁଟ କରି ରଖିବାକୁ ନିଷ୍ଠାର ସହିତ, ଐକାନ୍ତିକତାର ସହିତ ଉଦ୍ୟମ କରି କରି ସଂସାରଦୁଃଖକୁ ଅତିକ୍ରମ କରିଯାଆନ୍ତୁ; ଅଜ୍ଞାନ ଅନ୍ଧକାରକୁ ବିନାଶ କରି, ବନ୍ଧନରୁ ମୁକ୍ତ ହୋଇ ପରମଦିବ୍ୟଜ୍ଞାନର ଆଲୋକ ନିକଟକୁ ଚାଲି ଆସନ୍ତୁ। ତାହା ହିଁ ବିଜ୍ଞତା। ଆଜି ଏହି ଶୁଭକ୍ଷଣରୁ ସେହି ବିଜ୍ଞତାର ପଥ ଧରିନିଅନ୍ତୁ। ଆପଣ ପରମାନନ୍ଦ ପାଇବେ। ପରମେଶ୍ୱର ଆପଣଙ୍କର ସାଧନାକୁ ସାଫଲ୍ୟମଣ୍ଡିତ କରନ୍ତୁ। ଗୁରୁଦେବଙ୍କ ଆଶୀର୍ବାଦରେ ଆପଣଙ୍କର ଅଭିଳାଷ, ଆପଣଙ୍କର ସତକାମନା ପରିପୂର୍ଣ୍ଣ ହେଉ। ଯାହା ଜୀବନକୁ ସୁଖ ଏବଂ ନୀତିନିଷ୍ଠ କରିଥାଏ ତାହା ହିଁ ଧର୍ମ। ମଣିଷ ନିଜ ଧର୍ମ ପ୍ରତି ନିଷ୍ଠାବାନ ରହିବା ଉଚିତ ବୋଲି ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି। କର୍ତ୍ତବ୍ୟ ନିର୍ବାହରେ ଯଦି ପ୍ରାଣ ତ୍ୟାଗ କରିବାକୁ ହେଲା, ତେବେ ମଧ୍ୟ ପଶ୍ଚାତ୍‌ପଦ ହେବାର ନାହିଁ। ଅନ୍ୟର କର୍ତ୍ତବ୍ୟ ନିର୍ବାହରେ ବିଘ୍ନ ଘଟାଇବା ବି ଅନୁଚିତ। ମଣିଷ ନୈତିକ କର୍ତ୍ତବ୍ୟ ପାଳନ କରିବା ହିଁ ଧର୍ମ। ଭଗବତ୍ ଗୀତାରେ ଯେଉଁଠାରେ ମଧ୍ୟ ଧର୍ମ ଶବ୍ଦର ଉଲ୍ଲେଖ କରାଯାଇଛି - ତାହାର ଅର୍ଥ ରହିଛି କର୍ତ୍ତବ୍ୟ ନିର୍ବାହ କରିବା। ତେଣୁ କର୍ତ୍ତବ୍ୟ ହିଁ ଧର୍ମ ଏବଂ କର୍ତ୍ତବ୍ୟ ପାଳନ କରୁଥିବା ବ୍ୟକ୍ତି ଧାର୍ମିକ।

ସାଧାରଣ ସମ୍ପାଦକ, ପୁରୁଷୋତ୍ତମ ସ୍ୱସ୍ତିସେବା ସତସଙ୍ଗ ଆଶ୍ରମ, ମେରିଆ ବଜାର, କଟକ,
ଦୂରଭାଷ : ୯୩୪୮୮୨୨୫୧୨ / ୯୪୩୭୧୯୯୬୮୭

# ବୁଲା କୁକୁରଙ୍କ ଥଇଥାନ

**ସୌଭାଗ୍ୟ ରଂଜନ ମହାନ୍ତି**

ବୁଲା କୁକୁରଙ୍କୁ ନେଇ ଗତ ୧୧ ତାରିଖରେ ଦୁଇଜଣିଆ ଖଣ୍ଡପୀଠର ନିର୍ଦ୍ଦେଶକୁ ଅତି କଠୋର ବୋଲି ଦର୍ଶାଇ ସୁପ୍ରିମକୋର୍ଟର ତିନି ଜଣିଆ ଖଣ୍ଡପୀଠ ସଂଶୋଧିତ ରାୟରେ ପୂର୍ବର ସ୍ଥିତାବସ୍ଥା ବଜାୟ ରଖିବା ସହ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି, ତାହା କେବଳ ସ୍ୱାଗତ ଯୋଗ୍ୟ ନୁହେଁ, ବିଜ୍ଞାନସମ୍ମତ ଓ ବାସ୍ତବ ବୋଲି କୁହାଯାଇପାରିବ। ତିନି ଜଣିଆ ଖଣ୍ଡପୀଠ ତାଙ୍କ ରାୟରେ ବୁଲା କୁକୁରଙ୍କ ପ୍ରଜନନ ଶକ୍ତି ଓ ରାବିସ୍ ନିୟନ୍ତ୍ରଣ ପାଇଁ ବନ୍ଧ୍ୟାକରଣ ଏବଂ ଟିକାକରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧ୍ୟାକରଣ ଓ ଟୀକାକରଣ ପରେ କୁକୁରମାନଙ୍କୁ ଆଶ୍ରୟସ୍ଥଳରେ ନରଖି ସେମାନଙ୍କୁ ଧରାଯାଇଥିବା ସ୍ଥାନରେ ଛାଡିଦେବା ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଯେଉଁ ବୁଲା କୁକୁରଗୁଡିକ ହିଂସାମୁଖୀ ଏବଂ ରାବିଶ୍ ଭୂତାଣୁ ସଂକ୍ରମିତ ସେଗୁଡିକୁ ଆଶ୍ରୟ ସ୍ଥଳରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି ଜନସାଧାରଣଙ୍କ ନିରାପତା ଏବଂ ଜୀବଜନ୍ତୁ କଲ୍ୟାଣ ମଧ୍ୟରେ ଏକ ସନ୍ତୁଳିତ ପଦକ୍ଷେପ। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଗଲା ବର୍ଷ ପ୍ରାୟ ୩୭ ଲକ୍ଷ ଲୋକ କୁକୁର କାମୁଡାରେ ଆକ୍ରାନ୍ତ ହୋଇଥିବା ରାବିଶ୍ ଭୂତାଣୁରେ ଆକ୍ରାନ୍ତ ହୋଇ ୫୦ଜଣଙ୍କର ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ସେହିପରି ଏକୁଟିଆ ପାଇଁ ଛୋଟ ଛୋଟ ଶିଶୁଙ୍କୁ ବୁଲା କୁକୁର ଦଳ ଝୁଣି ଖାଉଥିବା ଦୃଶ୍ୟ ଗଣମାଧ୍ୟମରେ ଶିରୋନାମା ପାଲଟିଥିଲା। ଆମ ରାଜ୍ୟରେ ମଧ୍ୟ ବୁଲା କୁକୁରଙ୍କ ଦୌରାତ୍ମ୍ୟ ମଧ୍ୟ କମ୍ ନୁହେଁ। କୁକୁର କାମୁଡାରେ ଆକ୍ରାନ୍ତ ହୋଇ ଦୈନିକ ଶହ ଶହ ଲୋକ ହସ୍‌ପିଟାଲରେ ଚିକିତ୍ସିତ ହେଉଥିବା ଜଣାଯାଏ। ନିକଟରେ ବଲାଙ୍ଗୀର ଜିଲ୍ଲାରେ କୁକୁର କାମୁଡାରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିଲା। କହିବା ବାହୁଲ୍ୟ ଯେ, ଆମ ଦେଶରେ କୋଟି କୋଟି ସଂଖ୍ୟାରେ ବୁଲା କୁକୁର ଅଛନ୍ତି, ସେମାନଙ୍କ ସଂଖ୍ୟା ମଧ୍ୟ ପ୍ରତିବର୍ଷ ବଢିଚାଲିଛି। ସୁପ୍ରିମକୋର୍ଟ ମଧ୍ୟ ସର୍ବସାଧାରଣ ସ୍ଥାନରେ କୁକୁରଙ୍କୁ ଖାଇବା ଦେବା ଉପରେ ନିଷିଦ୍ଧାଦେଶ ଜାରି କରିଛନ୍ତି। କୁକୁରଙ୍କୁ ଖାଇବା ଦେବା ଲାଗି ସତନ୍ତ୍ର ଫିଡିଂ ଯୋନ ପ୍ରତିଷ୍ଠା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ପୌର ସଂସ୍ଥା କର୍ତ୍ତୃପକ୍ଷ ସତନ୍ତ୍ର ଖାଇବା ଯୋନ ବା କେନ୍ଦ୍ର କରିବା ବାଧ୍ୟତାମୂଳକ ହୋଇଛି। ସେହିପରି ପୌର କର୍ତ୍ତୃପକ୍ଷଙ୍କ ଜରିଆରେ ବୁଲା କୁକୁରଙ୍କୁ ପୋଷ୍ୟ ଭାବେ ଗ୍ରହଣ ଲାଗି ଅଦାଲତ ଅନୁମତି ଦେଇଥିବାବେଳେ ସେଗୁଡିକୁ ରାଜରାସ୍ତା ଉପରକୁ ନଛାଡିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀରେ ଏବେ ପ୍ରାୟ ଏକ ମିଲିଅନ ବୁଲା କୁକୁର ଅଛନ୍ତି। ପୂର୍ବରୁ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ କେବଳ ଦିଲ୍ଲୀ-ଏନସିଆଇ ଅଂଚଳ ପାଇଁ ପ୍ରଯୁଜ୍ୟ ଥିବା ବେଳେ ଏବେ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳକୁ ସଂପ୍ରସାରିତ ହୋଇଛି। ଏନେଇ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳର ମୁଖ୍ୟ ସଚିବଙ୍କୁ ନୋଟିସ ଜାରି କରିଛନ୍ତି। ସେହିପରି ଆନିମଲ ବାଥ୍ କଂଟ୍ରୋଲ (ଏବିସି-ଡଗସ୍) ଆଇନର କାର୍ଯ୍ୟକାରୀତା ନେଇ ସମ୍ପାଦନା ରିପୋର୍ଟ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ-ଏନସିଆର କର୍ତ୍ତୃପକ୍ଷଙ୍କ ଠାରୁ ତଲବ କରିବା ଆଉ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଆମ ଦେଶରେ ବୁଲା କୁକୁର ଜନ୍ମ ନିୟନ୍ତ୍ରଣ ଆଇନ ରହିଥିଲେ, ଏହା ବିଫଳତାରେ ପରିଣତ ହୋଇଛି। ଏହି ଆଇନ ପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନଥିବା କୁହାଯାଇପାରେ। ଏବେ ସୁପ୍ରିମକୋର୍ଟଙ୍କ ରାୟ ପରେ କୁକୁର ବଂଶ ନିୟନ୍ତ୍ରଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଏ। ଉଲ୍ଲେଖ କରାଯାଇପାରେ ଏବେ କେତେକ ରାଜ୍ୟରେ କୁକୁର ଗଣନା ଆରମ୍ଭ ହୋଇଛି। ଭୁବନେଶ୍ୱର ମହାନିଗମ କର୍ତ୍ତୃପକ୍ଷ କୁକୁର ଗଣନା କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଭୁବନେଶ୍ୱରରେ କୁକୁର ବନ୍ଧ୍ୟାକରଣ ପ୍ରକ୍ରୀୟା ଚାଲିଥିବାବେଳେ ଏଇ କିଛି ବର୍ଷ ହେଲା ସେଥିପ୍ରତି କେହି ଗୁରୁତ୍ୱ ଦେଇନଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ସାରା ଦେଶରେ କୁକୁର ବନ୍ଧ୍ୟାକରଣ ପ୍ରକ୍ରୀୟା ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଏ। ଶୁକ୍ରବାର ରାୟରେ ସର୍ବୋଚ୍ଚ ଅଦାଲତ ବୁଲା କୁକୁରଙ୍କ ଖାଦ୍ୟ ଯୋନ, ପାଣି ପିଇବା ପାଇଁ ଗାଡିଆ, ଭେଟୋନାରୀ ବ୍ୟବସ୍ଥା, କୁକୁର ଧରାଳୀ, ପଞ୍ଜୁରୀ, କୁକୁର ଧରା ଗାଡି ଆଦି ବ୍ୟବସ୍ଥା ସମ୍ପର୍କରେ ରିପୋର୍ଟ ତଲବ କରିଛନ୍ତି। ଏହା ନିଶ୍ଚିତ ଯେ, କେବଳ ଦିଲ୍ଲୀ ନୁହେଁ, ସାରା ଦେଶରେ କୁକୁର ଆଶ୍ରୟ ସ୍ଥଳ ପାଇଁ ଆବଶ୍ୟକୀୟ ଭିତିଭୂମି କିମ୍ବା ସମ୍ବଳ ବ୍ୟବସ୍ଥା ନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏ ଦିଗରେ ଏଣିକି ପଦକ୍ଷେପ ଗ୍ରହଣ କରିବେ, ଏହା ନିଃସନ୍ଦେହ।





# ବ୍ୟକ୍ତିର ଅଧିକାର ଦିବସ

*କବୀର କୁମାର ଜେନା*

ଆଜିର ଚତୁର୍ଦିଗକୁ ନିତିଦିନିଆ ଜୀବନକୁ ଯେ କେହି ବି ଦେଖିବ ମୌଳିକ ଜୀବନ ଠାରୁ କର୍ମମୟ ଜୀବନ, ଘରେ ବ୍ୟକ୍ତିଗତ ଜୀବନ ଠାରୁ ଆଧ୍ୟାତ୍ମିକ ଜୀବନ ସବୁକ୍ଷେତ୍ରରେ ବ୍ୟକ୍ତିର ଅଧିକାର ଓ ବ୍ୟକ୍ତି ସ୍ୱତନ୍ତ୍ରତା ହେଉଛି ମୂଳ ତେବେ ଅନେକ ଏହି ଦିଗଟି ସମ୍ପର୍କରେ ସେପରି ଜାଣି ନଥାନ୍ତି ଏବଂ ଜଣଙ୍କର ବ୍ୟକ୍ତି ଅଧିକାର ଯେ ଅତିବ ଗୁରୁତ୍ୱପୂର୍ଣ୍ଣ ତାହା ମଧ୍ୟ ସେମାନଙ୍କର ଭାବନା ଠାରୁ ବହୁତ ଦୂରରେ। ବ୍ୟକ୍ତି ଅଧିକାର ସଂପର୍କରେ ପ୍ରଥମେ ସ୍ୱର ଉତ୍ତୋଳନ କରିଥିଲେ ବ୍ରିଟିସ ଚିକିତ୍ସକ ଓ ଦାର୍ଶନିକ ଜନ୍ ଲକ୍। ସେ ଉଦାରବାଦର ଜନକ ଭାବେ ସୁପରିଚିତ। ତାଙ୍କ ସମ୍ମାନାର୍ଥେ, ତାଙ୍କ ଜନ୍ମ ଦିବସ ୨୯ ଅଗଷ୍ଟକୁ ବ୍ୟକ୍ତି ଅଧିକାର ଦିବସ ଭାବେ ପାଳନ କରାଯାଉଛି। ଲକ୍ ହିଛନ୍ତି ମାନବିକ ବା ନାଗରିକ ଅଧିକାର ବ୍ୟକ୍ତିର ନିଜସ୍ୱ। ସମାଜରୁ ମିଳୁଥିବା ସୁରକ୍ଷା ବଦଳରେ ମଣିଷ ନିଜର ପ୍ରାକୃତିକ ଅଧିକାରକୁ ସମର୍ପିତ କରୁଥିଲେ ମଧ୍ୟ ଜୀବନ, ସ୍ୱାଧୀନତା, ସଂପତ୍ତି, ବାକ୍-ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା ଏବଂ ସରକାରକୁ ଆବେଦନ କରିବାର ସ୍ୱାଧୀନତା, ତାର ଏକାନ୍ତ ନିଜସ୍ୱ ଅଧିକାର। ଏସବୁରୁ ତାକୁ କେବେ ହେଲେ ବଞ୍ଚିତ କରାଯାଇପାରିବ ନାହିଁ। ଲକ୍‌ଙ୍କ ଅନୁଗାମୀ ଅବ୍‌ଜେକଟିଭିଷ୍ଟ ପାର୍ଟିର ପ୍ରତିଷ୍ଠାତା ଡ.ଟମ୍ ଷ୍ଟିଭେନସ, ଲକଙ୍କ ଜନ୍ମ ଦିବସକୁ ବ୍ୟକ୍ତିଗତ ଅଧିକାର ଦିବସ ଭାବେ ପାଳନ କରିବା ଆରମ୍ଭ କରିଥିଲେ। ମଣିଷର ବ୍ୟକ୍ତିଗତ ଅଧିକାର ଓ ସ୍ୱାଧୀନତାର ମୂଲ୍ୟ ବୁଝିବା, ଲକଙ୍କ ରଚନାବଳୀ ପାଠ କରିବା, ଏହି ଦିନର ଲକ୍ଷ୍ୟ ହେଉ। 'ଏ ଲେଟର କନ୍‌ସର୍ନିଂ ଟୋଲେରେସନ୍', 'ଟୁ ଟ୍ରିଟିଜ୍ ଅଫ୍ ଗଭର୍ନମେଣ୍ଟ', 'ଆନ୍ ଏସେ କନ୍‌ସର୍ନିଂ ହ୍ୟୁମ୍ୟାନ ଅଣ୍ଡରଷ୍ଟାଣ୍ଡିଂ', 'ଅଫ୍ ଦ କନଡକ୍ଟ ଅଫ୍ ଦ ଅନଡରଷ୍ଟାଣ୍ଡିଂ' ଆଦି ତାଙ୍କର ପ୍ରସିଦ୍ଧ କୃତି ଅନ୍ତର୍ଭୁକ୍ତ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୮୯୧୭୩୭୭୯୮୭*



—— ଆମ ଠିକଣା ——

ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ସକାଳ ନରମ ଖରା

**କୀର୍ତ୍ତନ ସାହୁ**

ସକାଳର ଏଇ ନରମ ଖରା
ବିଛାଡ଼ି ହେଇଛି ଗାଆଁଟା ସାରା
କି ସୁନ୍ଦର ଦିଶେ ଆହା
ଯିଏ ଦେଖିଲେ ବି
ମନ ମୋହି ନିଏ
ନୁହେଁ ସେ ତୁଳନା କାହା ।
ମିଠା ମିଠା ସ୍ୱରେ ଗାଆନ୍ତି ପକ୍ଷୀ
ଶୁଣି ଦେଲେ ମନ ରହୁଛି ଲାଖି
ତରତରରେ ଚଷା ଭାଇ
ବିଲ ମୁହାଁ ହୋଇ
ଯାଉଅଛି ଧାଇଁ
କାମ ତା କରିବା ପାଇଁ ।

ସକାଳୁ ସକାଳୁ ବିଛଣା ଛାଡି
ମାଆ ଝାଡୁ କରୁ ଥାଆନ୍ତି ବାଡି
ଡାକନ୍ତି ଛୁଆଙ୍କୁ ଉଠ
ଚଞ୍ଚଳ ଚଞ୍ଚଳ
ନିତ୍ୟକର୍ମ ସାର
ଆଉ ନ କରିକି ମଠ ।

ସକାଳ ବଗିଚା ସୁନ୍ଦର ଦିଶେ
ନରମ ଖରା ଯେ ତା ସାଥେ ମିଶେ
ଶୋଭା ତାର ବଢ଼ି ଯାଏ
ଯିଏ ଦେଖି ଦେଲେ
ସେ ସୁନ୍ଦର ଦୃଶ୍ୟ
ମନକୁ ତାହାର ପାଏ ।

*ମିଶ୍ର କଲୋନୀ*
*ଶାଳପଡ଼ା, କେନ୍ଦୁଝର*
*ମୋ- ୯୪୩୮୪୧୪୭୦୧*

## ଟିକି ଚଢେଇର ଦୁଃଖ

ଟିକି ଚଢ଼େଇଟି ତା ବୁଦ୍ଧି ବଳରେ
ଗଢ଼ିଅଛି ଗୋଟେ ଘର
ନିତି ଉଡ଼ି ଯାଇ ।ଖାଦ୍ୟ ଖୋଜି ଆଣେ
ଭରଇ ତାର ଉଦର ।
ତା ଟିକି ଛୁଆଙ୍କୁ ଦୋଳିରେ ଝୁଲେଇ
ଚାଲିଯାଏ ବହୁଦୂର
ମାଆର ବାଟକୁ ଚାହିଁ ବସିଥାନ୍ତି
ହୋଇଣ କେତେ ଆତୁର ।
ଚାହୁଁ ଚାହୁଁ ମେଘ ବରଷା ହୋଇଲା
ଅନ୍ଧାର ଆସିଲା ଘୋଟି



କିଚିରି ମିଚିରି ହୋଇ ଛୁଆମାନେ
ଚାହୁଁଥିଲେ ମିଟିମିଟି ।
ବତାସ ଆସିଲା କ୍ଷଣକେ ଭାଙ୍ଗିଲା
ଟିକି ଚଢ଼େଇର ବସା
ଛୁଆମାନେ ପଡ଼ି ଜୀବନ ହାରିଲେ
ତୁଟିଲା ଚଢ଼େଇ ଆଶା ।
ମାଆ ଚଢ଼େଇଟି ଛୁଆଙ୍କୁ ଖୋଜିଲା
କେତେ ଯେ ବିକଳ ହୋଇ
ସବୁ ଆଶା ତାର ଆଶାରେ ରହିଲା
ବହିଲା ଲୁହର ନଈ ।
ଖୋଜିଖୋଜି ଛାତି ଚିରି କାନ୍ଦୁଥିଲା
ଛୁଆଙ୍କୁ ନପାଇ ତାର
ଗଛ ପରେ ବସି ଗୁମୁରୁ ଥାଏ ସେ
ହୋଇଣ ନିଜେ କାତର ।
ସମୟ ସୁଅରେ ଭାସି ହଜିଗଲା
ଭରିଲା ଜୀବନେ ଦୁଃଖ
ଲୁହ ପିଇପିଇ ବଞ୍ଚିଲା ଏକାକୀ
ସପନ ହୋଇଲା ସୁଖ ।

*ନଳିନୀ ଦାଶ, ଭିକାରିପଡ଼ା,*
*ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

## ସୁଖ-ଦୁଃଖ...

ସୁଖ-ଦୁଃଖ ଦୁହେଁ ଯାଆଁଳା ଭଉଣୀ
ଧସେଇ ପସନ୍ତି ଜୀବନରେ
ସୁବିଧା ସୁଯୋଗକୁ ଉଣ୍ଡି..
କେମିତି କେଜାଣି ଜାଣନ୍ତି ସେମାନେ
ଅକାଳେ ସକାଳେ ହାତ ଧରାଧରି ହୋଇ
ଚୁପ୍‌ଚାପ୍ ପାଦ ଚପି ଚିପି
ପଶି ଆସନ୍ତି ଆମ ଜୀବନ ପରିଧିକୁ ।
ଦୁଃଖ ଆସିଲେ ଜଣେ ମରିମରି ଜୀଏଁ
ଆଉ ଜୀଇଁବା ନାଁରେ ପିଇ ଚାଲେ
ଢୋକ ଢୋକ ମରଣ..
ଆକ୍ତାମାକ୍ତା ହୁଏ ଦୁଃଖର ଜଞ୍ଜାଳ ଭିତରେ
ଏମିତିଆ ଅଣନିଃଶ୍ୱାସୀ ପରିସ୍ଥିତି ଭିତରେ
ମୃଦୁ ମଳୟର ପରଶ ନେଇ ପଶି ଆସେ
କାଣିଚାଏ ଲହର ସୁଖର..
କରିଦିଏ ସୁନ୍ଦର ଯନ୍ତ୍ରଣା କାତର ଜୀବନକୁ ।
ଦୁଃଖଟା ପୁରା ଅସହିଷ୍ଣୁ ହିଂସୁକ..
ପାରେ ନାହିଁ ସହି କାହାର ସୁଖ
ସଜ ମାଛରେ ସେ ପୋକ ପକେଇ ଦିଏ
ସୂର୍ଯ୍ୟ କିରଣର ଅସ୍ତିତ୍ୱକୁ ବଦଳେଇ ସେ
ଅନ୍ଧକାରର ଅସ୍ତିତ୍ୱକୁ କରେ ପ୍ରକାଶ
ସମୟକୁ ସେ ଯେମିତି ଆଦେଶ ଦେବ
ରୀତିମତ ଜଳେଇ ରଖିବାକୁ ଦୁଃଖର ଦୀପକୁ ।
ଦୁଃଖର ଆଦେଶକୁ ଅମାନ୍ୟ କରିବାକୁ
କାହାର ଅଛି ଅବା ସତ୍ ସାହସ ?
ତା'ର କଠୋର ଆଦେଶ ଆଗରେ
ବେଳ ଅବେଳରେ ନିଜକୁ ଅସହାୟ ମଣନ୍ତି
ଏ ସୃଷ୍ଟିର ସୃଷ୍ଟିକର୍ତ୍ତା..ବିଶ୍ୱନିୟନ୍ତା
ଆଉ ନିଜ ଅନିଚ୍ଛା ସତ୍ତ୍ୱେ ସେ
ପଛକୁ ଠେଲି ଦିଅନ୍ତି ସୁଖକୁ ।

*ନୃସିଂହ ଚରଣ ବେହେରା*
*ପ୍ଲଟ ନମ୍ବର-୨୧୭/ପି,*
*ବାୟାବାବା ମଠ ଲେନ୍,*
*ୟୁନିଟ୍-୯(ଫ୍ଲାଟ),*
*ଭୁବନେଶ୍ୱର-୨୨*
*ଫୋନ୍-୯୦୯୦୪୫୯୭୪୫*

# ଭଲ ମଣିଷ

ରାତି ପାହି ସକାଳ ହେବା ଆଗରୁ ଗୋଟେ ବୋଲି ପୁଅଟା କୁଆଡେ ଘର ଛାଡ଼ି ଚାଲି ଯାଇଛି । ଅଚାନକ ଏପରି କଥା ଭାବିଲା ବେଳକୁ ବାପା ମାଆ ପେଟକୁ ମୁଠେ ଦାନା ରୁଚୁ ନ ଥାଏ । ପିଲାଟି ଦିନରୁ ସବୁ ଅଭାବ ଅସୁବିଧା ପୂରଣ କରିବାରେ ଆଉ ବୋଧେ କିଛି ବାକି ରହିଗଲା ସେମାନଙ୍କ ଭାବନା ରାଜ୍ୟକୁ ବିଚଳିତ କରି ପକାଉ ଥିଲା । ନିଜେ ପଛେ ଦୁଃଖ କଷ୍ଟ ସହି ତାର କଲେଜ ପାଠ ପଢା ମଧ ଶେଷ କରାଇ ଥିଲେ । ତଥାପି କେଜାଣି କାହିଁକି ବିନା କାରଣରେ କିଛି ନ ଜଣାଇ ତାର ଚାଲିଯିବା ଅନେକ ଚିନ୍ତା ଆଡକୁ ଟାଣି ଆଣୁଥିଲା । ସେ ମିଶୁଥିବା ସାଙ୍ଗସାଥି ମାନଙ୍କୁ ପଚାରିଲେ ବି କୌଣସି ଉତ୍ତର ମିଳିବା କଷ୍ଟକର ବ୍ୟାପାର ଥିଲା ।

ଘଟଣାର କେଇଟା ଦିନ ଯାଇଛି କି ନାହିଁ ସେ ପୁଣି ଘରେ ଆସି ହଜାର। ମନଟି ତାର ଝାଉଁଳି ପଡିଥିଲା । ସବୁବେଳେ ହସୁଥିବା ମୁହଁଟା ଶୁଖି କଳା କାଠ ଦେଖା ଯାଉଥିଲା । ଗପୁରା ପାଟିଟା ପୁରା ଥମି ଯାଇ ଚୁପ କହିଲେ ଭୁଲ ହେବନାହିଁ । ବାପା ମାଆ ପୁଅକୁ କୁଆଡେ ଯାଇଥିଲୁ ଯେତେ ପଚାରିଲେ ବି ପାଟିରୁ ତାର ପଦେ କଥା ବାହାରୁ ନ ଥିଲା । ପୁଅକୁ କିଏ ବୋଧେ ଗୁଣି ଗାରେଡି କରି ଦେଇଛି ଭାବି ଡାକିବାକୁ ବାହାରିଲା ବେଳେ ସେ ଅଟକାଇ ମୁଣ୍ଡ ତଳକୁ କରି ଭୋ ଭୋ କରି କାନ୍ଦି କହିଲା ।

ମୁଁ ପାଠ ପଢ଼ି ଚାକିରୀ ନ ପାଇ ବେକାର ହେବା ପରେ ଘରେ ଖାଲି ବସି ନ ରହି ବାପାଙ୍କୁ ସହିତ ବିଲ ବାଡ଼ିରେ ସାହାଯ୍ୟ କରିବାକୁ ଯାଏ । ଏତେ ପାଠ ପଢ଼ି ମୂର୍ଖଙ୍କ ଭଳି ବିଲରେ କାମ କଲା ବେଳେ ସାଙ୍ଗମାନେ ଦେଖି ପଛରେ ଥଟ୍ଟା ପରିହାସ କରନ୍ତି । ଗାଁରେ କାମଧନ୍ଦା କଲାବେଳେ ଅନ୍ୟ ମାନଙ୍କ ଆଗରେ ଭାରି ଛୋଟ ଲାଗେ । ଘର ଛାଡ଼ି ବାହାରକୁ ଗଲେ କେହି ବି ଦେଖିବାକୁ ନାହାଁନ୍ତି । ବେଶ ହସ ଖୁସିରେ ଭଲ ଟଙ୍କା ଗଣ୍ଡେ ମିଳିଯିବ ବୋଲି ଆଶା କରିଥିଲି । ସେଠାରେ ଯେଉଁ କାମ କରିଲେ ବି ଆନ୍ତରିକତା ଅଭାବ ଥିଲା । ଯେତେ କାମ କଲେ ସାବାସ ଭଳି ପୁରସ୍କାର ମିଳିବା ପରିବର୍ତ୍ତେ ଆହୁରି ବାକି ଅଛି ଶୁଣିବାକୁ ପଡୁଥିଲା । ଦେହ ପା ଖରାପ ହେଲେ ଦୈନିକ ମଜୁରୀ ଟଙ୍କାରୁ କାଟି ଦିଆ ଯାଉଥିଲା । ଆମେ ଟିକେ ସରଳ ବିଶ୍ୱାସୀ ହୋଇ ଥିବାରୁ ଦିଆ ଯାଇଥିବା କାମ ନ ବୁଝି ପାରି ପଚାରିଲେ କଟୁ କଥା ଶୁଣିବା ଦେହ ସୁହା ପାଲଟି ଯାଇଥିଲା । କୌଣସି କାମ ନ ଥିବା ବେଳେ ଖାଲି ବସିବା ବଦଳରେ ଅନ୍ୟ କାମ କରିବାକୁ ବାଧ କରା ଯାଉଥିଲା ଯାହା ଗୋଟେ ମଣିଷର ଆତ୍ମ ସମ୍ମାନକୁ ହାନି ପହଞ୍ଚାଉ ଥିଲା । ନିଜ ଗାଁ ବିଲ ବାଡ଼ିରେ ସ୍ୱାଧୀନ ଭାବେ କାମ କଲାବେଳେ ଯେଉଁ ଆନନ୍ଦ ଲୁଚି ରହିଥିଲା ତାହା ସେଠାରେ ପରାଧୀନ ଶିକୁଳିରେ ଜୀବନ ଛନ୍ଦି ହୋଇ ଯାଇଥିଲା । ନିଜ ଗାଁ ଭିଟାମାଟି ଭୁଲି ସ୍ୱାଭିମାନ ହରାଇ ବଞ୍ଚାଇ ଅପେକ୍ଷା ମାଟିର ମଣିଷ ପାଲଟି ଯିବାରେ ଢେର ଖୁସି ଅଛି । ମଣିଷକୁ କେବଳ ବଞ୍ଚିବା ପାଇଁ ଖାଲି ନିର୍ଜୀବ ଟଙ୍କା ସବୁ ଆଶା ପୂରଣକୁ କରି ପାରେ ନା ବୋଲି ଏତେ ଦିନ ପରେ ବୁଝି ପାରିଲି ।

ବାପା ମାଆ ପୁଅର କଥା ଶୁଣି ଅବାକ ହୋଇ ଚାହିଁ ରହିଥିଲେ । ସେ ଯାହା ହେଉ ଠାକୁରଙ୍କ କୃପାରୁ ପୁଅ ତାର ଭଲ ମଣିଷ ହୋଇ ଘରକୁ ଫେରି ଥିବାରୁ ମାଆ ତାର ଗ୍ରାମ ଦେବତୀ ପାଖରେ ଭୋଗ ଲଗାଇବା ପାଇଁ କାନିରେ ଗଣ୍ଠି ପକାଇ ଥିଲା । ବାପା ତାର ଆଖିରୁ ବହି ଯାଉଥିବା ଲୁହକୁ ପୋଛି ପୁଅର ମନ ପସନ୍ଦ ଖାଇବା ଜିନିଷ ବଜାରରୁ କିଣିବା ପାଇଁ ବାହାରି ଯାଇଥିଲା । ସେ ତା ବାପାଙ୍କ ସହିତ ବିଲକୁ ହଳ ଲଙ୍ଗଳ ନେଇ ଗଲା ବେଳେ ନିଜକୁ ଆଉ ଛୋଟ ମନେ କରୁ ନ ଥିଲା ।। (ସମାପ୍ତ )



*ସତ୍ୟନାରାୟଣ ପ୍ରଧାନ*
*ସା / ପୋ - ଅଣ୍ଡିଆ,*
*ଭାୟା - ଜେନାପୁର*
*ଜିଲ୍ଲା - ଯାଜପୁର , ପିନ-୭୫୫୦୨୩,*
*ମୋ - ୯୧୭୮୩୧୩୬୪୪*



## ଆସିଛି ପୁଣି ନୂଆଁଖାଇ

ନୂଆଁଖାଇ ଆସେ ବରଷକୁ ଥରେ
ଏକତାର ମନ୍ତ୍ର ନେଇ,
ଆନନ୍ଦ ମୁଖର ପୁରପଲ୍ଲୀ ହୁଏ
ଭାଇଚାରାର ପରବ ଏଇ ।।

ଭାଦ୍ରବ ମାସର ଶୁକ୍ଳପକ୍ଷ
ତିଥିଯେ ପଞ୍ଚମୀ ଅଟଇ,
ନୂଆଁ ଖାଇବାଲାଗି ସଭିଏଁ ଖୁସୀରେ
ଲିପାପୋଛା ଘର କଲେଣି ।।

ସମଲେଇ ପୀଠେ ନବାନ୍ନ ବ୍ୟଞ୍ଜନ
ଭୋଗରୂପେ ଲାଗି ହୁଏ ,
ସେହି ଭୋଗକୁ ସଭିଏଁ ପାଆନ୍ତି
ପ୍ରସାଦ ଭାବରେ ଖାଇ ।।

ଯିଏବି ଯେଉଁଠି ଥାଉନା କାହିଁକି
ଗୃହକୁ କରନ୍ତି ପ୍ରତ୍ୟାବର୍ତ୍ତନ,
ନୂଆଁଖାଇ କଥା ମନେ ଭାବିଭାବି
ମନ ରହେ ସଭିଙ୍କ ପ୍ରସନ୍ନ। ।

ମା' ସମଲେଇ ସଭିଙ୍କୁ ଦିଅ ଆଶିଷ
ଦୂରହେଉ ଦେଶର ଯେତେ କଷ୍ଟକ୍ଲେଶ ।
ଭଲହେଉ ସବୁ ରବି ଫସଲ
ଚାଷୀକୁ ମିଳୁ ତା ସଠିକ ମୂଲ ।।

ପଶ୍ଚିମ ଓଡ଼ିଶା ଉତ୍ସବମୁଖର
ହୋଇଥାଏ କୋଣ ଅନୁକୋଣେ,
ଜୁହାର କରନ୍ତି ଗୁରୁଜନମାନଙ୍କୁ
ଆଶିଷ ପାଇଁ ଲଘୁଜନେ ।।

ବଞ୍ଚିଥିଲେ ପୁଣି ଆର ବରଷକୁ
ଭେଟହେବ ଆଉଥରେ,
ପଶ୍ଚିମ ଓଡ଼ିଶା ଭଉଣୀଭାଇଙ୍କୁ ମୁଁ
ନୂଆଁଖାଇ ଜୁହାର କରେ ।

*ପ୍ରଶାନ୍ତ କୁମାର ନାୟକ*
*ୟୁନିଟ୍- ୫; ଭୁବନେଶ୍ୱର*
*ଫୋନ୍ : ୮୨୪୯୬୫୦୪୧୪*

# ସାହସୀ ବାଳକ

ହରିସାହୁ ଦିନେ ସଡ଼କ କଡ଼ରେ ଚାଲି ଚାଲି ଯାଉଥିବା ବେଳେ ଚୋରଟିଏ ତା ପିଛା ଧରିଲା । ଗୋଟିଏ ବୁଲାଣି ଜାଗାରେ ବରଗଛଟିଏ ଥାଏ । ନିଛାଟିଆ ପାଇ ସେହିଠାରେ ତା ହାତରୁ ବ୍ୟାଗ୍‌ଟି ଛଡ଼ାଇ ନେଇ ଦୌଡ଼ିଲା । ସେହି ସମୟରେ ବିଦ୍ୟାଳୟ ଛୁଟି ହେଉଥାଏ । ପିଲାମାନେ ବିଦ୍ୟାଳୟରୁ ଫେରୁଥାଆନ୍ତି । ସେମାନେ ଲୋକଟି ଦୌଡୁଥିବାର ଦେଖି ତାକୁ ଓଗାଳିବାକୁ ଚେଷ୍ଟାକଲେ । ଚୋରଟି ବହୁତ ସିଆଣିଆ ଥିଲା । ସେ ସଙ୍ଗେ ସଙ୍ଗେ ପିଲାମାନଙ୍କୁ କହିଲା- ମୁଁ ପରା ତୁମମାନଙ୍କୁ ଚକୋଲେଟ୍ ଦେବା ପାଇଁ ଦୌଡ଼ି ଦୌଡ଼ି ଆସୁଛି । ଏହା କହିବା ସହିତ ପାଖରେ ରଖିଥିବା କିଛି ଚକୋଲେଟ୍ ତାକୁ ଓଗାଳୁଥିବା ପିଲାମାନଙ୍କ ଭିତରୁ ଜଣଙ୍କ ହାତକୁ ବଢ଼ାଇଦେଲା । ସେହି ପିଲାଟି ଚକୋଲେଟ୍ ପାଇବା ପରେ ଅନ୍ୟ ସାଙ୍ଗମାନଙ୍କୁ ଭାଗ ନଦେବା ପାଇଁ ଦୌଡ଼ିବାକୁ ଲାଗିଲା । ଗୋଟିଏ ପଟେ ଚୋର ଅନ୍ୟ ପଟେ ପିଲାଟି ଦୌଡ଼ିବାରୁ ପ୍ରକୃତ ଚୋରଟି କେଉଁ ଦିଗକୁ ଯାଉଛି ତାକୁ ଗୋଡ଼ାଉଥିବା ଲୋକମାନେ କିଛି ଜାଣିପାରିଲେ ନାହିଁ ।

ଚୋରଟି ସେଦିନ ଖସିଗଲା । ପିଲାମାନେ ନିଜ ନିଜ ଘରକୁ ଗଲେ । ସାଧୁ ନାମକ ପିଲାଟିଏ । ବୟସରେ ବହୁତ କମ୍ । ସେ ପରଦିନ ବଦ୍ୟାଳୟର ଶିକ୍ଷକଙ୍କୁ ସବୁକଥା କହିଲା । ପିଲାଟିଏ କ'ଣ କହୁଛି ବୋଲି ସେ କିଛି ବୁଝିଲେ ନାହିଁ । ସାଧୁ ମଧ କିଛି ନକହି ସେଦିନ ଘରକୁ ଫେରିଲା । ସେଦିନ କିନ୍ତୁ ବିଦ୍ୟାଳୟକୁ ଚକୋଲେଟ୍ ନେଇଥିବା ପିଲାଟି ଯାଇନଥିଲା । ଦୁଇଦିନ ସେ ବିଦ୍ୟାଳୟକୁ ନଯିବାରୁ ପ୍ରଧାନଶିକ୍ଷକ ତାଙ୍କ ଘରକୁ ଗଲେ । ପ୍ରଧାନଶିକ୍ଷକ ଦେଖିଲେ- ପିଲାଟି ଅବସ୍ଥା ଭଲନାହିଁ । ଭଲଥିବା ପିଲାଟି ହଠାତ୍ ଏମିତି ରୋଗାକ୍ରାନ୍ତ ହେବା । ତାର ବାପାମାଆ ବି ଜାଣିପାରିଲେ ନାହିଁ । ପ୍ରଧାନଶିକ୍ଷକ ତାର ଘରୁ ଫେରି ଅନ୍ୟ ଶିକ୍ଷକମାନଙ୍କ ସହିତ ଆଲୋଚନା କଲେ । ସେତିକିବେଳେ ସାଧୁ କହିଥିବା କଥା ଶିକ୍ଷକଙ୍କ ମନେପଡ଼ିଲା । ସେ ତାକୁ ଅଫିସ୍ ଘରକୁ ଡକାଇ ସେଦିନର କଥା ପଚାରିଲେ । ତାହା ସହିତ ସେମାନଙ୍କ ସାଥିରେ ଥିବା ଅନ୍ୟ ପିଲାମାନଙ୍କୁ ବି ଡକାଇଲେ । ସବୁ ବୁଝିବା ପରେ ଜଣାପଡ଼ିଲା ଯେ ସେହି ଚକୋଲେଟ୍ ହେଉଛି ତା' ରୋଗର କାରଣ ।

ଛୋଟ ପିଲାଟିର କଥାକୁ ଶିକ୍ଷକ ଗୁରୁତ୍ୱ ନଦେଇଥିବାରୁ ଏଭଳି ଘଟଣା ଘଟିଲା ବୋଲି ଅନୁଭବ କରି ଶିକ୍ଷକ ଜଣଙ୍କ ଦୁଃଖ ପ୍ରକାଶ କଲେ । ଅପରିଚିତ ବ୍ୟକ୍ତିଠାରୁ ଚକୋଲେଟ୍ ଖାଇବା ଅନୁଚିତ୍ କାର୍ଯ୍ୟ ବୋଲି ସମସ୍ତେ ଜାଣିଲେ ।

ସେ ପିଲାଟିର ଦୃଷ୍ଟିଶକ୍ତି ଅତି ତୀକ୍ଷ୍ଣ ଥିଲା । ଦିନେ ସେ ଦେଖିଲା ସେହି ବ୍ୟକ୍ତିଟି ଗୋଟିଏ ମୋଟରସାଇକେଲରେ ଯାଉଛି । ତାକୁ ଗୋଡ଼ାଇଲା । ନପାରିବାରୁ ପଛରେ ଯାଉଥିବା ଜଣେ ମୋଟର ସାଇକେଲ୍ ବାଲାକୁ କହିଲା- ତୁମ ଆଗରେ ଯାଉଥିବା ଲୋକଟି ମୋ ବ୍ୟାଗ୍‌ଟି ଛଡ଼ାଇ ନେଇଗଲା । କାରଣ ସେ ପୂର୍ବରୁ ଦୌଡ଼ିବା ବେଳେ ନିଜ ବ୍ୟାଗ୍‌ଟିକୁ ସଡ଼କ ଧାରକୁ ଫିଙ୍ଗି ଦେଇଥିଲା । ଲୋକଟି ଅନେକ ଦୂର ଯାଇ ତାକୁ ଧରିଲା । ପ୍ରକୃତରେ ତା' ପାଖରେ ବ୍ୟାଗ୍ ନଥିବାରୁ ସେ ତାକୁ ଛାଡ଼ିଦେଉଥିଲା । ଏତିକିବେଳେ ଅନ୍ୟ ଜଣେ ଲୋକ ପହଞ୍ଚିଲେ । ତାଙ୍କ ସାଥିରେ ପିଲାଟି ଥିଲା । ସେ ଥିଲେ ତାଙ୍କର ଜଣେ ସମ୍ପର୍କୀୟ । ପିଲାଟି ଠାରୁ ସବୁକଥା ଶୁଣିବା ପରେ ତାକୁ ଥାନାକୁ ନେଲେ । ପିଲାଟି ନିଜେ ମିଛ କହିଥିବାରୁ ସେମାନଙ୍କ ଆଗରେ କାନମୋଡ଼ି ହେଲା । ତାକୁ ଖୋଜି ଖୋଜି ତାଙ୍କ ଘର ଲୋକେ ସେଠାରେ ପହଞ୍ଚିଲେ । ଚୋରଟି ଧରାହେବା ସହିତ ଚକୋଲେଟ୍‌ରେ ନିଶା ଔଷଧ ଦେଇଥିବାରୁ ଜେଲ୍‌ଗଲା । ତା ଘରୁ ଅନେକ ଲୋକଙ୍କର ଚୋରି ଜିନିଷ ବାହାରିଲା ।

ପିଲାଟିର ସାହସ ପାଇଁ ସମସ୍ତେ ତାକୁ ପ୍ରଶଂସା କଲେ ।

*ରମେଶ ଚନ୍ଦ୍ର ଦାଶ*
*ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ-୨, ପୁରୀ*
*ଫୋନ୍-୯୭୭୬୨୩୮୫୨୨*

## କଇଁଚି କାକୁଡି ନଳିତାପିତା

କଇଁଚିକାକୁଡି ନଳିତାପିତା
ଗୀତାର ମୁଣ୍ଡରେ ରିବନ ଫିତା

ସକାଳୁ ଉଠିକି ଚାଲଇ ଗୀତା
ତା ସାଥିରେ ଥାଏ ତା ସାଙ୍ଗ ମିତା

ଚଲାବୁଲା ସାରି ତୋଳନ୍ତି ଫୁଲ
ପାଆନ୍ତି ସଭିଙ୍କ ଆଦର ଗେଲ

ଗୀତା ଭଲ ପଢେ ଗାଏବି ଗୀତ
ସଦା ହସ ହସ ଥାଏ ତା ଚିତ୍ତ

ମିତା ଗୀତଗାଏ ମଧୁର ସ୍ୱରେ
ଗୀତା ଝୁରେ ତାକୁ ସେ ଗଲେ ଦୂରେ

ଗୀତା ମିତା ମିଶି ଖେଳନ୍ତି ଖେଳ
ଘରକୁ ଫେରନ୍ତି ବୁଡ଼ିଲେ ବେଳ

ଦୁହିଁଙ୍କ ଆଦର ଗାଆଁରେ ବେଶୀ
ତାଙ୍କମୁହଁ ଦିଶେ ଯେମିତି ଶଶୀ

ସେନେହ ଶରଧା ଆଦର ଦିଅ
ମମତାରେ ତାଙ୍କୁ କୋଳକୁ ନିଅ

ପୁଅଙ୍କ ପରିସେ କରିବେ ହିତ
ନମାନି ବରଷା ନିଦାଘ ଶୀତ

କଇଁଚି କାକୁଡି ନଳିତା ପିତା
ଗୀତା ମିତା ହେବେ ଜଗତଜିତା

ପ୍ରଶାନ୍ତ କୁମାର ଦାଶ
କୁଞ୍ଜର -ସଙ୍ଗଲାଇ
ପିପିଲି -ପୁରୀ
ମୋବାଇଲ -୯୬୭୮୮୨୨୧୯୦



## ନମିବା ତାଙ୍କ ପୟରେ

ଦୁନିଆ ର ବଗିଚାରେ କଳି ଭଳି
ଯେତେ ଶିଶୁ ରହିଥାଉ
ଗୁରୁଙ୍କ ଆଶିଷ ଆଉ ଶୁଭାଶିଷ
ଲଭି ଫୁଟି ବାସ ଦେଉ ।
ଆମର ସପନ କୋମଳ ଜୀବନ
ତାଙ୍କର ସାନିଧ ପାଇ
ସଫଳତା ଲଭି ସାର୍ଥକ ହୁଅଇ
ଅଜ୍ଞାନତା ହଟି ଯାଇ ।
ଜୀବନ ବିଷମ ପଥ ଅତିକ୍ରମ
କରାଇବାକୁ ସେ ସାହା
ତେଜିଣ କୁକର୍ମ ଅର୍ଜିବାକୁ ଧର୍ମ
ପାଇଁ ସେ ଦେଖାନ୍ତି ରାହା ।
ପିତା ମାତା ସମ ନରଖି ବୈଷମ୍ୟ
ସଦା ସିଞ୍ଚି ସ୍ନେହ ବାରି
କରନ୍ତି ସାକାର ସପନ ଆମର
ଅତି ଆପଣାର ପରି ।
ସେ ଭଲମଣିଷ କରିପା'ନ୍ତି ତୋଷ
ଚେଷ୍ଟା କରି ଅହର୍ନିଶ
ତାଙ୍କର ସେ ଋଣ ଅଶୁଝାଟି ଜାଣ
ସେ ଅଟନ୍ତି ଜଗଦୀଶ ।
ଆମର ସୁପତ ପ୍ରତିଭା ଗୁପତ
ହୋଇ ସିନା ରହିଥାଏ
ସିନିହ ଅପାର ଯେତେକ ଆଦର
ପାଇ ସେ ଜାଗ୍ରତ ହୁଏ ।

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପେ ସିଏ
ଜଗତେ ପାଆନ୍ତି ପୂଜା
ଲାଳନେ ପାଳନେ ସଙ୍ଗତେ ତାଡ଼ନେ
ଉଡ଼ଇ ତାଙ୍କର ଧ୍ୱଜା ।
ମାଟି ପିଣ୍ଡୁଳାରେ କେତେ ଯେ ଯତ୍ନରେ
ଗଢ଼ନ୍ତି ଜୀବନ୍ତ ମୂର୍ତ୍ତି
ଧନ୍ୟ ତାଙ୍କ ନିଷ୍ଠା ଧନ୍ୟସେ ପ୍ରଚେଷ୍ଟା
ଅସୀମ ଟି ଧୈର୍ଯ୍ୟ ଶକ୍ତି ।
ଆମେ ତାଙ୍କ ପ୍ରାଣ ହୃଦର ସ୍ପନ୍ଦନ
ଆମର ଉନ୍ନତି ଦେଖି
ଲଭନ୍ତି ହରଷ ହୋଇ ହସ ହସ
ସେ କଥା ନ ହୁଏ ଲେଖି ।
ଜୀବନର ଭ୍ରମ ଅଜ୍ଞାନର ତମ
ଦୂର କରିବାରେ ଦକ୍ଷ
କରିଣ କିମିଆଁ ଦେଖାନ୍ତି ଦୁନିଆ
ଉଡିବାକୁ ଦ୍ୟନ୍ତି ପକ୍ଷ ।
ଦୀପ ଭଳି ଜଳି ଅଜ୍ଞାନକୁ ଟାଳି
ଦେଖାନ୍ତି ସେ ନୂଆ ପଥ
ତାଙ୍କ ପଦ ତଳେ ଆସ ଭକ୍ତି ଭୋଳେ
ନତ କରିବାଟି ମାଥ ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ:୮୨୪୯୯୩୨୭୯୨*

## ବର୍ଷା ଆସିଛି ଫେରି...



ଲଘୁଚାପ ନେଲା ଜନମ
ବର୍ଷା ଆସିଛି ଫେରି
ବିଲ ବାଡି ଗିରି କାନନେ
ଦିଶେ ସବୁଜ ଶିରୀ।
ଚଷାପୁଅ ହର୍ଷଉଲ୍ଲାସେ
ଗାଏ ଖୁସି ସଂଗୀତ
ନଦୀ ଝରଣାର ବୁକୁରେ
ବହେ ଜଳର ସ୍ରୋତ।
ଶରତ ଋତୁରେ ବରଷା
ଆସି କରୁଛି ଖେଳ
ଆକାଶରେ ଉଡି ଯାଆନ୍ତି
ପକ୍ଷୀ ହୋଇଣ ମେଳ।
ପୁଷ୍କରିଣୀ ତଟେ କୁମୁଦ
ହାତ ଠାରି ଡାକଇ
ବାଡିରେ ଜହ୍ନି ଓ କାକୁଡି
ହସି ଦୋଳି ଖେଳଇ।
ନିଅଣ୍ଟିଆ ବର୍ଷା କାରଣେ
ଥିଲା ମନେ ବିଷାଦ
ଭୋଦୁଅ ମାସେ ଏ ବରଷା
ଦୂର କଲା ଆପଦ।
ଯଥେଷ୍ଟ ପାଣିତୁ ଦେଲଣୁ
ଏବେ ଯାଆ'ତୁ ଛାଡି
ନହେଲେ ହୋଇବ ଅନର୍ଥ
ବନ୍ୟା ଆସିବ ମାଡି।
ପାଣି ପରା ଆମ ଜୀବନ
କିଏ ହେବ ତା'ସରି
ତା'ର ଉପଯୋଗ କରିବା
ଆମେ ବୁଦ୍ଧି ବିଚାରି।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା,ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ସହଜେ ଶରତ କାଳ

ଶରତ ଆସିଲା ମରତ ପୁରକୁ
ସୁଷମା ଭଣ୍ଡାର ଧରି
ଶୋଭାପଣେ କିଏ ଶରତ ସହିତ
କଦାପି ହେବନି ସରି ।

ବରଷାର ଭାଉ ରହିବନି ଆଉ
ବାଟ ଭାଙ୍ଗିଯିବ ଚାଲି
ପଚରପଚର ଗାଁ ଦାଣ୍ଡ ଆଉ
ହୋଇବନି ଆଜିକାଲି ।

ବଉଦର ରଙ୍ଗ କଳା ବଦଳରେ
ଧୀରେ ହୋଇଯିବ ଧଳା
ସରସୀର ଜଳ କାଚକେନ୍ଦୁ ପରି
ଦିଶିବ ଘୁମର କଳା ।

ସୁନୀଳ ଆକାଶ ସୁନ୍ଦର ଦିଶିବ
ଧଳା ମେଘ ଭାସୁଥିବ
ତୋଫା ଜହ୍ନ ତହିଁ ବାଦଲ ଉହାଡୁ
ଉଙ୍କି ମାରି ଲୁଚିଯିବ ।

ନଈର ପଠାରେ କାଶତଣ୍ଡୀ ଫୁଟି
ଦିଶିବ ଅପୂର୍ବ ଶୋଭା
ଶ୍ୟାମଳିମା ପାଟ ପିନ୍ଧି ବସୁନ୍ଧରା
ସାଜିଥିବ ମନଲୋଭା ।

ସରସୀରେ କଇଁ, ପଦ୍ମ ଫୁଟିଥିବେ
ଦେଖାଇ ଅପୂର୍ବ ଠାଣି
ଦେବୀ ଆଗମନ କରିବେ ଏକାଳେ
ଭକତଙ୍କ ମନ ଜାଣି ।

ଶରତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ଧରା
ବାଡ଼ିବଗିଚା ଯେ ପନିପରିବାରେ
ହୋଇଯାଇଥିବେ ଭରା ।

ଶରତ କାଳୀନ ପ୍ରାକୃତିକ ଶୋଭା
ସଭିଙ୍କର ଜିଣେ ମନ
ଶରତ ସୁଷମା ବଡ଼ ଅନୁପମା
ଯୁଗେଯୁଗେ ପ୍ରତି ସନ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

ମାତୃଭାଷା



## ଲଗାଣ ବର୍ଷାରେ ଜୟପୁର ତହସିଲ ଅଧିନରେ ୧୭ ଘର ଆଂଶିକ ଭାଙ୍ଗିଲା

**ଜୟପୁର:** ଲଗାଣ ବର୍ଷାରେ ଜୟପୁର ତହସିଲ ଅଧିନରେ ୧୭ ଟି ଘର ଆଂଶିକ ଭାଙ୍ଗି ଥିବା ଜଣାଯାଇଛି । ଏନେଇ ଆଜି ଜୟପୁର ତହିଲଦାର ସବ୍ୟ ସାଚି ଜେନା, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ରାସଜ ସୁପର ଭାଇଜର ହରି ହର ଶତପଥି ଉପସ୍ଥିତ ରହି ତଥ୍ୟ ସଂଗ୍ରହ କରିବା ସହ ପୋଲିଥିନ ପ୍ରଦାନ କରିଥିଲ । କେବିଡିର ବୁନୁ କାଡ୍ରାକା ସିଙ୍ଗିବନ୍ଧର ଉଦ୍ଧବ ବୈପାରି , ଭାଜିଗୁଡା ପୁଣ୍ଡ ଚନ୍ଦ୍ର ଗୌଡ ହାଟପଦା ରାମ ଚନ୍ଦ୍ର ଖରା, ବୈରାଗିମଠର ଗୋରି ବିଷୋୟୀ, ବାପୁଜି ନଗରର ଅମ୍ବିକା ଖରା , ଭାଜିଗୁଡା ଗୋରି ମଣି ହରିଜନ, ଖଡପାର ମୁଦି ଭତ୍ରା, ନୁଆପୁଟର ଡମ୍ବୁ ପରାଜ, ହାଟପାଦାର ସୁବାସ ଖରା, ବାପୁଜି ନଗରର କୋମୁ ଖରା, ପଲକାପୁଟ ରିନା ପରଜା, ବାପୁଜି ନଗରର ହାଡି ଖରା, ପଲକାପୁଟର ଜୟନ୍ତି ବାଘ, ବିଜୁ ରାଜନଗର ଏମଡି ଫାୟାତ ଘର ଭାଙ୍ଗିଥିବା ଜଣାଯାଇଛି ।

## ଦ୍ରୁତଗାମୀ ବାଇକ୍ ଧକ୍କାରେ ସ୍କୁଟି ଚାଳକ ମୃତ

**ସମ୍ବଲପୁର:** ସମ୍ବଲପୁର ସହର ସନ୍ନିକଟ ବୁର୍ଲା ସହରର ଶ୍ରୀରାମବିହାର ପାର୍କ ସମ୍ମୁଖରେ ଆଜି ଏକ ଦ୍ରୁତଗାମୀ ବାଇକ୍ ଧକ୍କାରେ ଜଣେ ସ୍କୁଟି ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ବାଇକ ଚାଳକଙ୍କୁ ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଭିମସାର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଇଛନ୍ତି । ବୁର୍ଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭିମସାରକୁ ପଠାଇବା ସହ ବାଇକ୍ ଓ ସ୍କୁଟିକୁ ଜବତ କରିଛି । ଏହି ଦୁର୍ଘଟଣାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ କର୍ମଚାରୀ ୬୨ ବର୍ଷିୟ ଦୟାନନ୍ଦ ନାଏକଙ୍କ ମୃତ୍ୟୁ ଘଟିଛି । ଅବସର ପରେ ସେ ଶ୍ରୀରାମ ବିହାରରେ ପରିବାର ସହ ରହୁଥିଲେ । ଆଜି ସକାଳ ୮ଟା ବେଳେ କୈଣସି କାମକୁ ନେଇ ନିଜ ସ୍କୁଟି ଓଡି୧୫ ବି ୮୯୯୬ରେ ଘରୁ ବୁର୍ଲା ଆଡକୁ ଯାଉଥିଲେ । ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ଭିଆଇପି ରାସ୍ତାର ବାମପଟେ ନଯାଇ ଡାହାଣ ପଟ ରାସ୍ତାରେ ବୁର୍ଲା ସହର ପଟକୁ ଯାଉଥିଲେ । ଏହି ସମୟରେ ବୁର୍ଲା ପଟରୁ ଦ୍ରୁତ ଗତିରେ ଆସୁଥିବା ଓଡି୧୫ ଏକ୍ସ ୮୩୧୭ ନମ୍ବର ବାଇକ୍ ମୁହାଁମୁହିଁ ଧକ୍କା ଦେଇଥିଲା । ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ବାଇକ ଚାଳକ ଜଣଙ୍କ ପ୍ରାୟ ୫୦ ମିଟର ଯାଏଁ ଘୋଷାଡ଼ି ହୋଇ ପଡ଼ିଥିବା ବେଳେ ବାଇକଟି ଆହୁରି ୫୦ ମିଟର ଆଗକୁ ଯାଇ ପାର୍କ କଡ଼ରେ ପଡ଼ିଥିଲା । ବାଇକ ଚାଳକ ଜଣଙ୍କ ବୁର୍ଲା ସହର ଗେଡ଼ପାଲି ଅଂଚଳର ରେଳ ବିଭାଗର କର୍ମଚାରୀ ୩୦ ବର୍ଷିୟ ରମାକାନ୍ତ ବେହେରା ବୋଲି ଜଣାଯାଇଛି ।

## ସିଏମ କିଷାନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ

**ଭଦ୍ରକ:** କୃଷି ଭିତିକ ଗଣପର୍ବ ପବିତ୍ର ନୂଆଖାଇ ଅବସରେର ଜିଲ୍ଲା ସ୍ତରୀୟ ସିଏମ କିଷାନ ରବି-୨୦୨୫-୨୬ ର ସହାୟତା ରାଶି ବଂଟନ କାର୍ଯ୍ୟକ୍ରମ ଜିଲ୍ଲାପାଳ ଦିଲୀପ କୁମାର ରାଉତରାୟଙ୍କ ଅଧକ୍ଷତାରେ କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ଭଦ୍ରକ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମେର ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା, ଯୁବେସବା ତଥା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ ସୂର୍ଯ୍ୟବଂଶୀ ସୂରଜ ଏବଂ ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ସହେଯାଗୀ ନଦେର୍ଶକ ଗେବଷଣା ବିଶ୍ୱ ରଞ୍ଜନ ନାୟକ ଯୋଗ ଦେଇ କୃଷକ ମାନଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ମତ ରଖିଥିଲେ । ଭଦ୍ରକ ଜିଲ୍ଲାରେ ସମୁଦାୟ ୨ ଲକ୍ଷ ୪୮ ହଜାର ୨୩୫ ଜଣ କୃଷକଙ୍କ ଜମା ଖାତାକୁ ସବର୍ମୋଟ ୪୯ କୋଟି ୬୪ ଲକ୍ଷ ୭୦ ହଜାର ଟଙ୍କା ଡ଼ିବିଟି ମାଧମେର ପ୍ରଦାନ କରାଗଲା ।

## ନୂତନ ଫାଣ୍ଡି ଅଧିକାରୀଙ୍କ ଯୋଗଦାନ

**ଭୁବନ:** ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଫାଣ୍ଡିରେ ଏସ ଆଇ ସୁବ୍ରତ କୁମାର ସାହୁ ନୂତନ ଫାଣ୍ଡି ଅଧିକାରୀ ଭାବେ ଯୋଗ ଦେଇଛନ୍ତି । ପୂର୍ବତନ ଫାଣ୍ଡି ଅଧିକାରୀ ସୌଭାଗ୍ୟ ପାଣିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଶ୍ରୀ ସୁବ୍ରତ କୁମାର ସାହୁ ପୂର୍ବରୁ କାମାକ୍ଷାନଗର ଥାନାରେ କାର୍ଯ୍ୟରତ ଥିଲେ । ସୁରପ୍ରତାପପୁର ଫାଣ୍ଡି ସମସ୍ତଙ୍କ ପାଇଁ ଆସ୍ଥାଭାଜନ ହେବା ସହିତ ସମସ୍ତ ଜନସାଧାରଣଙ୍କୁ ଉଚିତ ଓ ସମାନ ନ୍ୟାୟ ପ୍ରଦାନ କରାଯିବା ନେଇ ନିଜ ପ୍ରତିକ୍ରିୟାରେ କହିଥିଲେ ।

# ସୀମାନ୍ତରେ ୩୦ ନକ୍ସଲଙ୍କ ଆତ୍ମସମର୍ପଣ

**ମାଲକାନଗିରି:** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ବିଜାପୁର ପୁଲିସକୁ ମିଳିଛି ବଡ଼ ସଫଳତା । ଅପରେସନ ମନସୁନ ଚାଲିଥିବା ବେଳେ ଏକା ଥରକେ ୩୦ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ୨୦ ଜଣ ନକ୍ସଲ ନାମରେ ୮୧ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା । ଆତ୍ମସମର୍ପଣ କରିଥିବା ନକ୍ସଲ ମଧ୍ୟରେ ଜଣେ ଉତ୍ତର ବସ୍ତର ଡିଭିଜନର ଇନଚାର୍ଜ ବା

### ମୁଣ୍ଡରେ ଥିଲା ୮୧ ଲକ୍ଷ

ଡିଭିସିଏମ ଜଣେ,କମ୍ପାନୀ ନମ୍ବର ୨ର ସଦସ୍ୟ ୫ ଜଣ,ପ୍ଲାଟୁନ ସଦସ୍ୟ ୪ ଜଣ,ଏରିଆ କମିଟି ପାର୍ଟି ସଦସ୍ୟ ୫ ଜଣ,ପିଏଲଜିଏ ସଦସ୍ୟ ଜଣେ, ସିଏନଏମ ସଦସ୍ୟ ୨ ଜଣ,ଜନତାନା ସରକାର ଉପାଧକ୍ଷ ଜଣେ, ଜନତାନା ସରକାର ସଦସ୍ୟ ୫ ଜଣ, ମିଲିସିଆ ସଦସ୍ୟ ୨ ଜଣ, ଡିଏକେଏମଏସ ସଦସ୍ୟ ୨ ଜଣ । ସେହିପରି ୮ ଲକ୍ଷ ପୁରସ୍କାର ଘୋଷିତ ନକ୍ସଲ ୬ ଜଣ ରହିଥିବା ବେଳେ ୫ ଲକ୍ଷ ପୁରସ୍କାର ଘୋଷିତ ୨ ଜଣ,୨ ଲକ୍ଷ ପୁରସ୍କାର ଘୋଷିତ ୧୦ ଜଣ ଏବଂ ୫୦ ହଜାର ଘୋଷିତ ଜଣେ ନକ୍ସଲ ରହିଛନ୍ତି ।

ସରକାରଙ୍କ ତରଫରୁ ଲଗାତାର ଅପରେସନ ଚାଲିଥିବା ଏବଂ ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ




ପ୍ରଭାବିତ ହୋଇ ଆତ୍ମସମର୍ପଣ କରିଥିବା ନକ୍ସଲ କହିଛନ୍ତି । ପୁଣି ସଂଗଠନରେ ଚାଲିଥିବା ଭେଦଭାବ ଯୋଗୁଁ ନକ୍ସଲ ମୁଖ୍ୟସ୍ରୋତରେ ସାମିଲ ହୋଇ ବାକି ଜୀବନ ଖୁସିରେ କଟାଇବେ ବୋଲି ଚିନ୍ତା କରିଥିବା କହନ୍ତି । ଆଜି ପ୍ରଶାସନ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଗତ ୨୦୨୪ ମସିହା ଠାରୁ ଆଜି ପର୍ଯ୍ୟନ୍ତ ବିଜାପୁର ଜିଲ୍ଲାରେ ୮୩୪ ଜଣ ନକ୍ସଲ ଗିରଫ ହୋଇଥିବା ବେଳେ ୪୯୬ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେହିପରି ୧୯୦ ଜଣ ନକ୍ସଲ ଏନକାଉଣ୍ଟରରେ ମୃତ୍ୟୁବରଣ କରିଛନ୍ତି ।

# ବର୍ଷା ପାଣିରେ ବେହାଲ ଜୟପୁର

**ଜୟପୁର:** ବର୍ଷା ପଣିରେ ବେହାଲ ହେଉଛି ଜୟପୁର ସହର । ବର୍ଷା ଯୋଗୁଁ ଜୟପୁର ସହରର ବିଭିନ୍ନ କଲୋନିରେ ଜଳ ଲୋକଙ୍କ ଘର ବୁଡାଇ ରଖିଥିବା ବେଳେ ଅନେକ ସରକାରୀ କାର୍ଯ୍ୟାଳୟ ମଧ ପାଣି ଜମିଛି । ଜୟପୁର ର ଫିସରି ଅଫିସ, ଏମଆଇ ଅଫିସ, ଆକାଶବାଣି କେନ୍ଦ୍ର, ବିଇଓ ଅଫିସ ଭଳି ଅନେକ କାର୍ଯ୍ୟାଳୟରେ ବର୍ଷା ପାଣି ପଶିଥିବା ସୂଚନା ମିଳିଛି । ଗତକାଲି ରାତି ଗୋଟାଏ ଠାରୁ ରାତ୍ର ୩ଟା ପର୍ଯ୍ୟନ୍ତ ମଧ୍ୟମ ଧରଣର ବର୍ଷା ହୋଇଥିବା ବେଳେ ରାତ୍ର ୩ଟାରୁ ସକାଳ ୬ଘଣ୍ଟା ପର୍ଯ୍ୟନ୍ତ ବାଦଲଫଟା ବର୍ଷାରେ ଜୟପୁର ସହର ପାଣିରେ ବେହାଲ ହୋଇଯାଇଥିଲା । ସହରର ମୁଖ୍ୟରାସ୍ତା ଏମ ଜି ରୋଡ, ଏନକେଟି ରୋଡ ରେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଜମି ରହିଥିଲା । ସହରର ନାଳ ଗୁଡିକ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଯାଇଥିବା ଯୋଗୁଁ ନାଳର ପାଣି ଗୁଡିକ ରାସ୍ତା ଉପରକୁ ଚାଲି ଆସିଥିଲା । କୁମ୍ଭାରାସାହି, ଦୈନିକ ବଜାର ଅଞ୍ଚଳରେ ଚାଲିବା କଷ୍ଟକର ହୋଇପଡିଥିଲା । ଆଜି ଗଣେଶ ପୂଜା ଥିବା ଯୋଗୁଁ ଲୋକେ ପୂଜା ପାଇଁ ପ୍ରସ୍ତୁତ ଥିବାବେଳେ ଗତକାଲି ରାତିରେ ବର୍ଷା ସମସ୍ତଙ୍କୁ ନାକେଦମ କରିଦେଇଥିଲା । ସ୍ଥାନୀୟ ତଳିଅଞ୍ଚଳ ଅଡିଟ କଲୋନୀ,କିଆବନ୍ଧ ସାହି, ବିଜୁରାଜ ନଗର ଓ ହାଟପଦା ଅଞ୍ଚଳ ଓ ସନ୍ତୋଷୀମା ନଗରରେ ଘର ଭିତରେ ପାଣି ପଶିଯାଇଥିବା ଯୋଗୁଁ ଲୋକେ ନାହି ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଆଜି ସକାଳୁ ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ବିଜୁରାଜନଗର ଅଞ୍ଚଳ ବୁଲି ଦେଖିବା ସହ ସେଠାକାର ଲୋକମାନଙ୍କୁ ପାଉରୁଟି ବଣ୍ଟନ କରିଥିଲେ । ସେହିପରି ଅପରାହ୍ନରେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଉପଜିଲ୍ଲାପାଳ ଏ.ସସ୍ୟାରେଡ୍ଡୀ ସମସ୍ତ ଜଳମଗ୍ନ ଅଞ୍ଚଳ ବୁଲି ଦେଖି ସେଠାକାର ସମସ୍ୟା ପଚାରିବୁଝିବା ସହ ଡ୍ରେନ ନଥିବା ଅଞ୍ଚଳରେ ପୌର କର୍ମଚାରୀଙ୍କୁ କାର୍ଯ୍ୟରେ ନିୟୋଜିତ କରି କିଛି ପାଚେରି ଭାଙ୍ଗୀ ଜଳ ନିଷ୍କାସନ କରିଥିଲେ । ସେହିପରି ପୌରଉପାଧ୍ୟକ୍ଷ ବି. ସୁନିତା ବେଲରୋଡ, ପ୍ରସାଦରାଓ ପେଟା, ସମ୍ଭାରତୋଟା ଅଞ୍ଚଳ ଗୁଡିକ ବୁଲି ଦେଖିବା ସହ ସେମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ପାରାବେଡା ଅଞ୍ଚଳର ଶ୍ରୀରାମନଗର ଅଞ୍ଚଳ ମଧ୍ୟ ପାଣି ବୁଡି ରହିଥିଲା । ଜୟପୁର ପାରାବେଡାରୁ ଗଡପଦର ଯିବା ସମୟରେ ଦୁବୁଲି ବ୍ରିଜ ଉପରେ ଦୁଇଫୁଟ ପାଣି ପ୍ରବାହିତ ହେଉଥିବା ଯୋଗୁଁ ୩ଘଣ୍ଟା ଧରି ଜୟପୁର ରୁ ଦୁବୁଲି ଗଡପଦର ଯିବା ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ଜଣାଯାଇଛି ।

# ଭୁବନରେ ପ୍ରସିଦ୍ଧ ଗଣେଶ ପୂଜା ଆରମ୍ଭ, ୨୧ଟି ମଣ୍ଡପେର ବିରାଜିଲେ ପ୍ରଭୁ ଗଜାନନ

ଭୁବନ, ୨୭ ଅଗଷ୍ଟ(ହି.ସ.) – ଭୁବନରେ ଦ୍ୱିତୀୟ ଦଶହରାର ମାନ୍ୟତା ପାଇଥିବା ପ୍ରସିଦ୍ଧ ଗେଣଶ ପୂଜା ଆରମ୍ଭ ହୋଇଛି । ରୟାଲିୟିନ୍ସ କ୍ଲବ, ଟାଇଟନସ କ୍ଲବ , ଡେଭିଲ୍ କ୍ଲବ, ଏକ୍ସାଇଟେଡ କ୍ଲବ, ରକ୍ ଗଣପତ୍ କ୍ଲବ, ଡାଇନା ମିକ କ୍ଲବ, ଗ୍ଲୋରିଅସ କ୍ଲବ,ସ୍କର୍କ୍ଲର କ୍ଲବ, ସୂପର୍ନ୍ଦ କ୍ଲବ, ଫ୍ରେଣ୍ଡସିପ କ୍ଲବ, ବ୍ରିଲିଆଣ୍ଟ କ୍ଲବ, ଓ୍ୱାରିଅର କ୍ଲବ, ଡାଜଲିଙ୍ଗ କ୍ଲବ, ରିବିଲିଓନସ କ୍ଲବ , ମୁନଷ୍ଟାର କ୍ଲବ, କିଙ୍ଗଷ୍ଟାର କ୍ଲବ, ଗ୍ଲାଡ଼ିଏଟର କ୍ଲବ, ନାଇସ କ୍ଲବ, ଗୋଲ୍ଡେନ କ୍ଲବ, ଗ୍ୟାଙ୍ଗଷ୍ଟାର କ୍ଲବ, ମେଲଣ କମିଟି ପ୍ରଭୃତି ୨୧ଟି ମଣ୍ଡପେର ପ୍ରଭୁ ଗଜାନନ ବିରାଜ ମାନ କରିଛନ୍ତି । ବିଭିନ୍ନ ମଣ୍ଡପ ରେ ପୌରାଣିକ କଥାବସ୍ତୁ ଆଧାରରେ ମୂର୍ତି ତିଆରି ହୋଇଛି । ଗତ ବର୍ଷ ଡାଜଲିଙ୍ଗ କ୍ଲବ ଅବିକଳ ଶ୍ରୀମନ୍ଦିର ଓ ଗଜାନନ ବେଶ କରି ସମଗ୍ର ରାଜ୍ୟେର ଚର୍ଚ୍ଚାକୁ ଆସିଥିବା ବେଳ ଚଳିତ ବର୍ଷ ରୟାଲିୟନ୍ସ କ୍ଲବ ୧୨ ବର୍ଷ ପୂର୍ତି ଗଣେଶ ପୂଜା ପାଳନ କରୁଥିବାରୁ ହାଇସ୍କୁଲ ପଡ଼ିଆରେ ଅଯୋଧ୍ୟା ରାମ ମନ୍ଦିର ର ଅବିକଳ ନକଲ ନିର୍ମାଣ କରି ବେଶ୍ ଚର୍ଚ୍ଚାକୁ ଆସିଛି । ଆସନ୍ତା ୩ ଓ ୪ ତାରିଖ ଦୁଇ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି । କ୍ଲବର ବରିଷ୍ଠ ସଦସ୍ୟ ଲୋକନାଥ ପାତ୍ର, ସଭାପତି ଫିଂଟୁ ଦାସ , ସମ୍ପାଦକ ନିମର୍ଳ ଚନ୍ଦ୍ର ପୋଥାଳଙ୍କ ସେମତ ସଦସ୍ୟ ସକ୍ରିୟ ଅଂଶ ଗ୍ରହଣ କରୁଛନ୍ତି । ୧୫ ବର୍ଷ ପୂର୍ତି ଉପଲେକ୍ଷ ରକ୍ ଗଣପତ କ୍ଲବ ବଦ୍ରିନାଥ ଧାମ କରିଛି । ପେଟ୍ରାଲ ପମ୍ପ(ବାଇପାସ୍) ଛକରୁ କାଳୀ ବଜାର,ଅରବିନ୍ଦ ମାର୍ଗରୁ ନୂଆ ବଜାର(ବସଷ୍ଟାଣ୍ଡ) ପର୍ଯ୍ୟନ୍ତ ସୁଉଚ୍ଚ ତୋରଣ, ଆକଷର୍ଣୀୟ ସାଜସଜ୍ଜା ସହିତ ରଙ୍ଗୀନ ଆଲୋକମାଳାରେ ଭୁବନ ଝଲସୁଛି ।

# ପୋଡମପେଟା ନିକଟରେ ସମୁଦ୍ର ମଧ୍ୟରେ ଓଲଟିଲା ଡ଼ଙ୍ଗା

**ଛତ୍ରପୁର:** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ପୋଡମପେଟା ନିକଟରେ ଅଘଟଣ । ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ବେଳେ ଭାରସାମ୍ୟ ହରାଇ ଓଲଟିଲା ଡଙ୍ଗା । ୬ ଜଣ

### ଜଣେ ନିଖୋଜ

ପହଁରି ପହଁରି ଫେରି ଆସିଥିବା ବେଳେ ଜଣେ ନିଖୋଜ ଅଛନ୍ତି । ନିଖୋଜ ଯୁବକ ଜଣକ ହେଲେ ଏଙ୍ଗ.କାଳେୟା (୪୯ ବର୍ଷ) । ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ ।

ସୂଚନା ମୁତାବକ, ଗୁରୁବାର ସକାଳ ୪ଟାରେ ଏଙ୍ଗ.କାଳେୟା ସମୁଦ୍ରକୁ ମାଛ ଧରିବା ପାଇଁ ଛତ୍ରପୁର ବ୍ଲକ୍ ସାନ ନୋଳିଆ



ନୂଆଗାଁର ୬ ଜଣଙ୍କୁ ସାଙ୍ଗରେ ନେଇ ବାହାରିଥିଲେ । କିନ୍ତୁ ପୋଡମପେଟା ନିକଟ ସମୁଦ୍ରକୁ ପ୍ରବେଶ କରିବା ମାତ୍ରେ କିଛି ସମୟ ମଧ୍ୟରେ ଡଙ୍ଗାଟି ଭାରସାମ୍ୟ ହରାଇ ଓଲଟି ଯାଇଥିଲା । ଫଳରେ ୭ ଜଣ ମତ୍ସ୍ୟଜୀବୀ ଡଙ୍ଗାରୁ ଛିଟିକି ପଡ଼ିଥିଲେ । ପରବର୍ତ୍ତୀ ସମୟରେ ୬ ଜଣ ପହଁରି ପହଁରି ଡଙ୍ଗାକୁ ଆସିବାକୁ ସକ୍ଷମ ହୋଇଥିଲେ । କିନ୍ତୁ ଏଙ୍ଗ. କାଳେୟା ଆଉ ଆସିପାରି ନଥିଲେ । ସ୍ଥାନୀୟ ଲୋକେ ବହୁ ଚେଷ୍ଟା କଲେ କିନ୍ତୁ ତାଙ୍କର କୌଣସି ସନ୍ଧାନ ମିଳିଲା ନଥିଲା । ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଏବେ ଘଟଣା ସ୍ଥଳରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ପହଞ୍ଚି ଲୋକଙ୍କ କଥା ଶୁଣି ପ୍ରଶାସନ ସହ ଆଲୋଚନା କରିଛନ୍ତି ।

# ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ଓ ପାନୀୟ ଜଳ ଯୋଗାଣର ସମୀକ୍ଷା

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜୟର ମହାନ୍ତିଙ୍କ ସମେତ ସମସ୍ତ ବ୍ଲକର ବିଡିଓ, ଏବିଡିଓ, ବ୍ଲକ ସ୍ତରୀୟ ଜଳ ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଯୋଜନା ସଂପର୍କରେ ସମୀକ୍ଷା କରିଥିଲେ । ଗ୍ରାମୀୟ ଗୃହ ନିର୍ମାଣ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା, ବିକଶିତ ଗ୍ରାମ ବିକଶିତ ଓଡ଼ିଶା, ଅଙ୍ଗନବାଡ଼ି କେନ୍ଦ୍ର, ଓରମାସ, ଅର୍ଥ କମିଶନ ଅନୁଦାନ, ସମଗ୍ରଶିକ୍ଷା ଅଭିଯାନ, ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ଓ ମରାମତି ଆଦି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇ ତୁରନ୍ତ ଏହି ବାତ୍ୟା ଆଶ୍ରୟ ସ୍ଥଳୀ, ଅଙ୍ଗନବାଡ଼ି କେନ୍ଦ୍ର ଆଦିଗୁଡ଼ିକର ତୁରନ୍ତ କାମ ସାରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଧ ପନ୍ତରିଆ ଥିବା ଯୋଜନାଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରି ଜନ ସାଧାରଣଙ୍କ ହିତରେ ଲଗାଇବା ପାଇଁ ବୈଠକରେ ଜିଲ୍ଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବିଭିନ୍ନ ମଣ୍ଡପରେ ପୂଜା ପାଇଲେ ଅଗ୍ରପୂଜ୍ୟ ଶ୍ରୀ ଗଣେଶ

**କେନ୍ଦ୍ରାପଡ଼ା:** ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ବାର୍ଷିକ ପୂଜା ଅବସର ରେ କେନ୍ଦ୍ରାପଡ଼ାର ବିଭିନ୍ନ ମଣ୍ଡପରେ ଗଣପତିଙ୍କୁ ଆବାହନ କରାଯାଇଛି । ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଠାରୁ ଆରମ୍ଭ କରି ସତନ୍ତ୍ର ପୂଜା ମଣ୍ଡପ, କ୍ଲବ ଓ ଯୁବକ ସଂଘ ପକ୍ଷରୁ ପୂଜାର ଆୟୋଜ ଆଡ଼ମ୍ବର ସହକାରେ କରାଯାଇଛି । ସତନ୍ତ୍ର ମଣ୍ଡପ, ସାଜସଜ୍ଜା, ତୋରଣ ଓ ଆଲେକ ସଜ୍ଜା ମଧ୍ୟରେ ଗଣନାଥଙ୍କ ଆବାହନ ସହରର ବିଭିନ୍ନ ସାହି ବସ୍ତିରେ ହୋଇଥିବା ଦେଖିବାକୁ ମିଳିଛି । ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଥିବା ଗଣେଶ ମୂର୍ତ୍ତିଙ୍କର ସତନ୍ତ୍ର ପୂଜା ବିଧାନ କରାଯିବା ସହ ଇଛାପୁର ପୁରୁଣା ଚନ୍ଦନ ପୋଖରୀ, ସାନ ମଙ୍ଗଳା, ପାଦପଦ୍ମ, କେଶପୁର, ଭଗେଶ୍ୱରପୁର, ମାଧପୁର, ଖଡିଅଙ୍ଗ, ମହିପାଳ, କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଥିବା ରାମସୀତା କ୍ଲବ, ସୁନେଇଲୋ, ଟାଉନ ବଳରାମପୁର, ସାନ୍ତସାହି ପ୍ରଭୃତି ସତନ୍ତ୍ର ମଣ୍ଡପରେ ପୂଜାର ଆୟେଜନ କରାଯାଇ ଥିଲା । ଚଳିତ ମାସ ୩୧ ତାରିଖରେ ଗଣେଶ ମୂର୍ତ୍ତିଙ୍କର ବିସର୍ଜନ ସହ ସାମୁହିକ ମେଲଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି । ଟାଉନ ଥାନା ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପରେ ସତନ୍ତ୍ର ପୋଲିସ ମୁତୟନ କରାଯିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସତନ୍ତ୍ର ପଦକ୍ଷେପ ନିଆଯାଇ ଥିବା ଜଣାପଡ଼ିଛି ।

## ଆଇନ ସଚେତନତା କାର୍ଯ୍ୟକ୍ରମ

**ବଲାଙ୍ଗିର:** ରାଜ୍ୟ ଆଇନ ସେବା ପ୍ରାଧିକରଣ ର ନିର୍ଦ୍ଦେଶ କ୍ରମେ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଡ. ପବିତ୍ର ମୋହନ ସାମଲଙ୍କ ତତ୍ୱାବଧାନରେ ପୁଇଁତାଲା ତହସିଲ କାର୍ଯ୍ୟାଳୟରେ ମାନ୍ୟବର ସର୍ବୋଚ୍ଚ ନିୟ୍ୟାଳୟଙ୍କର ବିଚାରକୁ କୃତିମ ବୁଦ୍ଧି ମାଧମରେ ଆଂଚଳିକ ଭାଷାରେ ଅନୁବାଦନ ଏବଂ ମାନ୍ୟବର ଉଚ୍ଚ ନିୟ୍ୟାଳୟ ଓଡିଶା ଠଉ ଜଙ୍କକ୍ଷରସ୍ପ, ଇଉଜ ଜଙ୍କକ୍ଷରସ୍ପ, ଗରୟସବସ୍ପସକ୍ଟଭ ଜଙ୍କକ୍ଷର ୨୦୦୭, ଚଙଝଐ ଇମସ୍ପ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ ଯୋଗଦେଇ ମାନ୍ୟବର ସର୍ବୋଚ୍ଚ ନିୟ୍ୟାଳୟଙ୍କର ନିଷ୍ପତିକୁ କିଭଳି ଭାବରେ କୃତିମ ବୁଦ୍ଧି ମାଧମରେ ସହଜରେ ବୁଝିହେବ, ତତସହିତ ମାନ୍ୟବର ଉଚ୍ଚ ନିୟ୍ୟାଳୟ ଓଡିଶାଙ୍କର ଠଉ ଜଙ୍କକ୍ଷରସ୍ପ, ଇଉଜ ଜଙ୍କକ୍ଷରସ୍ପ ଉପରେ ଅବଗତ କରାଇ ଓ ଏହା ଦ୍ୱାରା ମାମଲାର ସମାଧାନ କରିବା ପାଇଁ ସଚେତନ କରାଇଥିଲେ । ଏଥି ସହିତ କର୍ମ କ୍ଷେତ୍ରରେ ମହିଳା ମାନଙ୍କ ଉପରେ ହଉଥିବା ଯୌନ ନିର୍ଯ୍ୟାତନା ଓ ଏହାର ପ୍ରତିକାର ସହିତ କର୍ମକ୍ଷେତ୍ରରେ ମହିଳା ମାନେ କିପରି ସୁରକ୍ଷିତ ରହିବେ ଆଲୋକପାତ କରିଥିଲେ । ଏଥିରେ ବଲାଙ୍ଗିର ଓକିଲ ସଂଘ ର ବରିଷ୍ଠ ଆଇନଜିବୀ ପ୍ରଶାନ୍ତ କୁମାର ଯୋଶୀ, ସୁନାଧର ପାଣିଗ୍ରାହୀ ଓ ସିବରାଜ ପତି ଯୋଗଦେଇ ବିକଳ୍ପ ପ୍ରକ୍ରିୟାର ଉପଯୋଗ କରି ମାମଲାର ସମାଧାନ କରିବା ପାଇଁ ସଚେତନ କରାଇଥିଲେ ।

# ଲଗାଣ ବର୍ଷାରେ ଭାଙ୍ଗିଲା ନବ ନିର୍ମିତ ଆପ୍ରୋଚ୍ ରୋଡ୍



**ବୈପାରୀଗୁଡା:** ଲଗାଣ ବର୍ଷାରେ କୋରାପୁଟ ଜିଲ୍ଲା ବେହାଲ୍ । ଭାଙ୍ଗିଲା ନବ ନିର୍ମିତ ଆପ୍ରୋଚ୍ ରୋଡ୍ । ୪ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ । ବୈପାରୀଗୁଡ଼ାର ବରୁଆବାଡ଼ି ଓ ଗର୍ଲ୍ଲୁଗୁଡା ମଝିରେ ଥିବା ଆପ୍ରୋଚ୍ ? ରୋଡ୍ ? ଧୋଇ ହୋଇଯାଇଛି । ଫଳରେ ଦଶମନ୍ତପୁର ପଞ୍ଚାୟର ଚାରି ଖଣ୍ଡ ଗାଁକୁ ଯୋଗାଯୋଗ

### ୪ ଖଣ୍ଡ ଗାଁକୁ ଯୋଗାଯୋଗ ବିଚ୍ଛିନ୍ନ

ବିଚ୍ଛିନ୍ନ ହୋଇଯାଇଛି । ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

କୋରାପୁଟ ବିଧାୟକ ରଘୁରାମ ମାଛ ଏନେଇ ଖବର ପାଇବା ପରେ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି । ଲୋକଙ୍କ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି । ନିମ୍ନ ମାନର କାମ ଲାଗି ଏଭଳି ପରିସ୍ଥିତି ଉପୁଜିଛି, ଏଣୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଧାୟକ ରଘୁରାମ ମାଛ କହିଛନ୍ତି ।

# ଜୀବେ ନିଷ୍ଠୁରତା ନିରୋଧ ସମିତିର ଜିଲ୍ଲାପାଳଙ୍କ ସହ ଆଲୋଚନା

**କେନ୍ଦ୍ରାପଡ଼ା:** କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷକରି ସହର ବଜାରର ରାସ୍ତା ଘାଟରେ ଗୋରୁଗାଇମାନଙ୍କର ଅବାଧ ବିଚରଣ ଓ ରାସ୍ତା ଅବରୋଧ ଯୋଗୁଁ ଗାଡ଼ି ମୋଟର ଦୁର୍ଘଟଣାର ସମ୍ମୁଖୀନ ହେଲେ ଧନଜୀବନ କ୍ଷତି ହେବା ସହିତ ଗାଈ ଗୋରୁ ଷଣ୍ଢମାନେ ଖଣ୍ଡିଆ ଖାବରା ହେବା ଏପରିକି ମୃତ୍ୟୁବରଣ କରୁଛନ୍ତି । ଏଥିସହିତ କୁକୁରମାନଙ୍କର ସଂଖ୍ୟାବୃଦ୍ଧି ଯୋଗୁଁ ସେମାନଙ୍କର ପ୍ରାଦୁର୍ଭାବ ଯୋଗୁ ବିଶେଷ କରି ମୋଟର ସାଇକେଲ ଆରୋହିମାନେ ଦୁର୍ଘଟଣାର ଶୀକାର ହେଉଛନ୍ତି ଏବଂ ଗାଁ ଗହଳିରେ କୁକୁର କାମୁଡ଼ାରେ ଜନ ସାଧାରଣ ମୃତ୍ୟୁବରଣ କରୁଛନ୍ତି । ଜୀବଜନ୍ତୁମାନଙ୍କୁ ନିଷ୍ଠୁରତାରୁ ରକ୍ଷା କରିବା ଓ ସୁପରିଚାଳନା ପାଇଁ ସରକାରୀ ସ୍ତରରେ ଗଠନ କରାଯାଇଥିବା ଜୀବେ ନିଷ୍ଠୁରତା ନିରୋଧ ସମିତି କାର୍ଯ୍ୟକାରୀ ହେଉନାହିଁ । କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟାର ଏହି ସମସ୍ୟାର ସମାଧାନ କରିବା ପଇଁ ପ୍ରତିଶୃତି ଦେଇଥିବା ଜଣାପଡ଼ିଛି । ଏହି ଆଲୋଚନା ସମୟରେ ଉପାଧ୍ୟକ୍ଷ ତଥା ଗୋମଙ୍ଗଳ ସମିତିର ସଭାପତି ଫକୀର ଚରଣ ଖଟୁଆଙ୍କ ନେତୃତ୍ୱରେ ସୁଶିଲ କୁମାର ସାମଲ, ବିଧୁ ଭୂଷଣ ମହାପାତ୍ର, ସତିଶ କୁମାର ରାଉତରାୟ, ତରୁଣ ରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାଇଁ ଓ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଜେପି ନେତ୍ରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳି କଲେ ଥାନାଧିକାରୀ

**କେନ୍ଦ୍ରାପଡ଼ା:** ଜଣେ ଅନୁସୂଚିତ ଜାତିର ମହିଳାଙ୍କୁ ହଇରାଣ ହରକତ କରିବା ଓ ତାଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଯୁବକଙ୍କୁ ମୁଣ୍ଡ ଫଟାଇ ଦେଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜକନିକା ଥାନାଧିକାରୀ ସଞ୍ଜୟ ମଲ୍ଲିକଙ୍କୁ ଫୋନରେ ନିବେଦନ କରିଥିବା ବିଜେପି ନେତ୍ରୀଙ୍କୁ ଥାନାଧିକାରୀ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି । ଏହାକୁ ନେଇ ବିଜେପି ନେତ୍ରୀ ସୁଜାତା ବାରିକ ଗୃହ ବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କ ନିକଟରେ ଅଭିଯୋଗ କରିଛନ୍ତି । ରାଜକନିକା ବ୍ଲକର ବିଜେପି ନେତ୍ରୀ ଶ୍ରୀମତୀ ବାରିକ ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ ରାଜକନିକା ଥାନା ଅନ୍ତର୍ଗତ ପେଗରପଡ଼ା ଗ୍ରାମର ସ୍ୱର୍ଗତ ରଷି ମଲିକଙ୍କ ପତ୍ନୀ ମଲ୍ଲି ମଲିକ ଜୁଲାଇ ମାସ ୨୫ ତାରିଖ ମଧ୍ୟାହ୍ନ ୧୨ଟାରେ ତାଙ୍କ ଦୋକାନରୁ ଚୋରି ହୋଇଥିବା ନେଇ ରାଜକନିକା ଥାନାକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଥାନାଧିକାରୀ ତାଙ୍କ ଠାରୁ ଅଭିଯୋଗ ରଖିନଥିଲେ । ପରନ୍ତୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ନାମରେ ମିଛ କେଶ କରି ହାଜତରେ ବାନ୍ଧି ପୁରାଇଦେବାକୁ ଧମକ ଦେଇଥିଲେ । ଏଥିସହିତ ଅଭିଯୋଗକାରୀଙ୍କ ସପକ୍ଷରେ ସାକ୍ଷୀ ଦେଇଥିବା ଅଶ୍ୱିନୀ ବାରିକଙ୍କୁ ମଧ୍ୟ ଗୁଣ୍ଡା ଲଗାଇ ଥାନାଧିକାରୀ ମାଡ଼ମାରି ମୁଣ୍ଡ ଫଟାଇ ଦେଇଥିଲେ ବୋଲି ସେ ଅଭିଯୋଗ କରିଥିଲେ । ଏହି ଅଭିଯୋଗ ପାଇବା ପରେ

### ଗୃହ ବିଭାଗରେ ଅଭିଯୋଗ କଲେ ମହିଳା

ରାଜକନିକାର ବିଜେପି ନେତ୍ରୀ ଶ୍ରୀମତୀ ବାରିକ ରାଜକନିକା ଥାନା ଅଧିକାରୀ ଶ୍ରୀ ମଲ୍ଲିକଙ୍କୁ ଟେଲିଫୋନ କରିଥିଲେ । କିନ୍ତୁ ଥାନାଧିକାରୀ ଶ୍ରୀ ମଲ୍ଲିକ ବିଜେପି ନେତ୍ରୀ ଶ୍ରୀମତୀ ବାରିକଙ୍କୁ ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଶ୍ରୀମତୀ ବାରିକ ଗୃହବିଭାଗ ସଚିବ ସତ୍ୟବ୍ରତ ସାହୁଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଏହି ସମୟର ପ୍ରମାଣ ସ୍ୱରୂପ ଥାନାର ସି.ସି. ଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଶ୍ରୀମତୀ ବାରିକ ଦାବି କରିଛନ୍ତି । ଗୃହ ସଚିବ ଶ୍ରୀ ସାହୁ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି ।

### ନଈରେ ହଠାତ୍ ମାଡ଼ି ଆସିଲା ବନ୍ୟାପାଣି

# ୩ ଦିନ ପରେ ଟାପୁରୁ ଉଦ୍ଧାର ହେଲେ ବୃଦ୍ଧା

*ତିନିଦିନ ଧରି ବର୍ଷାରେ ଭିଜି ଭୋକ ଉପାସରେ ସେଠାରେ ରହିଥିଲେ । ଶେଷରେ, ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି ।*

**ରରୁଆଁ:** ହଠାତ୍ ନଈରେ ମାଡ଼ି ଆସିଲା ପାଣି । ଏହି ସମୟରେ ନଦୀ ପାର ହେଉଥିବା ଜଣେ ବୃଦ୍ଧା ସ୍ରୋତରେ ଭାସିଗଲେ । ସୌଭାଗ୍ୟକୁ ଏକ ଟାପୁରେ ଅଟକି ରହିଥିଲେ । ତିନିଦିନ ଧରି ବର୍ଷାରେ ଭିଜି ଭୋକ ଉପାସରେ ସେଠାରେ ରହିଥିଲେ । ଶେଷରେ, ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଛି । ମୟୂରଭଞ୍ଜଜିଲ୍ଲା ରରୁଆଁ ବ୍ଲକ୍ ଅଙ୍ଗାରପଦା ପଞ୍ଚାୟତ ଅନ୍ତର୍ଗତ କଳନ୍ଦା ଗ୍ରାମ ନିକଟ ଖଇରିଭଣ୍ଡନ ଓ ବୈତରଣୀ ନଦୀ ସଂଗମସ୍ଥଳ ନିକଟରେ ଘଟିଛି ଏହି ଘଟଣା । ଉଦ୍ଧାର ବୃଦ୍ଧା ଜଣକ ହେଉଛନ୍ତି ମୁଙ୍ଗୀ ପିଙ୍ଗୁଆ (୮୦) । ତାଙ୍କ ଘର ଝାଡ଼ଖଣ୍ଡର କୁମୁରୁଡୁଙ୍ଗୀ ଥାନା ଅଧୀନ



ଚାମ୍ପିଲା ଗ୍ରାମରେ । ବୃଦ୍ଧାଙ୍କର ମାନସିକ ଅବସ୍ଥା ଠିକ୍ ନଥିବାରୁ ସେ ଏଠାକୁ ଚାଲିଆସିଥିଲେ । ରରୁଆଁ ତଥା ଏହାର ଆଖପାଖ ଅଞ୍ଚଳରେ ଏଣେତେଣେ ବୁଲାବୁଲି କରୁଥିଲେ । ଗତ ୨୪ ତାରିଖରେ ଲଗାଣ ବର୍ଷା ବେଳେ ବୃଦ୍ଧା ଜଣକ ଖଇରୀଭଣ୍ଡନ ଓ ବୈତରଣୀର ସଂଗମସ୍ଥଳ ଦୋମୁହାଣି ନଦୀ ପାର ହେଉଥିଲେ ।

ଏହି ସମୟରେ ହଠାତ୍ ଜଳସ୍ତର ବୃଦ୍ଧି ପାଇବାରୁ ସେ ନଦୀ ମଝିରେ ଥିବା ଏକ ଟାପୁରେ ଅଟକି ରହିଥିଲେ । ଟାପୁ ନିକଟରେ ଜଣେ ମହିଳା ଅଟକି ରହିଥିବା ନେଇ ଗତକାଲି କଳନ୍ଦା ଗ୍ରାମର କିଛି ଯୁବକ ଦେଖିବାକୁ ପାଇଥିଲେ । ରରୁଆଁ ଅଗ୍ନିଶମ ଅଧିକାରୀ ନିରଂଜନ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ବୃଦ୍ଧାଙ୍କୁ ଉଦ୍ଧାର କରିଛନ୍ତି । ବୃଦ୍ଧାଙ୍କୁ ରରୁଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ରରୁଆଁ ସରପଞ୍ଚ ଝୁନାରାଣୀ ପିଙ୍ଗୁଆ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ବୃଦ୍ଧାଙ୍କ ସ୍ୱାସ୍ଥ୍ୟ ସଂପର୍କରେ ବୁଝାସୁଝା କରିବା ସହ ତାଙ୍କ ପରିଚୟ ଜାଣିବାକୁ ଉଦ୍ୟମ କରିଥିଲେ । ବୃଦ୍ଧାଙ୍କ ମାନସିକ ସ୍ଥିତି ଠିକ୍ ନଥିଲା । ତଥାପି ତାଙ୍କଠାରୁ ମିଳିଥିବା ସମ୍ୟକ ସୂଚନା ଆଧାରରେ ଝାଡ଼ଖଣ୍ଡ ପୁଲିସ ସହିତ ଯୋଗାଯୋଗ କରାଯାଇଥିଲା । ପରେ ଚାମ୍ପିଲା ଗାଁ ମୁଖିଆ ମଣ୍ଡା ମାଣିକଙ୍କୁ ଏ ସଂପର୍କରେ ଅବଗତ କରାଯାଇଥିଲା । ଗତକାଲି ରାତିରେ ମୁଙ୍ଗୀ ପିଙ୍ଗୁଆଙ୍କ ପରିବାର ସମେତ କିଛି ଗ୍ରାମବାସୀ ପହଞ୍ଚି ତାଙ୍କୁ ନିଜ ଘରକୁ ନେଇଥିଲେ ।

ମାତୃଭାଷା



# ୧୧ ବର୍ଷ ଧରି ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଚାଲିଛି ପ୍ରଧାନମନ୍ତ୍ରୀ ଜନଧନ ଯୋଜନା- ଜାତୀୟ ଆର୍ଥିକ ଅନ୍ତର୍ଭୂକ୍ତୀକରଣ ମିଶନ

**ନୂଆଦିଲ୍ଲୀ (ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୨୮ ଅଗଷ୍ଟ ୨୦୧୪ରେ ଆରମ୍ଭ ହୋଇଥିବା, ପ୍ରଧାନମନ୍ତ୍ରୀ ଜନଧନ ଯୋଜନା (ପିଏମ ଜେଡିଓ୍ୱାଇ) ବର୍ତ୍ତମାନ ଭାରତର ଆର୍ଥିକ ଦୃଶ୍ୟପଟରେ ଯୁଗାନ୍ତକାରୀ ପ୍ରଭାବର ୧୧ ??ବର୍ଷ ପୂରଣ କରୁଛି। ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପଦକ୍ଷେପ ଭାବରେ, ପିଏମ ଜେଡିଓ୍ୱାଇ ଲକ୍ଷ ଲକ୍ଷ ବଞ୍ଚିତ ନାଗରିକଙ୍କ ପାଇଁ ବ୍ୟାଙ୍କିଂ ସୁବିଧାକୁ ପୁନଃପରିଭାଷିତ କରିଚାଲିଛି। କେନ୍ଦ୍ର ଅର୍ଥ ଏବଂ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ଏହି ଅବସରରେ କହିଛନ୍ତି, ''ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶର ଏକ ପ୍ରମୁଖ ବାହକ। ବ୍ୟାଙ୍କ ଖାତାଗୁଡ଼ିକର ସାର୍ବଜନୀନ ଉପଲବ୍ଧତା ଗରିବ ଏବଂ ବଞ୍ଚିତ ଲୋକମାନଙ୍କୁ ଆନୁଷ୍ଠାନିକ ଅର୍ଥବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଭାବରେ ସାମିଲ ହେବାକୁ ଏବଂ ଏହାର ସୁଯୋଗରୁ ଲାଭ ପାଇବାକୁ ସକ୍ଷମ କରିଥାଏ।'' ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ବ୍ୟବହାର କରି ବିଭିନ୍ନ ଯୋଜନା ଅଧୀନରେ ସହାୟତା ପ୍ରଦାନ କରିବା, ଋଣ ସୁବିଧା ପ୍ରଦାନ କରିବା, ସାମାଜିକ ସୁରକ୍ଷା ପ୍ରଦାନ କରିବା ଏବଂ ସଞ୍ଚୟ ଓ ନିବେଶ ବୃଦ୍ଧି କରିବା ପାଇଁ ପିଏମ ଜେଡିଓ୍ୱାଇ ଏକ ପ୍ରମୁଖ ମାର୍ଗ ହୋଇଆସିଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି। ବିଗତ ୧୧ ବର୍ଷ ମଧ୍ୟରେ, ୫୬ କୋଟିରୁ ଅଧିକ ଜନଧନ ଖାତା ଖୋଲାଯାଇଛି, ଯେଉଁଥିରେ ମୋଟ ୨.୬୮ ଲକ୍ଷ କୋଟି ଟଙ୍କା ଜମା ହୋଇଛି। ଡିଜିଟାଲ କାରବାରକୁ ସହଜ କରିବା ଲାଗି ୮ କୋଟିରୁ ଅଧିକ ମାଗଣା ରୂପେ କାର୍ଡ ଜାରି କରାଯାଇଛି ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି।

ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ପିଏମ ଜେଡିଓ୍ୱାଇ ଅଧୀନରେ, ୬୭% ଖାତା ଗ୍ରାମୀଣ କିମ୍ବା ଅର୍ଦ୍ଧ-ସହରାଞ୍ଚଳରେ ଖୋଲାଯାଇଛି ଏବଂ ୫୬% ଖାତା ମହିଳାମାନଙ୍କ ନାମରେ ରହିଛି। ଦେଶର ଉପାନ୍ତ ଅଞ୍ଚଳରେ ରହୁଥିବା ଅବହେଳିତ ବ୍ୟକ୍ତିମାନଙ୍କୁ କିପରି ଆନୁଷ୍ଠାନିକ ଆର୍ଥିକ କ୍ଷେତ୍ର ମଧ୍ୟକୁ ଅଣାଯାଇଛି ତାହା ଏଥିରୁ ପ୍ରମାଣିତ ହୋଇଛି। କେନ୍ଦ୍ର ଅର୍ଥ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି, ପିଏମ ଜେଡିଓ୍ୱାଇ କେବଳ ଦେଶରେ ନୁହେଁ ବରଂ ସାରା ବିଶ୍ୱରେ ସବୁଠାରୁ ସଫଳ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପ ମଧ୍ୟରୁ ଅନ୍ୟତମ ଅଟେ। ଜନଧନ ଯୋଜନା ସମ୍ମାନ, ସଶକ୍ତିକରଣ ଏବଂ ସୁଯୋଗ ଉପରେ ଆଧାରିତ। ସେ ଆହୁରି କହିଛନ୍ତି, ପ୍ରତ୍ୟେକ ପରିବାରର ଗୋଟିଏ ବ୍ୟାଙ୍କ ଖାତା ରହିବା ଉଚିତ ଏବଂ

ପ୍ରତ୍ୟେକ ବୟସ୍କ ବ୍ୟକ୍ତିଙ୍କର ବୀମା ଓ ପେନସନ କଭରେଜ ରହିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ୨୦୨୧ ସ୍ୱାଧୀନତା ଦିବସ ଭାଷଣରେ ଘୋଷଣା କରିଥିଲେ। ଦେଶବ୍ୟାପୀ ବିଭିନ୍ନ ସମ୍ପୂର୍ଣ୍ଣତା ଅଭିଯାନ ମାଧ୍ୟମରେ ଏ ଦିଗରେ ନିରନ୍ତର ପ୍ରୟାସ ସହିତ ଆମେ ବ୍ୟାଙ୍କ ଖାତା ଖୋଲିବାରେ ପ୍ରାୟତଃ ପୂର୍ଣ୍ଣତା ହାସଲ କରିପାରିଛୁ ଏବଂ ସାରା ଦେଶରେ ବୀମା ଓ ପେନସନ ସୁବିଧାରେ ନିରନ୍ତର ବୃଦ୍ଧି ଘଟିଛି। ଅର୍ଥରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ଆମେ ଏକ ସମ୍ପୂର୍ଣ୍ଣତା ଅଭିଯାନ ଆରମ୍ଭ କରିଛୁ

ଯେଉଁଠାରେ ଦେଶର ପ୍ରତ୍ୟେକ ୨.୭ ଲକ୍ଷ ପଞ୍ଚାୟତରେ ଅତି କମରେ ଗୋଟିଏ ଶିବିର ଅନୁଷ୍ଠିତ ହେବ । ସେଠାରେ ଯୋଗ୍ୟ ବ୍ୟକ୍ତିମାନେ ପିଏମ ଜେଡିଓ୍ୱାଇ ଖାତା ଖୋଲିପାରିବେ, ଜନସୁରକ୍ଷା ଯୋଜନାରେ ନାମାଙ୍କନ କରିପାରିବେ ଏବଂ ସେମାନଙ୍କର ପୁନଃ-କେଓ୍ୱାଇସି କରିପାରିବେ। ଏଥିସହିତ ସେମାନଙ୍କର ବ୍ୟାଙ୍କ ଖାତାରେ ନାମାଙ୍କନ ଅପଡେଟ୍ କରିପାରିବେ। ଆମର ପ୍ରୟାସ ହେଉଛି ସାଧାରଣ ଲୋକଙ୍କ ଦ୍ୱାରଦେଶରେ ଆର୍ଥିକ ସେବା ପହଞ୍ଚାଇବା। ଯଦିଓ ସମ୍ପୂର୍ଣ୍ଣତା ଅଭିଯାନ ୩୦ ସେପ୍ଟେମ୍ବରରେ ଶେଷ ହେବ, ପ୍ରାରମ୍ଭିକ ରିପୋର୍ଟଗୁଡ଼ିକ ଉତ୍ସାହଜନକ ଏବଂ ସେ ସମସ୍ତଙ୍କୁ ଏହି ଅଭିଯାନରୁ ସମ୍ପୂର୍ଣ୍ଣ ଲାଭ ଉଠାଇବାକୁ ଅନୁରୋଧ କରୁଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି। ସେ ଆହୁରି କହିଛନ୍ତି, ସବୁ ଅଂଶୀଦାର, ବ୍ୟାଙ୍କ, ବୀମା କମ୍ପାନୀ ଏବଂ ରାଜ୍ୟ ସରକାରଙ୍କ ସମର୍ଥନରେ ଆମେ ଅଧିକ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମ୍ପନ୍ନ ସମାଜ ଆଡକୁ ଅଗ୍ରସର ହେଉଛୁ । ପିଏମ ଜେଡିଓ୍ୱାଇକୁ ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ବିପ୍ଳବ ଆଣିବାରେ

ପ୍ରମୁଖ ଯୋଜନା ଭାବେ ମନେ ରଖାଯିବ । ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ମିଶନ ମୋଡରେ ଚାଲୁଥିବା ଶାସନର ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ । ଲୋକଙ୍କ କଲ୍ୟାଣ ପାଇଁ ପ୍ରତିବଦ୍ଧ ହେଲେ ସରକାର କଠ୬୩୯;ଣ ହାସଲ କରିପାରିବ ତାହା ମଧ୍ୟ ଏହି ଯୋଜନା ପ୍ରଦର୍ଶନ କରେ ବୋଲି ଶ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି। ଆର୍ଥିକ ଅନ୍ତର୍ଭୁକ୍ତୀକରଣର ବିସ୍ତାର ଦୃଢ଼ ଆର୍ଥିକ ଅନ୍ତର୍ଭୁକ୍ତିକରଣ ରଣନୀତି ମାଧ୍ୟମରେ ଉପାନ୍ତ ଏବଂ ଆର୍ଥିକ ଭାବରେ ପଛୁଆ ବର୍ଗକୁ ସମର୍ଥନ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ ପ୍ରତିବଦ୍ଧ। ପିଏମ ଜନ ଧନ ଯୋଜନା ବ୍ୟାଙ୍କ ସେବାରୁ ବଞ୍ଚିତ ପ୍ରତ୍ୟେକ ଲୋକମାନଙ୍କୁ, ଶୂନ୍ୟ ଜମାରାଶି ଏବଂ ରକ୍ଷଣାବେକ୍ଷଣ ଶୁଳ୍କରୁ ମୁକ୍ତ ଏକ ସାଧାରଣ ବ୍ୟାଙ୍କ ଖାତା ପ୍ରଦାନ କରିବା ସୁନିଶ୍ଚିତ କରିଥାଏ। ପ୍ରତ୍ୟେକ ଖାତାରେ ଗୋଟିଏ ମାଗଣା ରୂପେ ଡେବିଟ୍ କାର୍ଡ ଆସିଥାଏ, ଯାହା ୨ ଲକ୍ଷ ଟଙ୍କାର ଦୁର୍ଘଟଣା ବୀମା ସୁରକ୍ଷା ପ୍ରଦାନ କରେ, ଡିଜିଟାଲ୍ କାରବାର ଏବଂ ଆର୍ଥିକ ସୁରକ୍ଷାକୁ ପ୍ରୋତ୍ସାହିତ କରିଥାଏ। ଖାତାଧାରକମାନେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଓଭରଡ୍ରାଫ୍ଟ ସୁବିଧା ପାଇଁ ମଧ୍ୟ ଯୋଗ୍ୟ ଅଟନ୍ତି ଯାହା ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପ୍ରଦାନ କରିଥାଏ।

## ନୂଆଁଖାଇ ପର୍ବର ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ(ପିଆଇବି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନୂଆଁଖାଇ ପର୍ବ ଉପଲକ୍ଷେ ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଦେଶର ଭରଣପୋଷଣ ଏବଂ ପ୍ରଗତିର ଆଧାର ଚାଷୀମାନଙ୍କର କଠିନ ପରିଶ୍ରମକୁ ସ୍ୱୀକାର କରି ନୂଆଁଖାଇ ପର୍ବ ଉପଲକ୍ଷେ ପ୍ରଦର୍ଶନ କରାଯାଉଥିବା କୃତଜ୍ଞତା ଏବଂ ଏକତାର ଭାବନା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଗୋଟିଏ ଏକ୍ସ ପୋଷ୍ଟରେ ସେ ଲେଖିଛନ୍ତି: ''ସମସ୍ତଙ୍କୁ ନୂଆଁଖାଇର ହାର୍ଦ୍ଦିକ ଶୁଭକାମନା । ଏହି ଲୋକପ୍ରିୟ ପର୍ବ କୃଷକମାନଙ୍କ ପ୍ରତି ଆମର ଗଭୀର କୃତଜ୍ଞତାର ସ୍ମରଣ କରାଏ, ଯାହାଙ୍କ କଠିନ ପରିଶ୍ରମ ଆମ ସମସ୍ତଙ୍କର ଭରଣପୋଷଣ କରେ । ପ୍ରତିଟି ଘରେ ଉତ୍ତମ ସ୍ୱାସ୍ଥ୍ୟ, ସମୃଦ୍ଧି ଏବଂ ଖୁସି ବିରାଜମାନ କରୁ । ନୂଆଁଖାଇ ଜୁହାର୍ !''

## ବନ୍ଦହେଲା ହିରାକୁଦ ଜଳଭଣ୍ଡାରର ୨ ସ୍ଲୁଇସ୍ ଗେଟ୍

**ସମ୍ବଲପୁର:** ଗୁରୁବାର ଦିନ ୧୨ଟା ସୁଦ୍ଧା ୨ ସ୍ଲୁଇସ୍ ଗେଟ୍ ଦେଇ ହିରାକୁଦ ଜଳିଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଉଥିବା ବେଳେ ପରେ ଅପରାହ୍ନରେ ସେହି ଦୁଇଟି ସ୍ଲୁଇସ୍ ଗେଟ୍ କୁ ବନ୍ଦ କରାଯାଇଛି । ଜିଳଭଣ୍ଡାରର ଜଳ ଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଦିନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳପତନ ୬୨୨.୪୭ ଫୁଟ୍ ରହିଛି। ଅନ୍ୟପକ୍ଷରେ ଗତ ୨୪ ଘଂଟା ମଧ୍ୟରେ ଜଳଭଣ୍ଡାରର ଉପର ମୁଣ୍ଡରେ ୮.୩୩ ମି.ମି. ବର୍ଷା ରେକର୍ଡ଼ ହୋଇଥିବା ବେଳେ ତଳ ମୁଣ୍ଡରେ ୮.୦୮ ମି.ମି. ବର୍ଷା ରେକର୍ଡ଼ ହୋଇଛି । ତେବେ ଜଳଭଣ୍ଡାରର ଜଳ ପତନ ଉପରେ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଓ ବିଶେଷଜ୍ଞ ମାନେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି।

## ସମ୍ବଲପୁର ବାଲିବନ୍ଧାରେ ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ରର ଉଦଘାଟିତ

# ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟ : ଧର୍ମେନ୍ଦ୍ର

**ସମ୍ବଲପୁର:** ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଦିବ୍ୟାଙ୍ଗଜନଙ୍କୁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇ ଦେବା ଲକ୍ଷ୍ୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ପବିତ୍ର ନୂଆଁଖାଇ ଅବସରରେ ସମ୍ବଲପୁର ବାଲିବନ୍ଧାରେ ପ୍ରାୟ ୨୩ କୋଟି ଟଙ୍କା ବ୍ୟୟରେ ନିର୍ମିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' (ଏଆରସି) ଉଦଘାଟନ କରିଛନ୍ତି ।

ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ନୂଆଁଖାଇ ଅବସରରେ ଉଦଘାଟିତ 'ଅତ୍ୟାଧୁନିକ ପୁନର୍ବାସ କେନ୍ଦ୍ର' ସମ୍ବଲପୁର ସମେତ ଆଖପାଖ ଅଞ୍ଚଳର ଅର୍ଥସୋସ୍ ତଥା ଭିନ୍ନକ୍ଷମମାନଙ୍କ ପାଇଁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକତାକୁ ପୂରଣ କରିବ । ଏହି କେନ୍ଦ୍ର ପ୍ରତିଷ୍ଠା କରିଥିବାରୁ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ଓ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନସନ ଓ ଦିବ୍ୟାଙ୍ଗଜନମାନଙ୍କୁ ବିଭିନ୍ନ ସହାୟକ ଉପକରଣ ବିତରଣ କରିବା ସହ ଜିଲ୍ଲା ପ୍ରଶାସନକୁ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ ଶିକ୍ଷା ମନ୍ତ୍ରୀ । ସେ କହିଥିଲେ ଏହି ପୁନର୍ବାସ କେନ୍ଦ୍ରରେ ଅନେକ ଅତ୍ୟାଧୁନିକ ମେସିନ ବା ଉଚ୍ଚକୋଟୀର ଉପକରଣ ଅଛି । ଏହି ମେସିନର ପରିଚାଳନା ପାଇଁ ଡାକ୍ତରମାନଙ୍କୁ ପ୍ରଶିକ୍ଷଣ ମିଳିବା



ଦରକାର । ଏହା ଉପରେ ଏକ କର୍ମଶାଳା ଆୟୋଜନ ହେବା ଦରକାର । ସେ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାର ଦିବ୍ୟାଙ୍ଗମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ନିରନ୍ତର ପ୍ରୟାସ କରୁଛନ୍ତି । ଆଗାମୀ ଦିନରେ ସମ୍ବଲପୁରରେ ସମସ୍ତ ଦିବ୍ୟାଙ୍ଗମାନଙ୍କ ତାଲିକା ପ୍ରସ୍ତୁତ କରାଯାଉ । ପ୍ରତିମାସରେ ବ୍ଲକ ସ୍ତରରେ ଭିନ୍ନକ୍ଷମମାନଙ୍କୁ ଉପକରଣ ବଣ୍ଟାଯିବା ସହ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କୁ ପାଠପଢାର ବ୍ୟବସ୍ଥା କରାଯାଉ । ବିଶେଷ ଭାବରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ କିଭଳି ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ, ପାଠପଢି ଆଇଏଏସ ହୋଇପାରିବେ, ସେ ଦିଗରେ ଯୋଜନା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ସମାଜର ଭିନ୍ନକ୍ଷମ ପିଲାମାନଙ୍କୁ ପ୍ରଶିକ୍ଷଣ କରିବା ପାଇଁ ସେମାନଙ୍କୁ ସ୍ୱାବଲମ୍ବୀ କରିବାର ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଥିଲେ ।

ଉଲ୍ଲେଖନୀୟ ଯେ ଉଦଘାଟିତ ପୁନର୍ବାସ କେନ୍ଦ୍ରରେ ଦୁଇଟି ମୁଖ୍ୟ ୟୁନିଟ୍ ରହିଛି ଯଥା – ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ଏବଂ ଆଡଭାନ୍ସଡ ପ୍ରୋସ୍ଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍ । ଏଠାରେ ପ୍ରତିଷ୍ଠା ହୋଇଥିବା କେନ୍ଦ୍ରରେ ମୋଟ ୨୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଏ ମଧ୍ୟରୁ ରୋବୋଟିକ୍ ଫିଜିଓଥେରାପି ୟୁନିଟ୍ ପାଇଁ ପ୍ରାୟ ୧୯ କୋଟି ଟଙ୍କା ଏବଂ ଆଡଭାନ୍ସଡ ପ୍ରୋସ୍ଥେଟିକ୍ ବା ଅର୍ଥୋଟିକ୍ ୟୁନିଟ୍ ପାଇଁ ପ୍ରାୟ ୪.୨୭ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆମ ସମ୍ବଲପୁର ଓ ଏହାର ପଡ଼ୋଶୀ ଜିଲ୍ଲାଗୁଡ଼ିକର ଦିବ୍ୟାଙ୍ଗ ଭାଇଭଉଣୀମାନେ ବିଶେଷ ଉପକୃତ ହେବେ ।

ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାଏକ ଏବଂ ସ୍ଥାନୀୟ ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁରରେ ନୂଆଁଖାଇ ପାଳନ କଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର:** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ 'ନୂଆଁଖାଇ' ଅବସରରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ସମ୍ବଲପୁର ଅଞ୍ଚଳର ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ନବାନ୍ନ ଖାଇ ନୂଆଁଖାଇ ପର୍ବ ପାଳନ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ପ୍ରଥମେ ମାନେଶ୍ୱର ବ୍ଲକ ସିନ୍ଦୁରପଙ୍କ ଅଞ୍ଚଳ ଗସ୍ତ କରିବା ସହ ଶ୍ୟାମସୁନ୍ଦର ପତିଙ୍କ ବାସଭବନରେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ 'ନବାନ୍ନ' ଖାଇ ନୂଆଁଖାଇ ପାଳନ କରିଥିଲେ । ପରବର୍ତ୍ତୀ ସମୟରେ ମା'ସମଲେଶ୍ୱରୀଙ୍କ ମନ୍ଦିରକୁ ଯାଇ ମନ୍ତ୍ରୀ, ବିଧାୟକ, ଓଡ଼ିଶା ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକଗଣ ଓ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ 'ନବାନ୍ନ ପ୍ରସାଦ' ଗ୍ରହଣ କରିଥିଲେ । ରାଜ୍ୟ ବାହାରୁ ଆସିଥିବା ଅତିଥିମାନଙ୍କ ସହ ସମ୍ବଲପୁରର କଳା, ସଂସ୍କୃତି, ଐତିହ୍ୟ, ଇତିହାସ, ପର୍ଯ୍ୟଟନ ସହ ଏଠାରେ ଥିବା ସମ୍ଭାବନା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ଓଡ଼ିଶାବାସୀଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ନୂଆଁଖାଇ ଚାଷୀ ଏବଂ ଚାଷର ଉନ୍ନତି ଓ ସମୃଦ୍ଧିର କଥା କୁହେ । ଏହି ପର୍ବରେ ନବାନ୍ନର ସ୍ୱତନ୍ତ୍ରତା ରହିଛି । ଆଜି ଐତିହାସିକ ସିନ୍ଦୁରପଙ୍କ ଅଞ୍ଚଳକୁ ଆସିଥିଲି । ଏହି ଅଞ୍ଚଳର ଶ୍ୟାମସୁନ୍ଦର ପତିଙ୍କ ପରିବାର ସଦସ୍ୟଙ୍କ ସହ 'ନବାନ୍ନ' ଖାଇ ନୂଆଁଖାଇ ପାଳନ କରିବା ମୋର ସୌଭାଗ୍ୟ । ନୂଆଁଖାଇ କେବଳ ଏକ ପର୍ବ ନୁହେଁ ବରଂ ଏକ ଭାବାବେଗ । ଏହି ଦିନ ଏକାଠି ହେବା ଓ ସାଥୀ ହୋଇ ନବାନ୍ନ ଖାଇବା ଏହି ପର୍ବର ବିଶେଷତା । ଆଜିଭଳି ଏକ ପବିତ୍ର ଦିନରେ ସମ୍ବଲପୁରରେ ନୂଆଁଖାଇ ପାଳନ କରି ବହୁତ ଖୁସି ଅନୁଭବ କରୁଛି । ସପରିବାର ସ୍ନେହ, ଶ୍ରଦ୍ଧା ଓ ଆତିଥେୟତା ପାଇଁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି ।

ସେ ଆହୁରି କହିଥିଲେ ଯେ 'ନୂଆଁଖାଇ'ରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେବା ମୋର ସୌଭାଗ୍ୟ । ଆତ୍ମୀୟତା, ଚାଷୀ ଓ ଚାଷର ଉନ୍ନତି ଏବଂ ସାଂସ୍କୃତିକ ସମାହାରର ପର୍ବ ନୂଆଁଖାଇ । ଆଜି ଭଳି ଦିନରେ ମା'ସମଲେଇଙ୍କ ମନ୍ଦିର ପରିସରରେ ଦଳୀୟ ମନ୍ତ୍ରୀ, ବିଧାୟକ, ରାଜ୍ୟ ବାହାରୁ ଆସିଥିବା ଗଣମାଧ୍ୟମର ବନ୍ଧୁ ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କ ସହ 'ନବାନ୍ନ ପ୍ରସାଦ' ଗ୍ରହଣ କରିବାର ସୌଭାଗ୍ୟ ଲାଭ କଲି । କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ରେ ନବାନ୍ନର ସ୍ୱତନ୍ତ୍ରତା ରହିଛି । ନୂଆଁଖାଇ ସମସ୍ତଙ୍କ ପାଇଁ ଆଶା ଓ ସମ୍ଭାବନା ଆଣିଦେଉ । ଏହି ବିଶେଷ ଉତ୍ସବ ସମାଜରେ କରୁଣା, ଭାଇଚାରା ଓ ସୌହାର୍ଦ୍ଦ୍ୟଭାବ ଭାବନା ତିଆରି କରୁ, ଏହା ମା'ଙ୍କ ପାଖରେ ଶ୍ରୀ ପ୍ରଧାନ ପ୍ରାର୍ଥନା କରିଛନ୍ତି ।

ମା 'ସମଲେଶ୍ୱରୀ ମନ୍ଦିର ପରିସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସାଥୀରେ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଦିଲ୍ଲୀ ଏବଂ ବାହାରୁ ଆସିଥିବା ବିଶିଷ୍ଟ ସାମ୍ବାଦିକଗଣ ଓ ପ୍ରମୁଖ ବ୍ୟକ୍ତିବିଶେଷମାନେ ନବାନ୍ନ ଗ୍ରହଣ କରିଥିଲେ ।

## ଯୁବକଙ୍କ ଆତ୍ମହତ୍ୟା

**ବାରଙ୍ଗ(ମାନିସ):** ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ଥାନାର ଯୋଗୀସାହି ଠାରେ ଜଣେ ଯୁବକ ରାସନୟକ କୀଟନାସକ ପିଇ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି କ୍ଷ ମୃତ ଯୁବକଙ୍କ ନାମ ପ୍ରକାଶ ପଣ୍ଡା (୩୬)ଘର କଳସସାହି ଯାଜପୁର ଜିଲ୍ଲା କ୍ଷ ସେ ଦୀର୍ଘ ଦିନ ହେବ ପାରିବାରିକ ଅଶାନ୍ତି କାରଣରୁ ମନସ୍ତାପରେ ରହୁଥିଲେ କ୍ଷ ତେବେ ଗତ କାଲି ବୁଧବାର ରାତ୍ରରେ କୀଟନାସକ ପିଇ ଯୋଗୀସାହି ପଥର ମୁଣ୍ଡିଆରେ ଆତ୍ମହତ୍ୟା କରିଛନ୍ତି କ୍ଷ ସେ ଦୁଇ ମାସ ତଳେ ଯୋଗି ସାହିରେ ଘର ଭଡା ନେଇ ରହି ଆସୁଥିଲେ କ୍ଷ ତାଙ୍କ ପରିବାର ଭୁବନେଶ୍ୱରରେ ରହୁଥିବା ଜଣାଯାଇଛି କ୍ଷ ଖବର ପାଇ ପରିବାର ଲୋକ ଥାନାରେ ପହଂଚି ଛନ୍ତି କ୍ଷ ମୃତ ଶରୀରକୁ ପୋଷ୍ଟ ମଟମ ପାଇଁ କ୍ୟାପିଟାଲ ହସ୍ପିଟାଲ କୁ ପଠାଯାଇଛି ପୋଲିସ ଏକ ଅପମୃର୍ତ୍ତ ମାମଲା ୩୧/୨୫ ରୁଜୁ କରି ତଦନ୍ତ ଜାରି ରଖିଛି।

# ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଟା ପଣ୍ଡାଙ୍କୁ ଭାରତ ପ୍ରତିଭା ସମ୍ମାନିତ

**ଧାମନଗର(ମାନିସ):** ଧାମନଗର ବ୍ଲକ ଅନ୍ତର୍ଗତ କଟସାହି ପଞ୍ଚାୟତ ବଉଳନାଳି ଶାସନ ଗ୍ରାମର ବିଶିଷ୍ଟ ଚିତ୍ରଶିଳ୍ପୀ କ୍ରୀତିକ୍ରୀଷ୍ଟା ପଣ୍ଡା ଭାରତୀୟ କଳାକାର ସଂଘ ପକ୍ଷରୁ ଆୟୋଜିତ ଅନ୍ ଲାଇନ୍ ଚିତ୍ର କଳା ପ୍ରତିଯୋଗିତା ୨୦୨୨ ଗ୍ରୁପ ବି ରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ କ୍ରୀତିକ୍ରିଷ୍ଟାଙ୍କର ଏକ ପୁରାତନ ସାଇକେଲର ଚିତ୍ରକୁ ବିଚାରକ ମାନେ ଶ୍ରେଷ୍ଠ ବିଚାର କରିଥିଲେ। ଭାରତୀୟ କଳାକାର ସଂଘ ପକ୍ଷରୁ ଗତ ଗୁରୁବାର ଅନ୍ ?ଲାଇନ ମାଧ୍ୟମରେ ତାଙ୍କୁ ଭାରତ ପ୍ରତିଭା ସମ୍ମାନ ସହ ଚିତ୍ରକଳା ରାଇଜିଂଷ୍ଟାର ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଚିତ୍ରକଳା ପାଇଁ କ୍ରୀତିକ୍ରୀଷ୍ଟା ପଣ୍ଡା ପୂର୍ବରୁ ପ୍ରଦେଶ ଭୂଷଣ ସମ୍ମାନ, ଗୋଲ୍ଡେନ ଆର୍ଟିଷ୍ଟ



ସମ୍ମାନ, ଫ୍ରିଡମ ଆଓ୍ୱାର୍ଡ,କଳା, କୁଟୁମ ଆଓ୍ୱାର୍ଡ, ଏପିଜେ ଅବଦୁଲ କଲାମ ଆଓ୍ୱାର୍ଡ ଆଦି ବିଭିନ୍ନ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସଫଳତା ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିବା ବେଳେ ଗୁରୁ ଜୟନ୍ତ ନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଧାମନଗର କୋର୍ଟ ଓକିଲ ସଂଘ ସଭାପତି ଅଶୋକ କୁମାର ଦାସ, ସାଧାରଣ ସମ୍ପାଦକ ରଣଜିତ ମହାନ୍ତି, ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ଅଭିରାମ ମହାନ୍ତି, ଧାମନଗର ପ୍ରେସ କ୍ଲବ୍ ସଭାପତି କିଶାନ କୁମାର ରାଉତ, ସାଧାରଣ ସମ୍ପାଦକ ସରୋଜ କୁମାର ସେଠୀ, ବରିଷ୍ଠ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା, ସୁଧାକର ଦାସ, ସେକ ଜାଫର ଅଲ୍ଲୀ, ସୁଶାନ୍ତ କୁମାର ରାଉତ, ବରିଷ୍ଠ ଚିତ୍ରଶିଳ୍ପୀ ଧିମେନ ଭଟାଚାର୍ଯ୍ୟ, ଦୁଇଦୀପ ବର୍ମା ପ୍ରମୁଖ ଚିତ୍ରଶିଳ୍ପୀ କ୍ରୀତିକ୍ରୀଷ୍ଟା ପଣ୍ଡାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଉତ୍ତର ଉତ୍ତର କାମନା କରିଛନ୍ତି।

## ଏନଡିଆରଏଫ କର୍ମୀଙ୍କୁ ଏସଏସୟୁର ପ୍ରାୟୋଗିକ ମହୁଚାଷ ପ୍ରଶିକ୍ଷଣ ଶିବର



**ବାରଙ୍ଗ (ମାନିସ) :** ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ମୁଣ୍ଡଳୀଠାରେ ଥିବା ଜାତୀୟ ବିପର୍ଯ୍ୟୟ (ଏନଡିଆରଏଫ) କର୍ମୀଙ୍କ ପାଇଁ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଦିନିକିଆ ମହୁମାଛି ପାଳନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷଣରେ ମହୁଛତାର ଯନ୍ତ୍ର, କଲୋନୀ ପରିଚାଳନା ଏବଂ ଫୁଲର ପରାଗସଙ୍ଗମରେ ମହୁମାଛିଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା । କୃଷି ବିଭାଗ ଅନ୍ତର୍ଗତ କୀଟବିଜ୍ଞାନର ସହାୟିକା ଅଧ୍ୟାପିକା ଡ. ସୀମା ତ୍ରିପାଠୀ, ଡ. ସୌମ୍ୟଭାରତୀ ବାବୁ, ଏବଂ ଡ. ରୀତେଶ ମିଶ୍ର ପ୍ରମୁଖ ମହୁମାଛି ପଳନର ଗୁରୁତ୍ୱ ଓ ତତ୍ ସମ୍ବନ୍ଧୀୟ ବ୍ୟାବହାରିକ ପଦ୍ଧତି ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ମହୁମାଛି ଚାଷୀ ଦିଲ୍ଲୀପ ସାହୁ କିଭଳି ମହୁଚାଷ କରାଯାଉଛି, ତାହାର ବାସ୍ତବ ପ୍ରଦର୍ଶନ କରି ଦେଖାଇଥିଲେ । ପ୍ରୟୋଗଶାଳା ସହାୟିକା ନମ୍ରତା ଗଜେନ୍ଦ୍ର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସହାୟତା କରିଥିଲେ । ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୃଷି ବିଭାଗ ଡିନ୍ ପ୍ରାଧ୍ୟାପକ ଡ. ଏସ୍. କୁମାରସ୍ୱାମୀ ଏନଡିଆରଏଫ୍ କର୍ମୀମାନଙ୍କ ଜୀବିକାକୁ ସମୃଦ୍ଧ କରିବା ଦିଗରେ ଉଦ୍ଦିଷ୍ଟ ଏହି ପଦକ୍ଷେପ ପ୍ରକୃତରେ ସ୍ୱାଗତଯୋଗ୍ୟ ବୋଲି କହିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସଫଳ ଆୟୋଜନ ନିମନ୍ତେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରେସିଡେଣ୍ଟ ପ୍ରୋ, ଭଜିତା କୁଲକର୍ଣ୍ଣୀ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, କୁଳପତି ପ୍ରୋ, ତେଜପ୍ରତାପ, କାର୍ଯ୍ୟନିର୍ବାହୀ କୁଳସଚିବ ଡ. ଅନିଲ ଶର୍ମା,ଉପନିର୍ଦ୍ଦେଶକ (ମାନବ ସମ୍ବଳ) ଜ୍ୟୋତିରଞ୍ଜନ ଗଜ ନାୟକ ଏବଂ ଉପନିର୍ଦ୍ଦେଶକ (ଆଡମିଶନ୍) ଡ. ମଳୟ ମଲ ପ୍ରମୁଖ ଆୟୋଜକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।ଏନଡିଆରଏଫ କର୍ମୀଙ୍କୁ ଏସଏସୟୁର ପ୍ରାୟୋଗିକ ମହୁଚାଷ ପ୍ରଶିକ୍ଷଣ ଦିଆଯାଇଛି ।

## ଦେଶି ମଦ ଚାଲାଣ ବେଳେ ଚଢ଼ଉ, ଜଣେ ଗିରଫ

**ଜୟପୁର:** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଡଉ କରି ଜଣେ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ସମ୍ପର୍କରେ ଖବର ପାଇ ଜୟପୁର ସହର ଜୟନଗର ରାସ୍ତାରେ ଚଡଉ କରିଛି । ଚଢ଼ଉ କରି ୯ ଲିଟର ଦେଶି ମଦ ଜବତ କରି ମହିଳା ଅଭିଯୁକ୍ତଙ୍କୁ ଅପରାହ୍ନ ୪ଟା ୩୦ ମିନିଟ ସମୟରେ କୋର୍ଟଚାଲାଣ କରିଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରି ହରିନ ସୂଚନା ଦେଇଛନ୍ତି ।

# ଆଜାଦ ଧୂଷୁରୀ ଓ ବରିଷ୍ଠ ନାଗରିକ ମଞ୍ଚ ପ୍ରତିଷ୍ଠା ଦିବସ

**ଧାମନଗର(ମାନିସ):** ଆଜାଦ ଧୂଷୁରୀ ପ୍ରତିଷ୍ଠାର ୮୩ତମ ସ୍ମାରକୀ ଦିବସ ଏବଂ ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚର ଅଷ୍ଟମ ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚର ସଭାପତି ବର୍ଷୀଆନ କୃଷକ ନେତା ଚନ୍ଦ୍ରଶେଖର ନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ମୁଖ୍ୟବକ୍ତା ଭାବେ ବେଦ ପୀୟୂଷର ସମ୍ପାଦକ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଯୋଗ ଦେଇଥିଲେ। ପ୍ରାକ ସ୍ୱାଧୀନତା ପୂର୍ବରୁ ୧୯୪୨ ମସିହା ଅଗଷ୍ଟ ୨୮ ତାରିଖ ଦିନ ବ୍ରିଟିଶ ଶାସନ ବିରୋଧରେ ସ୍ଥାନୀୟ ମୁକ୍ତିକାମୀ ଜନତା ମେଳି ହୋଇ ଧୂଷୁରୀକୁ ଆଜାଦ ଘୋଷଣା କରିବା ଏମାଟିର ସ୍ୱାଧୀନ ଚିନ୍ତା ଓ ଚେତନାର ପ୍ରମାଣ ଯାହା ସ୍ମରଣୀୟ ବୋଲି ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ ଏବଂ



ବରିଷ୍ଠ ନାଗରିକ ମାନେ ଆମ ସମାଜର ମାର୍ଗଦର୍ଶକ ଅଟନ୍ତି ବୋଲି କହିଥିଲେ।ବିଶିଷ୍ଟ ଅଭିନେତା ନାଟ୍ୟ ନିର୍ଦ୍ଦେଶକ ଧୀର ମଲ୍ଲିକ, ବରିଷ୍ଠ ନାଗରିକ ମଞ୍ଚର ଜିଲ୍ଲା ସଭାପତି ଲଲାଟେନ୍ଦୁ ମହାନ୍ତି, ଜିଲ୍ଲା ସମ୍ପାଦକ କୈଳାସ ମହାପାତ୍ର, ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ବରିଷ୍ଠ ବିଜେପି ନେତା ଚତୃଭୂଜ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷାବିତ ବାବାଜୀ ଚରଣ ପଣ୍ଡା, ଅକ୍ଷୟ କୁମାର ଗୋସ୍ୱାମୀ ଓ ବିରେନ୍ଦ୍ର କୁମାର ଆରଣଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ ସଭା ସଞ୍ଚାଳନ କରିଥିଲେ। ପଣ୍ଡିତ ଧୀରେନ୍ଦ୍ର କୁମାର ପତିଶର୍ମା ବେଦପାଠ କରିଥିଲେ ଏବଂ ପଣ୍ଡିତ ନୃସିଂହ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ତରାଇ ବିବରଣୀ ପ୍ରଦାନ କରିଥିଲେ।କ୍ଷୀରୋଦ କୁମାର ଧଳ ଧନ୍ୟବାଦ ଦେଇଥିଲେ।ସକାଳେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା।

## ଯୋଗ ସଂସ୍ଥାନ ପକ୍ଷରୁ ନୂଆଖାଇ ଭେଟଘାଟ



**କଟକ:** ଭାରତୀୟ ଯୋଗ ସଂସ୍ଥାନ ର କଟକ ଜିଲ୍ଲା ଶାଖା ପକ୍ଷରୁ ଆଜି ମରକତ ନଗର ସେକ୍ଟର ୬ ସ୍ଥିତ ସିଦ୍ଧ ମହାବୀର ମନ୍ଦିର ପରିସରରେ ନୂଆ ଖାଇ ଭେଟଘାଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ନବାହ୍ନ ପୂଜା, କବିତା ପାଠୋତ୍ସବ ଓ ଆଲୋଚନା ଚକ୍ର ର ଆୟୋଜନ କରାଯାଇଥିଲା । ଯୋଗ ସଂସ୍ଥାନ ର ରାଜ୍ୟ ପ୍ରମୁଖ ସୁରେଶ ମହାପାତ୍ର, କର୍ମକର୍ତ୍ତା ଅକ୍ଷୟ ସ୍ୱାଇଁ, ରାମୟା ରେଡ୍ଡୀ, ରଘୁନାଥ ରେଡ୍ଡୀ, ଜିଲ୍ଲା ଉପ ପ୍ରମୁଖ କେଦାରନାଥ ଜାଲି, ଉପଦେଷ୍ଟା ଡ଼ଃ ସତ୍ୟ ରାୟ, ଡ଼ଃ ଶୈଳଜା ନନ୍ଦିନୀ ଜେନା, କବିତା ପ୍ରଧାନ, ଜୟନ୍ତୀ ମଲ୍ଲିକ, ବାବାଜୀ ଚରଣ ବେହେରା ଅନସୂୟା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଯୋଗ କେନ୍ଦ୍ର ର ଶତାଧିକ ସାଧକ ସାଧିକା ଏଥିରେ ସମବେତ ହୋଇ ଥିଲେ ।

## ବାଲୁକା କଳାରେ ସୁଦର୍ଶନ ପଟ୍ଟନାୟକଙ୍କ ନୂଆଖାଇ ଶୁଭେଚ୍ଛା

**ପୁରୀ:** ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ । ନୂଆଖାଇ ଅବସରରେ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ବାଲୁକା କଳାରେ ନୂଆଖାଇ ଶୁଭେଚ୍ଛା ଜଣାଇଛନ୍ତି । ବାଲିରେ ମା ସମଲେଇଙ୍କ କଳାକୃତି କରି ଓଡ଼ିଶାବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡ଼ିଶାର ଉନ୍ନତି ସହ ପ୍ରଗତି କାମନା କରିଛନ୍ତି ସୁଦର୍ଶନ। ଏହି ବାଲୁକା କଳାକୁ ଦେଖିବା ପାଇଁ ପର୍ଯ୍ୟଟକ ମାନଙ୍କ ଭିଡ ଲାଗିଥିବା ପରିଲକ୍ଷିତ ହୋଇଥିଲା। ବାଲୁକା କଳାରେ ସୁନ୍ଦର ଭାବେ ମା ସମଲେଇଙ୍କ ପ୍ରତିମା ଦେଖିବାକୁ ମିଳିଛି । ଏଥିସହ ନୂଆଖାଇ ଜୁହାର ଲେଖା ହୋଇଛି । ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ ମାନେ ବାଲୁକା ନିର୍ମିତ ନୂଆଖାଇ ଉତ୍ସବ ଓ ମା ସମଲେଇଙ୍କ ଫଟୋ ଉଠାଇବା ସହ ମୋବାଇଲରେ ସେଲଫି ନେଉଥିବା ଦେଖିବାକୁ ମିଳିଛି ।

# ଦିଲ୍ଲୀରେ ବାଇଶି ବର୍ଷରେ ପଦାର୍ପଣ କଲା ସାର୍ବଜନୀନ କଳିଙ୍ଗ ଆସୋସିଏସନର ଶ୍ରୀ ଗଣେଶ ପୂଜାଉତ୍ସବ

**ନୂଆଦିଲ୍ଲୀ:** ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀ ସମେତ ଏହାର ସୀମାନ୍ତ ବର୍ତ୍ତୀ ସହର ଗୁଡିକ ରେ ଗତକାଲି (ବୁଧୁବାର) ବିଦ୍ୟା, ବୁଦ୍ଧି ଓ ସଂବୃଦ୍ଧି ର ଦେବତା ଅଗ୍ରପୂଜ୍ୟ ଶ୍ରୀ ଗଣେଶ ଙ୍କ ପୂଜା ଉତ୍ସବ ଘରେ ଘରେ ଓ ବିଭିନ୍ନ ପ୍ରବାସୀ ଓଡ଼ିଆ ସାମାଜିକ ଓ ସାଂସ୍କୃତିକ ସଂଗଠନ ଗୁଡିକ ତରଫରୁ ଏକାଧିକ ସ୍ଥାନରେ ବହୁ ଆଡମ୍ବର ସହକାରେ ପାଳିତ ହୋଇଯାଇଛି. ଗଜାନନ ଙ୍କୁ ପୂଜା କଲେ ଧର୍ମ, ଅର୍ଥ, କାମ, ମୋକ୍ଷ ର ଚତୁଃବର୍ଗ ର ଫଳ ପ୍ରାପ୍ତି ହେବା ସହ ସର୍ବ କାର୍ଯ୍ୟ ସିଦ୍ଧି ଓ ଫଳପ୍ରଦ ହୋଇଥିବା ବିଶ୍ୱାସ ରହିଥିବା ଯୋଗୁ ଏବଂ ଏହି ବିଶ୍ୱାସ କୁ ଆଧାର କରି ଗତକାଲି ସମସ୍ତ ପୂଜା ମଣ୍ଡପ ରେ ଆଶାତୀତ ଭାବେ ଭିଡ଼ ପରିଲିକ୍ଷିତ ହୋଇଥିଲା. ସକାଳେ ଅସାରକ୍ଷଏ ବର୍ଷା ହୋଇ ଛାଡି ଯିବା ପରେ ଦିନ ତମାମ ପାଗ ଶୁଖିଲା ରହିଥିବା ଯୋଗୁ ସକାଳେ ଓ ସନ୍ଧ୍ୟା ରେ ପ୍ରବାସୀ ଓଡ଼ିଆ ମାନେ ସପରିବାର ସହ ବିଭିନ୍ନ ପୂଜା ମଣ୍ଡପ ର ସାଂସ୍କୃତିକ କାର୍ଯ୍ୟକ୍ରମ କୁ ବେସ ଉପଭୋଗ କରିଥିଲେ. ସମସ୍ତ ପୂଜା ମଣ୍ଡପ ଗୁଡିକ ରଙ୍ଗ ବେରଙ୍ଗ ପୁଷ୍ପ ମାଲ୍ୟ ଓ ଆଲୋକ ମାଳା ରେ ସୁସଜ୍ଜିତ ହୋଇଥିବା ସହ ଆଗନ୍ତୁକ ମାନଙ୍କ ପାଇଁ ମଧ୍ୟାନ୍ନ ଓ ରାତ୍ର ସୁ ସୁସ୍ୱାଦୁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା. ଦକ୍ଷିଣ ଦିଲ୍ଲୀ ର ମଦନ ଗିରି





ଡି. ଡି. ଏ.କମ୍ୟୁନିଟି କେନ୍ଦ୍ର ଠାରେ ସର୍ବ ଜନୀନ କଳିଙ୍ଗ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଗଣେଶ ପୂଜା ଦକ୍ଷିଣ ଦିଲ୍ଲୀ ର ଏକ ପ୍ରମୁଖ ଆକର୍ଷଣୀୟ ପୂଜା ମଣ୍ଡପ ଭାବେ ଗଣା ହୋଇ ଆସୁଥିବା ବେଳେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଯୋଗ ଦେଇ ଆସୁଥିବା ପୂର୍ବରୁ ନଜର ରହିଛି. ଚଳିତ ବର୍ଷ କମିଟି ତାର ବାଇଶି ବର୍ଷ ପୂଜାଉତ୍ସବ କୁ ଦିନ ତମାମ ଅତି ଧୂମଧାମ ସହକାରେ ବିଳମ୍ବିତ ରାତ୍ର ଯାଏ ପାଳନ କରିଥିବା ଦେଖିବାକୁ ମିଳିଥିଲା. ଅପରାହ୍ନ ରେ ଶ୍ରୀ ଗଣେଶ ଙ୍କ ମୃଣୟ ମୂର୍ତ୍ତୀ ଙ୍କୁ ଧି ଓ ପରମ୍ପରା ଅନୁଯାୟୀ ପଣ୍ଡିତ ଙ୍କ ଦ୍ୱାରା ପୂଜା ଆରାଧନା କରାଯିବା ପରେ ସଂଗଠନ ର ପ୍ରମୁଖ କର୍ମକର୍ତ୍ତା ମାନେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ. ଏହି ଅବସରରେ ଏକ ବିଶାଳ ଭଣ୍ଡରା ର ମଧ୍ୟ ଆୟୋଜନ ହୋଇଥିଲା. ସନ୍ଧ୍ୟାରେ ଆୟୋଜିତ ହୋଇଥିଲା ବିଶେଷ ସାଂସ୍କୃତିକ କାର୍ଯ୍ୟକ୍ରମ.ପ୍ରାରମ୍ଭରେ ଗୁରୁ ବିନାୟକ ପଣ୍ଡା ଙ୍କ ନିର୍ଦ୍ଦେଶନାରେ ଯୁବା ନୃତ୍ୟ ଶିକ୍ଷୀ 'ଚନ୍ଦ୍ରିକା ବାରିକ' ଙ୍କ ଦ୍ୱାରା ଅତି ଉଚ୍ଚ କୋଟୀର ଭାବେ 'ମୋ ଜଗା କାଳିଆ ଉପରେ ଆଧାରିତ ଏକ ଅଭିନୟ ଓ ଅନ୍ୟ ଏକ ଏକକ ନୃତ୍ୟ ପରିବେଷଣ ହୋଇଥିଲା. ଯାହାକୁ ଉପସ୍ଥିତ ଦର୍ଶକ ଦେଖି ମନ୍ତ୍ର ମୁଗ୍ଧ ହୋଇଯାଥିଲେ. ପରେ ପରେ ସଚିନ ଗ୍ରୁପ କଳାକାର ମାନଙ୍କ ଦ୍ୱାରା ହନୁମାନ ନୃତ୍ୟ, ଭଜନ ଓ ଝାଙ୍କି ଅନୁଷ୍ଠିତ ହୋଇଥିଲା.ଆୟୋଜିତ ସାଂସ୍କୃତିକ ସନ୍ଧ୍ୟା ରେ ନ୍ୟାୟକ୍ଷଧୀଶ ତଥା ଅଧୁନା ଜତୀୟ ମାନବିକ ଅଧିକାର ଆୟୁକ୍ତ ରେ ଥିବା ସଦସ୍ୟ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଓଡିଶା ର ପୂର୍ବତନ ଲୋକସଭା ସାଂସଦ ଡ଼. ପ୍ରସନ୍ନ ପାଟଶାଣୀ, ବିଶ୍ୱ ହିନ୍ଦୁ ପରିଷଦ ର ସାଧାରଣ ସମ୍ପାଦକ ସୁଧାଂଶୁ ମୋହନ ପଟନାୟକ, ଭାରତ ରକ୍ଷା ମଞ୍ଚ ର ସଂସ୍ଥାପକ ସୂର୍ଯ୍ୟ କାନ୍ତ କେଲକର, ସ୍ଥାନୀୟ ବିଧାୟକପ୍ରେମ ଚୌହାନ,ଦକ୍ଷିଣ ଦିଲ୍ଲୀ ର ପୂର୍ବତନ ସଂସଦ ରମେଶ ବିଦୁଡ଼ି, ନି ପା. ର ରେଜିଷ୍ଟ୍ରର ସୂର୍ଯ୍ୟ ନାରାୟଣ ମିଶ୍ର, ବରିଷ୍ଠ ସମ୍ବାଦିକ ଲକ୍ଷ୍ମୀନାରାୟଣ ବେବର୍ତ୍ତା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ. ସଂଗଠନ ତରଫରୁ ଅତିଥି ମାନଙ୍କୁ ଉତ୍ତରୀୟ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା. ସାର୍ବଜନୀନ କଳିଙ୍ଗ ଆସୋସିଏସନ ର ସଭାପତି ବିଶ୍ୱଜିତ ବାରିକ, ସମ୍ପାଦକ ଧୀରେନ୍ଦ୍ର ପାଣିଗ୍ରାହୀ, କୋଷାଧକ୍ଷ ଦୀପକ ଦାସ ଉପ ସଭାପତି ହୃଷିକେଶ ପାତ୍ର ଓ ବିନୋଦ ଦାସ, ଯୁଗ୍ମ ସଚିବ ପ୍ରଣବ ପଣ୍ଡା, ଯୁଗ୍ମ କୋଷାଧକ୍ଷ ଅକ୍ଷୟ ସାହୁ, ପୂଜା ସଚିବ ରମେଶ ନାୟକ, ପ୍ରଭାକର ପତି ଙ୍କ ସହ ସଂଗଠନ ର ଅନ୍ୟାକ୍ଷନ୍ୟ ପ୍ରମୁଖ କର୍ମକର୍ତ୍ତା ଏହି ପୂଜା ଉତ୍ସବ କୁ ଶାନ୍ତି ଶୃଙ୍ଖଳା ଓ ସୁଚାରୁ ରୂପେ ପରିଚାଳନା କରିଥିବା ଦେଖାଦେଇଥିଲା. ଶେଷରେ ସଭାପତି ଶ୍ରୀ ବାରିକ ସମସ୍ତ ଙ୍କ ସହଯୋଗ ପାଇଁ ଚଳିତ ବର୍ଷ ର ପୂଜା ଉତ୍ସବ ସମ୍ପନ୍ନ ହୋଇଥିବା ରୁ ସମସ୍ତ ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ.


**ପୂର୍ବ ତଟ ରେଳପଥ**

ନିଲାମ କ୍ୟାଟଲଗ୍ ନଂ.: SDCM-KUR-PKNG

(1) ଲଟ୍ ନଂ./ବର୍ଗ: PARKING-KUR-KUR-MX-207-25-1 (Parking - Mixed)

ବିବରଣୀ : ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନର ପୂର୍ବ ପ୍ରବେଶ ପାର୍ଶ୍ୱରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ପାଇଁ ପାର୍କିଂ ସ୍ଥାନ (ଡିଭିଜନ - ଖୋର୍ଦ୍ଧା ରୋଡ଼) । କ୍ଷେତ୍ର - ଦୁଇ ଚକିଆ (1260ବର୍ଗମିଟର) ଏବଂ ଚାରି ଚକିଆ (2304 ବର୍ଗମିଟର) । ମୋଟ କ୍ଷେତ୍ର= 3564 ବର୍ଗମିଟର।

(2) ଲଟ୍ ନଂ./ବର୍ଗ: PARKING-KUR-NKP-MX-168-24-1 (Parking - Mixed)

ବିବରଣୀ : ନିରାକାରପୁର ରେଳ ଷ୍ଟେସନର ସର୍କୁଲେଟିଂ ଅଞ୍ଚଳ ନିକଟରେ ଦୁଇ ଚକିଆ-ସହ-ଚାରି ଚକିଆ ଯାନ ପାଇଁ ପାର୍କିଂ ସ୍ଥାନ (ଡିଭିଜନ - ଖୋର୍ଦ୍ଧା ରୋଡ଼)। କ୍ଷେତ୍ର - 220 ବର୍ଗମିଟର।

(3) ଲଟ୍ ନଂ./ବର୍ଗ: PARKING-KUR-NYGT-TW-210-25-1 (Parking - Two Wheeler)

ବିବରଣୀ : ନୟାଗଡ଼ ରେଳ ଷ୍ଟେସନ ବିଲ୍ଡିଂର ବେସମେଣ୍ଟରେ ଦୁଇ ଚକିଆ ଯାନ ପାଇଁ ପାର୍କିଂ ସ୍ଥାନ (ଡିଭିଜନ - ଖୋର୍ଦ୍ଧା ରୋଡ଼)। କ୍ଷେତ୍ର - 300 ବର୍ଗମିଟର।

ଲଟ୍ ଆରମ୍ଭ ତାରିଖ ଓ ସମୟ : 08.09.2025, 1100 ଘଡିକା (କ୍ରମ ସଂ. 1 ଏବଂ 2 ପାଇଁ) ଓ 09.09.2025, 1100 ଘଡିକା (କ୍ରମ ସଂ. 3 ପାଇଁ)।

ଲଟ୍ ବନ୍ଦ ହେବା ତାରିଖ ଓ ସମୟ : 08.09.2025, 1130 ଘଡିକାରେ (କ୍ରମ ସଂ. 1 ପାଇଁ), 08.09.2025, 1140 ଘଡିକାରେ (କ୍ରମ ସଂ. 2 ପାଇଁ), ଏବଂ 09.09.2025, 1130 ଘଡିକାରେ (କ୍ରମ ସଂ. 3 ପାଇଁ)

ଟ୍ରିପ୍/ଦିନ: 1096 (ସମସ୍ତ କ୍ରମ ସଂ. ନିମନ୍ତେ), ସର୍ବନିମ୍ନ ବୃଦ୍ଧି : 0.2% (ସମସ୍ତ କ୍ରମ ସଂ. ନିମନ୍ତେ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟଲଗରେ ନୂଆ (ସମସ୍ତ କ୍ରମ ସଂ. ନିମନ୍ତେ)।

ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ www.ireps.gov.inରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼

PR-530/Q/25-26

MBA/25-26/0289

ମାତୃଭାଷା

# ଖେଳ ଖବର



## ଶୁବମନ ଗିଲ୍‌ଙ୍କୁ ଭାଇରାଲ୍ ଫିଭର




**ନୂଆଦିଲ୍ଲୀ, ୨୮।୮:** ଏସିଆ କପ ୨୦୨୫ ପୂର୍ବରୁ ଭାରତୀୟ କ୍ରିକେଟ ଦଳର ଉପ-ଅଧିନାୟକ ଶୁବମନ ଗିଲଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ୍ ଖରାପ ହୋଇଛି। ତାଙ୍କୁ ଭାଇରାଲ ଜ୍ୱର ହୋଇଛି। ଏସିଆ କପ ୯ ସେପ୍ଟେମ୍ବରରୁ ୨୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଟଇରରେ ଖେଳାଯିବ। ଭାରତର ପ୍ରଥମ ମ୍ୟାଚ ସେପ୍ଟେମ୍ବର ୧୦ରେ ଟଇର ସହିତ ଅଛି। ଏହା ପରେ ଭାରତ ସେପ୍ଟେମ୍ବର ୧୪ରେ ପାକିସ୍ତାନ ସହିତ ମୁକାବିଲା କରିବ। ତଥାପି, ଗିଲ ଏସିଆ କପ ପୂର୍ବରୁ ସୁସ୍ଥ ହୋଇଯିବେ ବୋଲି ଆଶା କରାଯାଉଛି।

ଭାଇରାଲ ଜ୍ୱର ହେବା ପରେ ଶୁବମନ ଗିଲ ଦୁଲୀପ ଟ୍ରଫିରୁ ବାହାର ହୋଇଛନ୍ତି। ଗିଲ ଦୁଲୀପ ଟ୍ରଫିରେ ନର୍ଥ ଜୋନ ଦଳର ଅଧିନାୟକ ହୋଇଥିଲେ। କିନ୍ତୁ ଜ୍ୱର ହେବା ପରେ ତାଙ୍କୁ ଟୁର୍ନାମେଣ୍ଟ ଛାଡିବାକୁ ପଡିଛି ଏବଂ ଏବେ ଅଙ୍କିତ କୁମାର ତାଙ୍କ

**ଦୁଲୀପ ଟ୍ରଫିରୁ ପଡ଼ିଲେ ବାଦ୍**

ସ୍ଥାନରେ ଅଧିନାୟକ ହେବେ। ଗିଲ ଏବେ ସୁସ୍ଥ ହେଉଛନ୍ତି ଏବଂ ଶୀଘ୍ର ଅଭ୍ୟାସ ଆରମ୍ଭ କରିବେ। ତାଙ୍କ ରକ୍ତ ରିପୋର୍ଟରେ ମଧ କୌଣସି ବଡ଼ ସମସ୍ୟା ନାହିଁ।

ଗିଲ ଖୁବ ଶୀଘ୍ର ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଅଭ୍ୟାସ ଆରମ୍ଭ କରିବେ, ତାଙ୍କୁ ଏସିଆ କପରେ ଭାରତୀୟ ଦଳର ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଛି। ଏସିଆ କପ ଟି-୨୦ ଫର୍ମାଟରେ ଖେଳାଯିବ। ବିସିସିଆଇ ଭବିଷ୍ୟତରେ ଗିଲଙ୍କୁ ଟି-୨୦ର ଅଧିନାୟକ ଦାୟିତ୍ୱ ମଧ ଦେଇପାରେ। ବର୍ତ୍ତମାନ ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ ଅଛନ୍ତି।

**ଭାରତ-ପାକିସ୍ତାନ ଏସିଆ କପ୍ ମ୍ୟାଚ୍**

## ୟୁଏଇ କ୍ରିକେଟ ବୋର୍ଡର ଆଶ୍ଚର୍ଯ୍ୟକର ବୟାନ

*ୟୁଏଇ କ୍ରିକେଟ ବୋର୍ଡ଼ର ମୁଖ୍ୟ ସଞ୍ଚାଳନ ଅଧିକାରୀ ସୁଭାନ ଅହମଦ କହିଛନ୍ତି କି, ଏସିଆ କପରେ ଭାଗ ନେବା ଲାଗି ନିଜ ନିଜ ସରକାରଙ୍କ ଅନୁମତି ନେଇଛନ୍ତି । ପରେ କେହି ୧୦୦ପ୍ରତିଶତ ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ଆମକୁ ଆଶା ଅଛି କି ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବ ।*




**ନୂଆଦିଲ୍ଲୀ, ୨୮।୮:** ୨୦୨୫ ଏସିଆ କପ ୯ ସେପ୍ଟେମ୍ବରରୁ ୨୮ସେପ୍ଟେମ୍ବର ମଧ୍ୟରେ ୟୁଏଇର ଆବୁ ଧାବୀ ଏବଂ ଦୁବାଇରେ ଖେଳାଯିବ । ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ୩ମ୍ୟାଚ୍ ଖେଳାଯାଇପାରେ । ମାତ୍ର ଏହା ସେତେବେଳେ ହେବ ଯେତେବେଳେ ଦୁଇ ଟିମ୍ ଫାଇନାଲରେ ପ୍ରବେଶ କରିବେ । ଏସିଆ କପରେ ସବୁଠାରୁ ପ୍ରଥମେ ୧୪ସେପ୍ଟେମ୍ବରରେ ଭାରତ- ପାକିସ୍ତାନ ମ୍ୟାଚ୍ ଖେଳାଯିବ । ଏହା ପୂର୍ବରୁ ୟୁଏଇ କ୍ରିକେଟ ବୋର୍ଡ଼ ଭାରତ- ପାକ ମ୍ୟାଚକୁ ନେଇ ଆଶ୍ଚର୍ଯ୍ୟ କଲା ଭଳି ବୟାନ ଦେଇଛି ।

୨୦୨୫ଏସିଆ କପରେ ସବୁଠାରୁ ପ୍ରଥମେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଲିଗ ଷ୍ଟେଜରେ ୧୪ସେପ୍ଟେମ୍ବରରେ ମ୍ୟାଚ ଖେଳାଯିବ । ଏହା ପରେ ଦୁଇଟି ଟିମ୍ ୨୧ସେପ୍ଟେମ୍ବରରେ ସୁପର-୪ରାଉଣ୍ଡରେ ସାମ୍ନାସାମ୍ନି ହେବେ । ଯଦି ଏହାପରେ ଦୁଇ ଟିମ୍ ଫାଇନାଲରେ ପ୍ରବେଶ କରନ୍ତି ତେବେ ପୁଣି ୨୮ସେପ୍ଟେମ୍ବରରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଟାଇଟେଲ ପାଇଁ ଲଢେଇ ହେବ । ଏହିଭଳି ଭାବେ ୨୦୨୫ଏସିଆ କପରେ ଭାରତ- ପାକ ମଧ୍ୟରେ ୩ମ୍ୟାଚ ସମ୍ଭବ ଅଟେ ।

ୟୁଏଇ କ୍ରିକେଟ ବୋର୍ଡ଼ର ମୁଖ୍ୟ ସଞ୍ଚାଳନ ଅଧିକାରୀ ସୁଭାନ ଅହମଦ କହିଛନ୍ତି କି, ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତ ଜୋରସୋର ଚାଲିଛି । ସବୁ ବୋର୍ଡ଼ ୨୦୨୫ ଏସିଆ କପରେ ଭାଗ ନେବା ଲାଗି ନିଜ ନିଜ ସରକାରଙ୍କ ଅନୁମତି ନେଇଛନ୍ତି । ପରେ କେହି ୧୦୦ପ୍ରତିଶତ ଗ୍ୟାରେଣ୍ଟି ଦେଇପାରିବେ ନାହିଁ । ଆମକୁ ଆଶା ଅଛି କି ଭାରତୀୟ ଟିମ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଖେଳିବ । ସେହିଭଳି ଆଗକୁ କହିଛନ୍ତି କି ଆମକୁ ଏହାର ବହିଷ୍କାର କରିବାକୁ କୌଣସି ଧମକ ମିଳିନାହିଁ । ଫ୍ୟାନ୍ସ ସବୁବେଳେ କ୍ରିକେଟ ଏବଂ ରାଜନୀତିକୁ ଭିନ୍ନ ଭିନ୍ନ ଦେଖିଥାନ୍ତି । ଏଥର ବି ଆମକୁ ଆଶା ରହିଛି ।

## ଅବସର ପ୍ରସଙ୍ଗକୁ ନେଇ ବଡ଼ ବୟାନ ଦେଲେ ଶାମି

**ମୁମ୍ବାଇ ୨୮।୮:** ଅବସରେ ତାଲିକାରେ ଯୋଡି ହେଉଛନ୍ତି ଅନେକ କ୍ରିକେଟର । ପୂର୍ବତନ ଭାରତୀୟ କ୍ରିକେଟର ଚେତେଶ୍ୱର ପୂଜାରାଙ୍କ ପରେ ରବିଚନ୍ଦ୍ରନ ଅଶ୍ୱିନ । ଜଣଙ୍କ ପରେ ଜଣେ ଛାଡୁଛନ୍ତି ଖେଳ । ଏହାରି ଭିତରେ ଭାରତୀୟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମୀଙ୍କ ଭବିଷ୍ୟତ ନେଇ ବି ପ୍ରଶ୍ନ ଉଠୁଥିଲା । ତେବେ ଚାଲିଥିବା ଚର୍ଚ୍ଚା ଭିତରେ ନୀରବତା ଭାଙ୍ଗିଛନ୍ତି ଏହି ବୋଲର । ଗୁଜବକୁ ସଂପୂର୍ଣ୍ଣ ଖାରଜ କରିଛନ୍ତି । ସେ କହିଥିଲେ ଯେ ତାଙ୍କର ବର୍ତ୍ତମାନ ଅବସର ନେବାର କୌଣସି ଇଚ୍ଛା ନାହିଁ । ଏହି ସମୟରେ ଶାମୀ ସେହି ଲୋକମାନଙ୍କୁ ଟାର୍ଗେଟ କରିଛନ୍ତି । କହିଛନ୍ତି ଯେଉଁମାନେ ତାଙ୍କ ଅବସର ପାଇଁ ଅଧିକ ଆଗ୍ରହ, ସେମାନେ ଆସି ମୋତେ କୁହନ୍ତୁ ।



ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପରେ, ଏସିଆ କପ୍ ପାଇଁ ଟିମ୍ ଇଣ୍ଡିଆରୁ ମଧ ବାହାର ଥିବା ମହମ୍ମଦ ଶାମୀ କହିଥିଲେ ଯେ ସେ ତାଙ୍କ ମନୋବଳ ଦୁର୍ବଳ ନପାଇବା ପର୍ଯ୍ୟନ୍ତ ଖେଳିବେ । ଏକ ସାକ୍ଷାତକାର ସମୟରେ ସେ କହିଥିଲେ, 'ଯଦି କାହାର କୌଣସି ସମସ୍ୟା ଅଛି, ତେବେ ମୋତେ କୁହ, ମୁଁ ଅବସର ନେଲେ କ'ଣ ସେମାନଙ୍କର ଲାଇଫ୍ ସେଟଲ ହୋଇଯିବ କି ? ମୋତେ କୁହ, ମୁଁ କାହାର ପଥର କଣ୍ଟା ସାଜିଛି କି ? ଯେ ତୁମେ ମୋତେ ଅବସର ଦେବାକୁ ଚାହୁଁଛ ? ଯେଉଁଦିନ ମୁଁ ରିଜିଡ୍ ହୋଇଯିବି,

**• ଅବସର ଚର୍ଚ୍ଚାକୁ କଲେ ଖଣ୍ଡନ**

**• କହିଲେ- ଯାହାର ଅସୁବିଧା ଅଛି ମୋତେ ଆସି କୁହନ୍ତୁ**

ସେବେ ମୁଁ ନିଜେ ଛାଡିଦେବି ।

ଟିମ୍ ଇଣ୍ଡିଆର ଏହି ଦ୍ରୁତ ବୋଲର ଆହୁରି କହିଛନ୍ତି, 'ତୁମେ ମୋତେ ଚୟନ ନକରିପାର । କିନ୍ତୁ ମୁଁ କଠିନ ପରିଶ୍ରମ ଜାରି ରଖିବି । ଯଦି ତୁମେ ମୋତେ ଅନ୍ତର୍ଜାତୀୟ କ୍ରିକେଟରେ ଚୟନ ନ କର, ତେବେ ମୁଁ ଘରୋଇ କ୍ରିକେଟ ଖେଳିବି । ମୁଁ କୌଣସି ସ୍ଥାନରେ ଖେଳିବି । ୩୪ ବର୍ଷୀୟ ଖେଳାଳି କହିଛନ୍ତି ଯେ ଅବସର ନେବାର ସଠିକ୍ ସମୟ ଏପର୍ଯ୍ୟନ୍ତ ଆସିନାହିଁ।

ମହମ୍ମଦ ଶାମୀ କହିଛନ୍ତି ଯେ ମୋର ଡବ୍ଲ୍ୟୁଓ ବିଶ୍ୱକପ୍ ଜିତିବାର ସ୍ୱପ୍ନ ଏପର୍ଯ୍ୟନ୍ତ ଅପୂର୍ଣ୍ଣ । ୨୦୨୩ ମସିହାରେ, ଆମେ ବହୁତ ନିକଟତର ହୋଇଥିଲୁ । କିନ୍ତୁ ଆମେ ଏହାକୁ ଜିତିପାରିଲୁ ନାହିଁ। ମୁଁ ୨୦୨୭ ମସିହାରେ ସେଠାରେ ପହଞ୍ଚିବାକୁ ଚାହୁଁଛି । ତାଙ୍କ ଫିଟନେସ୍ ବିଷୟରେ, ମହମ୍ମଦ ଶାମୀ କହିଛନ୍ତି ଯେ ମୁଁ ଗତ ଦୁଇ ମାସ ମଧ୍ୟରେ ବହୁତ କଠିନ ପରିଶ୍ରମ କରିଛି। ବିଶେଷକରି ଓଜନ ହ୍ରାସ କରିବା ଓ ଦୀର୍ଘ ସମୟ ଧରି ବୋଲିଂ ଉପରେ।

ଏହି ସମୟରେ, ସେ କହିଥିଲେ ଯେ ମୁଁ ଏବେ ବି କ୍ରିକେଟକୁ ବହୁତ ଭଲ ପାଏ। ଯେଉଁ ଦିନ ମୋର ଉତ୍ସାହ କମିଯିବ, ମୁଁ ନିଜେ ଏହାକୁ ଛାଡିଦେବି। ସେ ପର୍ଯ୍ୟନ୍ତ ମୁଁ ଲଢ଼ିବି। ମହମ୍ମଦ ଶାମୀ ଶେଷ ଥର ପାଇଁ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ । ଯାହା ପରେ ସେ ଟିମ୍‌ରେ ସ୍ଥାନ ପାଇପାରିଲେ ନାହିଁ। ଇଣ୍ଡିଆନ୍ ପ୍ରିମିୟର ଲିଗ ୨୦୨୫ ସମୟରେ ମଧ, ସେ ବୋଲିଂ କରିବା ସମୟରେ ତାଙ୍କ ଲୟ ସହିତ ସଂଘର୍ଷ କରୁଥିବା ଦେଖାଯାଇଥିଲା।

## ଜିଲ୍ଲାସ୍ତରୀୟ ସ୍କୁଲ ଗେମ୍ ଟାଏକୋଣ୍ଡୋ ପ୍ରତିଯୋଗିତା

**ବଲାଙ୍ଗୀର, ୨୮।୮:** ସ୍ଥାନୀୟ ରେଲୱେ ଷ୍ଟେସନ ଛକ ସ୍ଥିତ ଅସିମ ଟାଇକଣ୍ଡୋ ଏକାଡେମୀରେ ବଲାଙ୍ଗୀର ସ୍କୁଲ ସ୍ପୋର୍ଟ୍ସ ଏସୋସିଏସନ ତରଫରୁ ଜିଲ୍ଲା ସ୍ତରୀୟ ସ୍କୁଲ ଗେମ୍ ଟାଇକଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ବିଭାଗ ତରଫରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ବଲାଙ୍ଗୀର ଜିଲ୍ଲା ଟାଇକଣ୍ଡୋ ସଂଘର ସାଧାରଣ ସଂପାଦକ ତଥା କୋଚ ଅସୀମ କୁମାର ଭୋଇଙ୍କୁ ଦାୟିତ୍ୱ ଦିଆଯାଇଥିବାର ସୂଚନା ମିଳିଛି। ଏହି ପ୍ରତିଯୋଗିତା ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୀନା କୁମାରୀ ବେହେରା ଯୋଗଦାନ ଦେଇ ଫିଟାକାଟି ଶୁଭାରମ୍ଭ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର



ଯୋଗଦାନ ଦେଇ ଏହି ସ୍କୁଲ ଗେମ୍ ଟାଇକଣ୍ଡୋ ଖେଳରେ ଜାତୀୟ ସ୍ତରରେ ମେଡାଲ ଆଣି ନିଜ ଭବିଷ୍ୟତ ଗଠନ କରିବାରେ ସାକାର ହୁଅନ୍ତୁ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ଅଣ୍ଡର-୧୪ ଓ ଅଣ୍ଡର-୧୭ ବର୍ଗରେ ବିଭିନ୍ନ ସରକାରୀ ସ୍କୁଲର ୬୮ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଜାତୀୟ ସ୍ତରୀୟ ରେଫରି ଅସୀମ ଭୋଇ ରେଫରି ଦାୟିତ୍ୱ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ପର୍ଯ୍ୟବେକ୍ଷକ ନରେନ୍ଦ୍ର ମିଶ୍ର, ପିଇଟି ଚନ୍ଦ୍ର ମେହେର, ରାଜ କୁମାର ପାଣିଗ୍ରାହୀ, ସୁଜାତା ମଲ୍ଲିକ, ସସ୍ମିତାରାଣୀ ମିଶ୍ର ଓ ନରସିଂସାମୀ ନାଇଡୁ ସହଯୋଗ କରିଥିଲେ।

## ଆରମ୍ଭ ହେଲା ଦୁଲୀପ ଟ୍ରଫି: ମାଲେୱାର ଓ ପାଟିଦାରଙ୍କ ଶତକ

**ନୂଆଦିଲ୍ଲୀ, ୨୮।୮:** ଆରମ୍ଭ ହୋଇଛି ଦୁଲିପ ଟ୍ରଫି ୨୦୨୫ । ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚ୍ ସେଣ୍ଟ୍ରାଲ ଜୋନ୍ ଏବଂ ନର୍ଥ ଇଷ୍ଟ ଜୋନ୍ ମଧ୍ୟରେ ଚାଲିଛି । ଦ୍ୱିତୀୟ ମ୍ୟାଚ୍ ଉତ୍ତର ଜୋନ୍ ଏବଂ ପୂର୍ବ ଜୋନ୍ ମଧ୍ୟରେ ଖେଳାଯାଉଛି । ଏହି ଦୁଇଟି ମ୍ୟାଚ୍ ବେଙ୍ଗାଲୁରୁରେ ବିସିସିଆଇର ସେଣ୍ଟର ଅଫ୍ ଏକ୍ସଲେନ୍ସର ଭିନ୍ନ ଭିନ୍ନ ପଡ଼ିଆରେ ଖେଳାଯାଉଛି ।

ଏହି ମ୍ୟାଚରେ ସେଣ୍ଟ୍ରାଲ୍ ଜୋନ୍‌ର ଅଧିନାୟକ ରଜତ ପାଟିଦାର ଏକ ଚମତ୍କାର ଶତକୀୟ ଇନିଂସ ଖେଳିଥିଲେ । ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ୨୦୨୫ରେ ଆରସିବି (ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର)ର ଅଧିନାୟକତ୍ୱ କରିଥିବା ପାଟିଦାର ୧୨୫ ରନ୍ କରିଥିଲେ । ମ୍ୟାଚ୍‌ର ପ୍ରଥମ ଦିନରେ ସେଣ୍ଟ୍ରାଲ୍ ଜୋନ୍ ୭୭ ଓଭରରେ ୨ ୱିକେଟ୍ ହରାଇ ୪୩୨ ରନ୍ କରିଛି । କିନ୍ତୁ ମ୍ୟାଚ୍‌ର ପ୍ରଥମ ଦିନରେ ଦାନିଶ ମାଲେୱାର ସବୁଠାରୁ ଅଧିକ ଦୃଷ୍ଟି ଆକର୍ଷଣ କରିଥିଲେ। ଦାନିଶ ତାଙ୍କର ଦ୍ୱିଶତକଠାରୁ ୨ ରନ୍ ଦୂରରେ ଅଛନ୍ତି । ସେ ଏପର୍ଯ୍ୟନ୍ତ ୧୯୮ ରନ୍ କରିଛନ୍ତି । ଦାନିଶଙ୍କ ସହିତ ୟଶ ରାଠୋଡ୍ (୩୨) ମଧ କ୍ରିଜ୍‌ରେ ଉପସ୍ଥିତ ଅଛନ୍ତି।



ଡାନିଶ ମାଲେଭର ଜଣେ ୨୧ ବର୍ଷୀୟ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍ ଯିଏ ବିଦର୍ଭ ପାଇଁ ଖେଳୁଛନ୍ତି । ୨୦୨୫ ରଣଜୀ ଟ୍ରଫି ଫାଇନାଲରେ ସେ କେରଳ ବିପକ୍ଷରେ ୧୫୩ ଏବଂ ୭୩ ରନ କରିଥିଲେ, ଯାହା ଯୋଗୁଁ ବିଦର୍ଭ ଟାଇଟଲ ଜିତିଥିଲା । ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା, ସେ ୧୦ ପ୍ରଥମ ଶ୍ରେଣୀ ମ୍ୟାଚ୍ ରେ ୬୫.୪ ହାରରେ ୯୮୧ ରନ କରିଛନ୍ତି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିଲା ସେଣ୍ଟ୍ରାଲ ଜୋନ୍ । ମାତ୍ର ୪ ରନରେ ଆୟୁଷ ପାଣ୍ଡେ (୩)ଙ୍କ ରୂପରେ ପ୍ରଥମ ୱିକେଟ୍ ହରାଇଥିଲା । ଏହାପରେ, ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଆର୍ଯ୍ୟନ୍ ଜୁୟାଲ୍ ଭଲ ଖେଳୁଥିଲେ । କିନ୍ତୁ, ସେ ମଧ ୩୭ତମ ଓଭରରେ ୬୦ ରନ୍ କରିବା ପରେ ରିଟାୟାର୍ଡ ହର୍ଟ ହୋଇଥିଲେ ।

ଏହାପରେ ଅଧିନାୟକ ରଜତ ପାଟିଦାର କ୍ରିଜକୁ ଆସିଥିଲେ ଏବଂ ଦାନିଶ ମାଲେୱାରଙ୍କ ସହ ମିଶି ୧୭୪ ବଲ୍ ରେ ୨୦୫ ରନ୍ ର ପାର୍ଟନରସିପ୍ କରିଥିଲେ । ରଜତ ମାତ୍ର ୮୦ ବଲ୍ ରେ ତାଙ୍କର ଶତକ ପୂରଣ କରିଥିଲେ । ସେ ୬୬ତମ ଓଭରରେ ଫିରୋଜାମ ଜୋଟିନଙ୍କ ବଲ୍ ରେ କ୍ୟାଚ୍ ଆଉଟ୍ ହୋଇଥିଲେ ।

ରଜତ ୯୬ ବଲ୍‌ରେ ୧୩୦.୨୦ ଷ୍ଟ୍ରାଇକ୍ ରେଟ୍‌ରେ ୧୨୫ ରନ୍ କରିଥିଲେ । ସେ ତାଙ୍କ ଇନିଂସ୍‌ରେ ୨୧ ଚୌକା ଏବଂ ୩ ଛକା ମାରିଥିଲେ । ଦାନିଶ ମାଲେୱାର ୨୧୯ ବଲ୍‌ରେ ୧୯୮ ରନ୍ କରିବା ପରେ ଏପର୍ଯ୍ୟନ୍ତ ଅପରାଜିତ ଅଛନ୍ତି । ସେ ତାଙ୍କ ଇନିଂସ୍‌ରେ ୩୧ ଚୌକା ଏବଂ ୧ ଛକା ମାରିଛନ୍ତି ।

ରଜତ ପାଟିଦାର ୬୯ ପ୍ରଥମ ଶ୍ରେଣୀ ମ୍ୟାଚ୍ (୨୮ ଅଗଷ୍ଟର ଇନିଂସ ସମେତ) ରେ ୪୮୬୩ ରନ କରିଛନ୍ତି । ଯେଉଁଥିରେ ତାଙ୍କର ୧୪ ଶତକ ଏବଂ ୨୪ ଅର୍ଦ୍ଧଶତକ ଅଛି । ସେ ମଧ୍ୟପ୍ରଦେଶ ପାଇଁ ଘରୋଇ କ୍ରିକେଟ ଖେଳନ୍ତି । ରଜତ ଅକ୍ଟୋବର ୨୦୧୫ ରେ ଭଦୋଦରା ବିପକ୍ଷରେ ତାଙ୍କର ପ୍ରଥମ ଶ୍ରେଣୀ ଡେବ୍ୟୁ କରିଥିଲେ। ରଜତ ପାଟିଦାର ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଲିଗ୍ ଆଇପିଏଲରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଜଣେ ବ୍ୟାଟସମ୍ୟାନ୍ ଭାବରେ ହେଉ କିମ୍ବା ଅଧିନାୟକ ଭାବରେ, ରଜତ ପ୍ରତ୍ୟେକ ବିଭାଗରେ ତାଙ୍କ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛନ୍ତି । ସେ ଆଇପିଏଲରେ ୪୨ ମ୍ୟାଚ୍ ରେ ୩୦.୮୬ ହାରରେ ୧୧୧୧ ରନ୍ କରିଛନ୍ତି । ଯେଉଁଥିରେ ସେ ୧ ଶତକ ଏବଂ ୯ ଅର୍ଦ୍ଧଶତକ ହାସଲ କରିଛନ୍ତି। ରଜତଙ୍କ ଅଧିନାୟକତ୍ୱରେ ଆରସିବି ୨୦୨୫ ମସିହାରେ ଆଇପିଏଲରେ ପ୍ରଥମ ଥର ପାଇଁ ଚାମ୍ପିଅନ୍ ହୋଇଥିଲା ।

## ଆଜିଠାରୁ ଏସିଆ କପ୍ ହକି ଆରମ୍ଭ

**ରାଜଗିର, ୨୮।୮:** ପୁରୁଷ ଏସିଆ କପ୍ ହକିର ଦ୍ୱାଦଶ ସଂସ୍କରଣ ଶୁକ୍ରବାରଠାରୁ ବିହାରର ରାଜଗିରଠାରେ ୮ଟି ଦଳକୁ ନେଇ ଆରମ୍ଭ ହେବ। ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ବିଜେତା ନେଦରଲାଣ୍ଡ୍ସ ଓ ବେଲଜିୟମ୍‌ରେ ଖେଳାଯିବାକୁ ଥିବା ୨୦୨୬ ପୁରୁଷ ହକି ବିଶ୍ୱକପ୍ ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିବ। ଏହି ପ୍ରତିଯୋଗିତାର ଗତ ସଂସ୍କରଣରେ ଦକ୍ଷିଣ କୋରିଆ ବିଜେତା ହୋଇଥିଲା। ଅନ୍ୟତମ ସଫଳ ଦଳ ଭାରତ ଗତ ସଂସ୍କରଣରେ ଟ୍ରଫି ଉତ୍ତୋଳନ କରିବାକୁ ବିଫଳ ହୋଇଥିବାରୁ ଚଳିତ ସଂସ୍କରଣରେ ଘରୋଇ ପରିବେଶରେ ଚତୁର୍ଥ ଏସିଆ କପ୍ ଟ୍ରଫି ଜିତିବା ଲକ୍ଷ୍ୟରେ ରହିବ। ତେବେ ଭାରତ ସହ ତିକ୍ତ ସଂପର୍କ ପାଇଁ ଅନ୍ୟତମ ଏସୀୟ ଶକ୍ତି ପାକିସ୍ତାନ ସୁରକ୍ଷା କାରଣ ଦର୍ଶାଇ ଏହି ପ୍ରତିଯୋଗିତାରୁ ଓହରି ଯାଇଛି।

**• ଚତୁର୍ଥ ଥର ବିଜେତା ହେବା ଲକ୍ଷ୍ୟରେ ଭାରତ**




ଏଣୁ ପ୍ରଶଂସକମାନେ ଭାରତ-ପାକିସ୍ତାନ ମହାମୁକାବିଲା ଦେଖିବାରୁ ବଞ୍ଚିତ ହେବେ। ପାକିସ୍ତାନ ବଦଳରେ ବାଂଲାଦେଶ ଖେଳିବାର ସୁଯୋଗ ପାଇବ। ସେହିଭଳି ଆର୍ଥିକ ସଙ୍କଟ ତଥା ଅନ୍ୟାନ୍ୟ କାରଣ ଦର୍ଶାଇ ଓମାନ ଓହରିଯିବା ପରେ କାଜାଖସ୍ତାନ ଏହି ଦଳର ସ୍ଥାନ ନେବେ। ଏସୀୟ ମାନ୍ୟତାର ପ୍ରଥମ ସ୍ଥାନରେ ଥିବା ଭାରତ ପାଇଁ ଏହି ପ୍ରତିଯୋଗିତା ଜିତିବାରେ ବିଶେଷ ଅସୁବିଧା ହେବା କଥା ନୁହେଁ। ତେବେ ଭାରତ ଚତୁର୍ଥ ଥର ବିଜେତା ହେବା ବାଟରେ ସର୍ବାଧିକ ୫ଥର ବିଜେତା ହୋଇଥିବା ଦକ୍ଷିଣ କୋରିଆ ପ୍ରମୁଖ ପ୍ରତିବନ୍ଧକ ହୋଇପାରେ। ଭାରତ ଛଡ଼ା ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଅନ୍ୟ ଦଳଗୁଡ଼ିକ ହେଲା ଚୀନ, ଜାପାନ, କାଜାଖସ୍ତାନ, ବାଂଲାଦେଶ, ଚାଇନିଜ୍ ତାଇପେଇ, ମାଲେସିଆ ଓ ଦକ୍ଷିଣ କୋରିଆ। ପୁଲ୍ 'ଏ'ରେ ଭାରତ ସହ ଜାପାନ, ଚୀନ ଓ କାଜାଖସ୍ତାନ ଅଛନ୍ତି। ଭାରତୀୟ ଦଳରେ ଓଡ଼ିଶାର ରକ୍ଷଣଭାଗ ଖେଳାଳି ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା ଓ ନୀଲମ ସଂଜୀପ ଖେସ୍ ଥିବାରୁ ଏହି ପ୍ରତିଯୋଗିତାରେ ଓଡ଼ିଆ ଛାପ ମଧ ରହିବ।

**■ ଶରଧାପୁର ଫୁଟବଲ ଲିଗ୍**

## କେରଙ୍ଗ ୨-୦ରେ ବିଜୟୀ

**ଖୋର୍ଦ୍ଧା, ୨୮।୮:** ଖୋର୍ଦ୍ଧା ଉପକଣ୍ଠ ଶରଧାପୁର ସ୍ପୋର୍ଟସ ଆସୋସିଏସନ୍ ଆନୁକୁଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଶରଧାପୁର ଫୁଟବଲ ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଆଜିର ଖେଳ କେରଙ୍ଗ ଓ ପୋଡପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ କେରଙ୍ଗ ଦଳର ଏସ କେ ବସିର ୨ଟି ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇ ଜିତିଥିଲେ। ଆଜିର ଏହି ମ୍ୟାଚରେ ଅତିଥି ଭାବେ ସଂଘର୍ ସଭାପତି ମହମ୍ମଦ ଜମିରୁଲ ରହେମନ, ପୂର୍ବତନ ସରପଂଚ ଲକ୍ଷ୍ମୀଧର ବଡଜେନା, ମୀନକେତନ ବଡଜେନା, ଏସ କେ ସଖବତ, ଦେବରାଜ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଖେଳକୁ ସାଗିର ଅହମ୍ମଦ ପରିଚାଳନା କରିଥିବା ବେଳେ ଇଜାଜ ହୁସେନ, ଅମଜଦ ଖାଁ ଓ ସୌକତ ଅହମ୍ମଦ ତାଙ୍କୁ ଲାଇନରେ ସହାୟତା କରିଥିଲ । ତେବେ ଆସନ୍ତାକାଲି ବେଣାପଞ୍ଜରି ଓ ତରତୁଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସ୍ପୋର୍ଟସ ଆସୋସିଏସନ୍ ସମ୍ପାଦକ ଏସ ଇ ହୁଦା ସୁଚନା ଦେଇଛନ୍ତି।



## ଦଳାଚକଟା ଘଟଣାର ୩ ମାସ ପରେ ମୁହଁ ଖୋଲିଲା ଆରସିବି

### ୩ ଜୁନ୍‌ରେ ଆମେ ବହୁତ ଖୁସି ଥିଲୁ, ହେଲେ ୪ ଜୁନ୍‌ରେ ସବୁ କିଛି ବଦଳିଗଲା

**ନୂଆଦିଲ୍ଲୀ, ୨୮।୮:** ୧୭ ବର୍ଷ ଅପେକ୍ଷା ପରେ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୫ ର ଟାଇଟଲ ଜିତିଲା । ଜୁନ୍ ୩ ତାରିଖରେ ଅହମ୍ମଦାବାଦରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରି ଆରସିବି ଚାମ୍ପିଅନ ହୋଇଥିଲା । ଏହାପରେ ଜୁନ୍ ୪ରେ ତାଙ୍କ ଘର ବେଙ୍ଗାଲୁରୁରେ ଉତ୍ସବ ପାଳନ କରିଥିଲା । ବିଜୟ ପରେଡ୍ ସମୟରେ ଦଳାଚକଟା ଘଟିବାରୁ ଏହି ଉତ୍ସବ ଶୋକରେ ପରିଣତ ହୋଇଥିଲା । ଏହି ଦୁର୍ଘଟଣାରେ ୧୧ଜଣ ପ୍ରାଣ ହରାଇଥିଲେ । ଏହି ଘଟଣାର ୩ ମାସ ପରେ ନୀରବତା ଭାଙ୍ଗିଛି ଆରସିବି । ସୋସିଆଲ ମିଡିଆରେ ଏକ ଭାବବିହ୍ୱଳ ପୋଷ୍ଟ କରିଛି । ସେ ଲେଖିଛି ଯେ, ଜୁନ୍ ୩ ଆମକୁ ବହୁତ ଖୁସି ଦେଇଥିଲା, କିନ୍ତୁ ଜୁନ୍ ୪ ସବୁକିଛି ବଦଳାଇ ଦେଇଥିଲା ।

ଆରସିବି ତାର ସୋସିଆଲ ମିଡିଆରେ ପୋଷ୍ଟ କରି ଲେଖିଛି, 'ଆମର ନୀରବତା ଅର୍ଥ ଅନୁପସ୍ଥିତି ନୁହେଁ ବରଂ ଦୁଃଖ ଥିଲା । ଯେଉଁ ସ୍ଥାନଟି, ସ୍ମୃତି ଏବଂ ଆନନ୍ଦଦାୟକ ମୁହୂର୍ତ୍ତଗୁଡ଼ିକରେ ପରିପୂର୍ଣ୍ଣ ଥିଲା ଯାହାକୁ ଆପଣ ସବୁଠାରୁ ଅଧିକ ଉପଭୋଗ କରିଥିଲେ, କିନ୍ତୁ ଜୁନ୍ ୪ ପରେ ସବୁକିଛି ବଦଳି ଯାଇଥିଲା । ସେହି ଦିନଠାରୁ ଆମକୁ ନୀରବତା କବଜା କରି ନେଇଥିଲା । ଏହି ନୀରବତାରେ ଆମେ ଶୋକ କରିଥିଲୁ, ଶୁଣିପାରୁଥିଲୁ ଏବଂ ଶିଖୁଥିଲୁ। ଏହିପରି ଭାବେ ଧୀରେ ଧୀରେ ଆରସିବି ନିଜକୁ ଫେରି ପାଇଛି । ଆମର ପ୍ରଶଂସକମାନଙ୍କ ସହିତ ଆମେ ସର୍ବଦା ଛିଡ଼ା ହୋଇଛୁ । ଆମେ ଏବେ ଆମର ପ୍ରଶଂସକମାନଙ୍କ ସହିତ ଉତ୍ସବ ନୁହେଁ ବରଂ ଯତ୍ନର ସହିତ ଆଗକୁ ବଢୁଛୁ ।"



ଜୁନ୍ ୪ ତାରିଖରେ କ'ଣ ଘଟିଥିଲା ଜୁନ୍ ୩ ତାରିଖରେ ଅହମ୍ମଦାବାଦରେ ପଞ୍ଜାବ କିଙ୍ଗସ୍‌କୁ ପରାସ୍ତ କରିଥିଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ଆରସିବି ୧୭ ବର୍ଷ ପରେ ଆଇପିଏଲ୍ ଟାଇଟଲ୍ ଜିତିଥିଲା । ଏହାର ପରଦିନ ଅର୍ଥାତ୍ ଜୁନ୍ ୪ ତାରିଖରେ ଆରସିବି ଟିମ୍ ସେମାନଙ୍କ ଘର ବେଙ୍ଗାଲୁରୁକୁ ଫେରିଥିଲା । ହୋମ୍ ଗ୍ରାଉଣ୍ଡ ଏମ୍. ଚିନ୍ନାସାମୀ ଷ୍ଟାଡିୟମରେ ଏକ ବିଜୟ ପରେଡ୍ ଆୟୋଜନ କରାଯାଇଥିଲା। ଏହି ସମୟରେ, ଷ୍ଟାଡିୟମ ବାହାରେ ବହୁ ସଂଖ୍ୟକ ଲୋକଙ୍କ ଭିଡ଼ ଯୋଗୁଁ ଦଳାଚକଟା ହୋଇଥିଲା । ଯେଉଁଥିରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରାୟ ୫୦ ଜଣ ଆହତ ହୋଇଥିଲେ । ଏହି ମାମଲାରେ କର୍ଣ୍ଣାଟକ ସରକାର ଜୁଲାଇରେ ଆରସିବି ବିରୋଧରେ ମାମଲା ରୁଜୁ କରିବାକୁ ଅନୁମତି ଦେଇଥିଲେ । ପ୍ରତ୍ୟେକ ମୃତକଙ୍କୁ ୧୦ ଲକ୍ଷ ଟଙ୍କା ସହାୟତା ଦେଇଥିଲା ବେଙ୍ଗାଲୁରୁ ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar